
'ନାଗଜିଲା'ରେ
ରବି କିଷନ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-26 ♦MONDAY ♦20 JULY 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୨୬ ♦ସୋମବାର ♦୨୦ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୮,୦୦୦ ଭାରତୀୟଙ୍କୁ ତଡ଼ିବ ଆମେରିକା

### ମିଳିବନି ଓକିଲ କିମ୍ବା ଅପିଲ୍‌ର ସୁଯୋଗ

■ ନ୍ୟୁୟର୍କ, ୧୯।୭ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦେଶରେ ବେଆଇନ ଭାବେ ରହୁଥିବା ପ୍ରବାସୀମାନଙ୍କ ବିରୋଧରେ ଏକ ବଡ଼ ଧରଣର ବିତାଡ଼ନ ବା ଡିପୋର୍ଟେସନ୍ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରକ୍ରିୟାରେ ପ୍ରାୟ ୧୮,୦୦୦ ବେଆଇନ ଭାରତୀୟ ପ୍ରବାସୀଙ୍କୁ ଆମେରିକାରୁ ବାହାର କରିଦିଆଯିବାର ଆଶଙ୍କା ଦେଖାଦେଇଛି। ଏଥର ମଧ୍ୟ ପ୍ରଶାସନ ସେମାନଙ୍କୁ ପଠାଇବା ପାଇଁ ସାମରିକ ବିମାନ ବ୍ୟବହାର କରିବାକୁ ପ୍ରସ୍ତୁତି ଚଳାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଗିରଫ ହେବାକୁ ଥିବା ବ୍ୟକ୍ତିମାନଙ୍କୁ କୌଣସି ଆଇନଗତ ସହାୟତା, ଓକିଲ କିମ୍ବା କୋର୍ଟରେ ଅପିଲ୍ କରିବାର ସୁଯୋଗ ମିଳିବ ନାହିଁ। ଆମେରିକାର ନ୍ୟୁୟର୍କ, ଟେକ୍ସାସ, କାଲିଫର୍ଣ୍ଣିଆ ଏବଂ ନ୍ୟୁଜର୍ସି ଭଳି ପ୍ରମୁଖ ସହରଗୁଡ଼ିକରେ ଇମିଗ୍ରେସନ ଆଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ (ଆଇସିଇ) ପକ୍ଷରୁ କ୍ରମାଗତ ଭାବେ ଚଢ଼ଉ ଜାରି ରହିଛି, ଯାହା ଭାରତୀୟମାନଙ୍କ ମଧ୍ୟରେ ହତୋତ୍ସାହ ଓ ଆତଙ୍କ ସୃଷ୍ଟି କରିଛି। ବିତାଡ଼ିତ ହେବାକୁ ଥିବା ଲୋକଙ୍କୁ ରଖିବା ପାଇଁ ସରକାର ପ୍ରାୟ ୧୬,୫୦୦ କୋଟି ଟଙ୍କା ଖର୍ଚ୍ଚ କରି ଦୁଇଟି ବିଶାଳ ଗୋଦାମ ଗୃହକୁ ନୂତନ ସ୍ପେଶାଲ ଡିଟେନସନ ସେଣ୍ଟର (ଅଟକ କେନ୍ଦ୍ର)ରେ ପରିଣତ କରିଛନ୍ତି। ବରିଷ୍ଠ ଆଇନଜୀବୀମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ବେଆଇନ ପ୍ରବାସୀଙ୍କୁ ନିଜ ପକ୍ଷ ରଖିବାକୁ ଶୁଣାଣିର ସୁଯୋଗ ମିଳୁଥିଲା, କିନ୍ତୁ ଏବେ ସିଧାସଳଖ ଅଟକ କେନ୍ଦ୍ରକୁ ପଠାଯାଉଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟର ସୂଚନା ଅନୁଯାୟୀ, ଗତ ୨୦୨୫ ମସିହାରେ ଆମେରିକା

## ଜୀବନ ହାରିଲେ ଆଇଟି ଗୋଲ୍ଡ ମେଡାଲିଷ୍ଟ

### ୫୦ ଥର ସରକାରୀ ଚାକିରି ପରୀକ୍ଷାରେ ବିଫଳ



■ କାନପୁର, ୧୯।୭ (ଏଜେନ୍ସି): ସରକାରୀ ଚାକିରି ପାଇଁ ଚାଲିଥିବା ଅନ୍ଧ ଦୌଡ଼ ଆଉ ଏକ ମୂଲ୍ୟବାନ ଜୀବନ ନେଇଛି। କାନପୁରର ଗୋବିନ୍ଦ ନଗର ଥାନା ଅନ୍ତର୍ଗତ ଗୁଜୈନୀ ଅଞ୍ଚଳରେ ଜଣେ ୨୩ ବର୍ଷୀୟ ବିଟେକ୍ ସ୍ୱର୍ଣ୍ଣ ପଦକ ବିଜେତା ଯୁବକ ପ୍ରାୟ ୫୦ ଥର ଚେଷ୍ଟା କରି ମଧ୍ୟ ସରକାରୀ ଚାକିରି ପାଇବାରେ ବିଫଳ ହେବା ପରେ ଫାଶୀଦେଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାମ ଆନନ୍ଦ କୁମାର ବୋଲି ଜଣାପଡ଼ିଛି। ଘର ଭିତରୁ ପୁଲିସ ଏକ ସୁସାଇଡ୍ ନୋଟ୍ ଉଦ୍ଧାର କରିଛି। ସେଥିରେ ଆନନ୍ଦ ନିଜ ପିତାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, 'ସରି ପାପା, ମୁଁ ୫୦ ଥର ସରକାରୀ ଚାକିରି ପାଇଁ ଚେଷ୍ଟା କଲି, କିନ୍ତୁ ସଫଳ ହୋଇପାରିଲି ନାହିଁ। ମୋତେ କ୍ଷମା କରିଦେବେ।' ସୂଚନା ଅନୁଯାୟୀ, ଆନନ୍ଦଙ୍କ ପରିବାର ମୂଳତଃ ବିହାରର ବକ୍ସର ଅଞ୍ଚଳର ବାସିନ୍ଦା। ଆନନ୍ଦ ୨୦୨୪ରେ କାନପୁରର ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। କଲେଜର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଆନନ୍ଦୀବେନ ପଟେଲ ତାଙ୍କୁ ସମ୍ମାନିତ କରିଥିଲେ। ପାଠପଢ଼ା ପରେ ସେ ଏକ ବେସରକାରୀ ସଂସ୍ଥାରେ କାମ କରିବା ସହ ବିଭିନ୍ନ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ବାରମ୍ବାର ବିଫଳତା ଯୋଗୁଁ ସେ ଗଭୀର ମାନସିକ ଚାପରେ ଥିଲେ।

# ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ସରକାରଙ୍କ ପାଇଁ ଅଡୁଆ ନିଟ୍ ଓ ରାମମନ୍ଦିର ଦାନ ଚୋରି

### ଆଗତ ହୋଇପାରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍
### ସମର୍ଥନ ଦେଇପାରନ୍ତି ଶରଦ ପାୱାରଙ୍କ ଏନ୍‌ସିପି ଓ ଡିଏମ୍‌କେ
### ସଂସଦରେ ଦେଖିବାକୁ ମିଳିବ ନୂଆ ରାଜନୈତିକ ସମୀକରଣ
### ଆଗତ ହେବ ନାହିଁ ଲୋକପ୍ରତିନିଧିଙ୍କ ସଦସ୍ୟତା ରଦ୍ଦ ବିଲ୍

■ ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ପ୍ରଥମ ସଂସଦ ଅଧିବେଶନ ହୋଇଥିବାରୁ ଏଥର ରାଜନୈତିକ ପରିବେଶ ପୂର୍ବାପେକ୍ଷା ଅଧିକ ଉଷ୍ମ ରହିବ ବୋଲି ଆକଳନ କରାଯାଉଛି। ସମ୍ପ୍ରତି ବିଭିନ୍ନ ଦଳରେ ହୋଇଥିବା ବିଭଜନ, ସାଂସଦମାନଙ୍କ ଦଳ ବଦଳ ଓ ପରିବର୍ତ୍ତିତ ସଂସଦୀୟ ସମୀକରଣ ଏହି ଅଧିବେଶନକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ କରିଛି। ଏକପଟେ ବିରୋଧୀ ଦଳ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବାକୁ ପ୍ରସ୍ତୁତ ଥିବାବେଳେ, ଅନ୍ୟପଟେ କେନ୍ଦ୍ର ସରକାର ମଧ୍ୟ ନିଜ ବିଧାନଗତ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଦୃଢ଼ ରଣନୀତି ପ୍ରସ୍ତୁତ କରିଛନ୍ତି।



ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ବିଦ୍ରୋହୀ ୨୦ ସାଂସଦ ଏନ୍‌ଡ଼ିଏକୁ ଇତିମଧ୍ୟରେ ସମର୍ଥନ ଘୋଷଣା କରିଛନ୍ତି। ଉଦ୍ଧବ ଠାକରେଙ୍କ ଶିବସେନାର ୬ ଜଣ ସାଂସଦ ମଧ୍ୟ ଏନଡିଏର ଅଂଶୀଦାର ଶିବସେନାରେ ସାମିଲ ହୋଇଛନ୍ତି। ଏହି ଘଟଣା ପରେ ▶ପୃଷ୍ଠା-୭

### ସର୍ବଦଳୀୟ ବୈଠକରେ ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କୁ ପୃଥକ ଆସନ

## ବିରୋଧୀଙ୍କ ହଙ୍ଗାମା, ୱାକଆଉଟ୍

■ ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଆହୂତ ସର୍ବଦଳୀୟ ବୈଠକରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ବିଦ୍ରୋହୀ ସାଂସଦମାନଙ୍କୁ ପୃଥକ ଆସନ ପ୍ରଦାନ କରାଯିବାକୁ ନେଇ ପ୍ରବଳ ହଟ୍ଟଗୋଳ ଦେଖାଦେଇଛି। ଏହାର ପ୍ରତିବାଦରେ ବିରୋଧୀ ମେଣ୍ଟର ସାଂସଦମାନେ ବୈଠକ ବର୍ଜନ କରି ବାହାରକୁ ଚାଲିଯାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏହାକୁ ଏକ ସାଙ୍କେତିକ ପ୍ରତିବାଦ ଦର୍ଶାଇ ସେମାନେ ପୁଣି ବୈଠକରେ ଯୋଗ ଦେଇଛନ୍ତି। ସଂସଦ ଭବନ ପରିସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ପ୍ରାୟ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ନେଇ ଗଠିତ ଏକ ନୂତନ ଗୋଷ୍ଠୀକୁ ସରକାର ନିମନ୍ତ୍ରଣ କରିଥିଲେ। ଏଥିସହିତ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମେଜର ବ୍ୟବସ୍ଥା କରାଯାଇଥିଲା। ଲୋକସଭା ବାଚସ୍ପତିଙ୍କ ଦ୍ୱାରା ଏହି ଗୋଷ୍ଠୀକୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସ୍ୱୀକୃତି ମିଳିନଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। ବିଦ୍ରୋହୀ ସାଂସଦମାନେ ମୂଳ ଦଳର ସଦସ୍ୟଙ୍କ ସହ ବସିବାକୁ ମନା କରିବା ପରେ ସରକାର ଏହି ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ଟିଏମ୍‌ସିର ମହୁଆ ମୈତ୍ର ଏହି ପଦକ୍ଷେପକୁ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ସମ୍ବିଧାନର ୯୧ତମ ସଂଶୋଧନ ଅନୁଯାୟୀ କୌଣସି ପୃଥକ ଗୋଷ୍ଠୀ ଗଠନର ସୁଯୋଗ ନାହିଁ ▶ପୃଷ୍ଠା-୭

### ପରୀକ୍ଷା ଅବ୍ୟବସ୍ଥାକୁ ନେଇ ନବୀନଙ୍କ କ୍ଷୋଭ

## ଭରସା ଭାଙ୍ଗିଛି ଶିକ୍ଷା ବ୍ୟବସ୍ଥା



■ ଭୁବନେଶ୍ୱର, ୧୯।୭ (ସମିସ): ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡିତ ଶିକ୍ଷା ବ୍ୟବସ୍ଥା ଆଜି ଏକ ଗଭୀର ବିଶ୍ୱାସ ସଙ୍କଟର ସମ୍ମୁଖୀନ ହୋଇଛି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ଲିକ୍, ମୂଲ୍ୟାୟନରେ ତ୍ରୁଟି ଓ ପରୀକ୍ଷା ପରିଚାଳନାରେ ବାରମ୍ବାର ଦେଖାଦେଉଥିବା ବିଫଳତା କେବଳ ଗୋଟିଏ ପରୀକ୍ଷାକୁ ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତା ପ୍ରଶ୍ନର କାଠଗଡ଼ାରେ ଠିଆ ହୋଇଛି। ଏଭଳି ପରିସ୍ଥିତିରେ ଦେଶର ଯୁବପିଢ଼ିଙ୍କ ଆସ୍ଥାକୁ ପୁନଃ ସ୍ଥାପନ କରିବା ପାଇଁ ସଂସଦରେ ଏହି ପ୍ରସଙ୍ଗକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବ୍ୟାପକ ଆଲୋଚନା ସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ସରକାର ତୁରନ୍ତ ବାର୍ତ୍ତାଳାପ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଏପରି କରିପାରିଲେ ସେମାନଙ୍କ ମନରେ ଆମର ଶିକ୍ଷା ବ୍ୟବସ୍ଥା, ଗଣତନ୍ତ୍ର ପ୍ରତି ସେମାନଙ୍କର ବିଶ୍ୱାସକୁ ପୁନଃସ୍ଥାପିତ କରିପାରିବ ବୋଲି ନବୀନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଆମ ଦେଶର ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ଶିକ୍ଷା ହିଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଏକମାତ୍ର ମାଧ୍ୟମ। ▶ପୃଷ୍ଠା-୭

**ଛାତ୍ରଙ୍କ ସହ ଆଲୋଚନା କରନ୍ତୁ ସରକାର**

**ସଜୀବ ଗଣତନ୍ତ୍ର ସଂଳାପ ମାଧ୍ୟମରେ ଆଗକୁ ବଢ଼େ**

**ପରୀକ୍ଷାର ସ୍ୱଚ୍ଛତା ସହ ସାଲିସ, ଭବିଷ୍ୟତ ସହ ସାଲିସ ସଦୃଶ**

**ପ୍ରାଥମିକତାର ସହ ସଂସଦରେ ହେଉ ଆଲୋଚନା**

## ନବୀନଙ୍କ ନେତୃତ୍ୱକୁ ସିନ୍ଧୁଙ୍କ ପ୍ରଶଂସା



**ପବିତ୍ର ରଥଯାତ୍ରାରେ ଟ୍ରଫି ଜିତି ଧନ୍ୟ ମନେ କରୁଛି**

■ ଭୁବନେଶ୍ୱର, ୧୮।୭ (ସମିସ): ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପିଭି ସିନ୍ଧୁ ଜାପାନ ଓପନ ଟାଇଟଲ୍ ଜିତିଛନ୍ତି। ରବିବାର ଟୋକିଓରେ ଅନୁଷ୍ଠିତ ମହିଳା ଫାଇନାଲରେ ସିନ୍ଧୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ଘରୋଇ ତାରକା ତଥା ତିନିଥରର ବିଶ୍ୱ ଚାମ୍ପିଅନ ଅକାନେ ୟାମାଗୁଚିଙ୍କୁ ପରାସ୍ତ କରିଥିଲେ। ଦୁଇ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ପ୍ରଥମ ଓ ମୋଟ୍ ଉପରେ ୬ଷ୍ଠ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିଥିବା ସିନ୍ଧୁଙ୍କୁ ଏହି ଅବସରରେ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏକ୍ସ' ଜରିଆରେ ସିନ୍ଧୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ଅକାନେ ୟାମାଗୁଚିଙ୍କୁ ପରାସ୍ତ କରି ଜାପାନ ଓପନ ଟାଇଟଲ୍ ଜିତିଥିବା ପିଭି ▶ପୃଷ୍ଠା-୭

### ଗୁପ୍ତା ପାୱାର ଦ୍ୱାରା ୧୧୦୯ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ଅଭିଯୋଗ

## ଓଡ଼ିଶା ସମେତ ୪ ରାଜ୍ୟରେ ସିବିଆଇ ଚଢ଼ଉ

■ ଭୁବନେଶ୍ୱର, ୧୯।୭ (ସମିସ): ଭୁବନେଶ୍ୱରସ୍ଥିତ ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ଦ୍ୱାରା ୧୧୦୯ କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଓଡ଼ିଶା ସମେତ ୪ଟି ରାଜ୍ୟରେ ଏକକାଳୀନ ଚଢ଼ଉ କରିଛି। ଭୁବନେଶ୍ୱର ସ୍ପେଶାଲ ଜଜ୍, ସିବିଆଇ କୋର୍ଟଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଉତ୍ତରାଖଣ୍ଡ ଆଦି ୪ଟି ରାଜ୍ୟର ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇ ବିପୁଳ ପରିମାଣର ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ କାନାରା ବ୍ୟାଙ୍କରୁ ବିଭିନ୍ନ ପ୍ରକାରର ଋଣ ଓ ଅଣ-ପାଣ୍ଠି ଭିତ୍ତିକ ଆର୍ଥିକ ସୁବିଧା ନେଇ ୧୧୦୯ କୋଟି ଟଙ୍କାର ଋଣ ଠକେଇ କରିଛି। କମ୍ପାନୀ ନିଜ ଷ୍ଟକ୍‌ର ମୂଲ୍ୟକୁ କୃତ୍ରିମ ଭାବେ ବଢ଼ାଇଦେଇଥିଲା। ଟ୍ରେଡ୍ ରିସିଭେବଲ୍‌କୁ ମଧ୍ୟ ଉଚ୍ଚା ଦେଖାଇଥିଲା। କମ୍ପାନୀର ଆର୍ଥିକ ବିବରଣୀରେ ମିଥ୍ୟା ତଥ୍ୟ ଦେଇ ବ୍ୟାଙ୍କଠାରୁ ଅଧିକ ଋଣ ସୁବିଧା ହାସଲ କରିଥିଲା। ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଛି ଯେ କମ୍ପାନୀ ଋଣ ଟଙ୍କାକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲା। ଟଙ୍କାକୁ ଅନ୍ୟତ୍ର ପଠାଇ ଦେଇଥିଲା। ଏହା ବ୍ୟତୀତ ଆକାଉଣ୍ଟକୁ ଜୀବିତ ରଖିବା ପାଇଁ ଏଭର୍‌ଗ୍ରୀନିଂ ମଧ୍ୟ କରାଯାଇଥିଲା। ଏହାଦ୍ୱାରା ବ୍ୟାଙ୍କକୁ ବହୁତ ବଡ଼ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି।

ସିବିଆଇ ଅଧିକାରୀମାନେ ଭୁବନେଶ୍ୱରେ ଥିବା କମ୍ପାନୀର କାରଖାନା ଏବଂ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍‌ର ୪ ଜଣ ନିର୍ଦ୍ଦେଶକଙ୍କ ବାସଭବନରେ ଚଢ଼ଉ କରିଥିଲେ। ଏହା ବ୍ୟତୀତ ପଶ୍ଚିମବଙ୍ଗର କୋଲକାତାରେ ଥିବା କମ୍ପାନୀର ପଞ୍ଜିକୃତ ଅଫିସ, ଉତ୍ତରାଖଣ୍ଡର ଉଧମ୍‌ସିଂ ନଗର ଜିଲ୍ଲା କାଶୀପୁରେ ଥିବା କାରଖାନା, ତାମିଲନାଡୁର ତିରୁଭଲ୍ଲୁରରେ ଥିବା ୟୁନିଟ୍ ଏବଂ ଭୁବନେଶ୍ୱରରେ ଥିବା ଅନ୍ୟ ଏକ କାରଖାନାରେ ମଧ୍ୟ ଚଢ଼ଉ ହୋଇଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। କେବଳ କାନାରା ବ୍ୟାଙ୍କ ନୁହେଁ; ଗତ ଫେବୃଆରୀ ମାସରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆ ବିଓଆଇ ମଧ୍ୟ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ଦ୍ୱାରା ଋଣ ଠକେଇ ହୋଇଥିବା ନେଇ ଆର୍‌ବିଆଇଙ୍କୁ ଅବଗତ କରାଇଥିଲେ।

### ସର୍ବଦଳୀୟ ବୈଠକରେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ

## ରାଜ୍ୟସ୍ୱାର୍ଥ ସର୍ବାଗ୍ରେ



**▶▶ ସଂସଦରେ ଉଠିବ ରାଜ୍ୟ ସରକାରଙ୍କ ବିଫଳତା ପ୍ରସଙ୍ଗ**

**▶▶ ସାଂସଦମାନଙ୍କ ହାତପାଣ୍ଠି ବ୍ୟୟରେ ସଂକୋଚନ ଷଡ଼ଯନ୍ତ୍ର**

■ ଭୁବନେଶ୍ୱର, ୧୯।୭ (ସମିସ): ଆସନ୍ତାକାଲିଠାରୁ ମୌସୁମୀ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏକାଧିକ ପ୍ରସଙ୍ଗକୁ ସଂସଦରେ ଉଠାଇବ ବିଜେଡି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ବିଜେପି ସରକାରଙ୍କ ଦୁଇ ବର୍ଷର ବିଫଳତା, କୋଇଲା ରୟାଲଟି ବୃଦ୍ଧି, ପାଠ୍ୟପୁସ୍ତକରେ ରହିଥିବା ତ୍ରୁଟି, କୃଷି ଓ କୃଷକଙ୍କ ସମସ୍ୟା ସହ ଓଡ଼ିଶା ଏବଂ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ହୋଇଥିବା ନେଇ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି। ମୌସୁମୀ ଅଧିବେଶନ ପୂର୍ବରୁ ରବିବାର ଦିଲ୍ଲୀରେ ଆୟୋଜିତ ସର୍ବଦଳୀୟ ବୈଠକରେ ଶ୍ରୀ ମଙ୍ଗରାଜ ଦଳ ପକ୍ଷରୁ ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ଏକାଧିକ ଦାବି ଉପସ୍ଥାପନ କରିବା ସହ ଏହି ସବୁ ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଛନ୍ତି। ଏହା ସହ ଗତ ଦୁଇ ବର୍ଷ ଧରି ଓଡ଼ିଶାରେ ବିଜେଡି ସାଂସଦମାନଙ୍କ ହାତପାଣ୍ଠି ବ୍ୟୟ କ୍ଷେତ୍ରରେ ଦିଆଯାଉଥିବା ବାଧା ଓ ସୃଷ୍ଟି କରାଯାଉଥିବା ପ୍ରତିବନ୍ଧକ ସମ୍ପର୍କରେ ମଧ୍ୟ ସଂସଦୀୟ ଦଳ ବୈଠକରେ ଉଠାଇଛନ୍ତି। ବୈଠକରେ ଉପସ୍ଥିତ ଶାସକଦଳର ତିନି ପ୍ରତିନିଧି ତଥା ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂହ, ଜଗତପ୍ରକାଶ ନଡ୍ଡା ଓ କିରଣ ରିଜିଜୁ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ବିଜେଡି ପକ୍ଷରୁ ଦକ୍ଷିଣ ଏସିଆର ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି, ଅହେତୁକ ଦରବୃଦ୍ଧି, ପେଟ୍ରୋଲରେ ଇଥାନଲ ମିଶ୍ରଣ ଫଳରେ ଗାଡ଼ିର ଇଞ୍ଜିନରେ ସୃଷ୍ଟି ହେଉଥିବା ସମସ୍ୟା ଆଦି ପ୍ରସଙ୍ଗ ସଂସଦରେ ଉଠାଇବ। ସେହିପରି ଓଡ଼ିଶା ସମ୍ବନ୍ଧୀୟ ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ମଧ୍ୟ ଦଳ ପ୍ରଶ୍ନ କରିବ। ରାଜ୍ୟରେ ବିଜେପି ସରକାରର ▶ପୃଷ୍ଠା-୭




## ଉଲଗ୍ନ ହୋଇ ମନ୍ଦିରରୁ ମୂର୍ତ୍ତି ନେଇ ପୋଖରୀକୁ ଡେଇଁ ମୃତ୍ୟୁବରଣ କଲେ ମହିଳା ଆଇଟି ଇଞ୍ଜିନିୟର

**ହାଇଦ୍ରାବାଦ,୧୯ ।୭(ଏଜେନ୍ସି):** ହାଇଦ୍ରାବାଦର ଜଣେ ମହିଳା ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପୁଲିସର ସୂଚନା ଅନୁଯାୟୀ, ତେଜସ୍ୱିନୀ ନାମକ ଜଣେ ଆଇଟି ସେକ୍ଟରର ମହିଳା କର୍ମଚାରୀ ନିଜ ପୋଷାକ ଖୋଲି ଉଲଗ୍ନ ଅବସ୍ଥାରେ ଏକ ସ୍ଥାନୀୟ ମନ୍ଦିରକୁ ଯାଇଥିଲେ। ସେଠାରୁ ସେ ମା' ଆମ୍ମାଭାରୁଙ୍କ ଏକ ମୂର୍ତ୍ତି ଧରି ନିକଟସ୍ଥ ପୋଖରୀକୁ ଦୌଡ଼ି ଯାଇଥିଲେ ଏବଂ ମୂର୍ତ୍ତି ସହ ପାଣିକୁ ଡେଇଁ ପଡ଼ିଥିଲେ, ଯାହାଫଳରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ ମଧ୍ୟ ସେ ଧରିଥିବା ଦେବୀ ମୂର୍ତ୍ତିଟି ଏପର୍ଯ୍ୟନ୍ତ ମିଳିନାହିଁ। ମୂର୍ତ୍ତିର ସନ୍ଧାନ ପାଇଁ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଡିଆରଏଫ) ପକ୍ଷରୁ ବୋଟ୍ ସାହାଯ୍ୟରେ ପୋଖରୀରେ ବ୍ୟାପକ ଖୋଜାଖୋଜି ଚାଲିଛି। ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପାଇଁ ପୁଲିସ ମୃତ ମହିଳାଙ୍କ ମା'ଙ୍କୁ ପଚରାଉଚରା କରିବା ସହ ତେଜସ୍ୱିନୀଙ୍କ ଶେଷ ସମୟର ଆର୍ଥିକ କାରବାର ଓ ଗତିବିଧି ଉପରେ ନଜର ରଖିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ତେଜସ୍ୱିନୀ ଏକ ଭଡ଼ା ଘରେ ରହୁଥିଲେ, ଯେଉଁଥିପାଇଁ ସେ ଦୈନିକ ପ୍ରାୟ ୩,୫୦୦ ଟଙ୍କା ହିସାବରେ ମାସକୁ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ। ଉକ୍ତ ବିଲ୍ଡିଂର ଉପର ଦୁଇଟି ମହଲା ଏକ ଲଜ୍ ଭଳି ବେଆଇନ ଭାବେ ଚାଲୁଥିବା ଜଣାପଡ଼ିଛି, ଯାହାକୁ ନେଇ ପୁଲିସ ଖୋଳତାଡ଼ କରୁଛି।

## ଏଭରେଷ୍ଟରୁ ୩୦ ବର୍ଷ ପରେ ଫେରିବ ସହିଦ ଯବାନଙ୍କ ମୃତଦେହ

**ଲେହ,୧୯ ।୭(ଏଜେନ୍ସି):** ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ୨୬,୨୪୭ ଫୁଟ୍ ଉଚ୍ଚତା ବିଶିଷ୍ଟ ବିପଜ୍ଜନକ 'ଡେଥ୍ ଜୋନ୍' (ମୃତ୍ୟୁ ବଳୟ)ରେ ଦୀର୍ଘ ୩୦ ବର୍ଷ ଧରି ବରଫାବୃତ ହୋଇ ରହିଥିବା ଜଣେ ଭାରତୀୟ ସେନା ଯବାନଙ୍କ ମୃତଦେହ ଶେଷରେ ନିଜ ଗାଁ ଲଦାଖକୁ ଫେରିବାକୁ ଯାଉଛି। ଏଭରେଷ୍ଟ ଆରୋହଣକାରୀଙ୍କ ପାଇଁ ଏକ ପରିଚିତ ଚିହ୍ନ ପାଲଟିଥିବା ଏବଂ ବିଶ୍ୱବ୍ୟାପୀ 'ଗ୍ରୀନ୍ ବୁଟ୍ସ' ନାମରେ ଜଣାଶୁଣା ଏହି ମୃତଦେହଟି ଆଇଟିବିପି ଯବାନ ତ୍ସେୱାଙ୍ଗ ପାଲଜୋରଙ୍କର ବୋଲି ପୂର୍ବରୁ ଭାବି ନିଆଯାଇଥିଲା। ତେବେ ସମ୍ପ୍ରତି ଡିଏନଏ ପରୀକ୍ଷା ଦ୍ୱାରା ଏହା ଲଦାଖର ସହିଦ ଯବାନ ଲାନ୍ସ ନାଏକ ଦୋର୍ଜେ ମୋରୁପ୍‌ଙ୍କର ବୋଲି ସ୍ପଷ୍ଟ ହୋଇଛି। ଆସନ୍ତା ଅକ୍ଟୋବର ସୁଦ୍ଧା ତାଙ୍କ ପାର୍ଥିବ ଶରୀର ପରିବାରକୁ ହସ୍ତାନ୍ତର କରାଯିବାର ସମ୍ଭାବନା ରହିଛି। ୧୯୯୬ ମସିହା ମେ ୧୦ରେ ଭାରତୀୟ ଏଭରେଷ୍ଟ ଅଭିଯାନ ଦଳର ସଦସ୍ୟ ଥିବା ଦୋର୍ଜେ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଏକ ବରଫ ଝଡ଼ରେ ଫସିଯାଇ ପ୍ରାଣ ହରାଇଥିଲେ। ସେ ସବୁଜ ରଙ୍ଗର ବୁଟ୍ ପିନ୍ଧିଥିବାରୁ ଏକ ଗୁମ୍ଫା ମଧ୍ୟରେ ଫ୍ରିଜ୍ ହୋଇଯାଇଥିବା ତାଙ୍କ ଶରୀରକୁ ପର୍ବତାରୋହୀମାନେ 'ଗ୍ରୀନ୍ ବୁଟ୍ସ କେଭ୍' ନାମରେ ଚିହ୍ନୁଥିଲେ। ଅତ୍ୟଧିକ ଉଚ୍ଚତାରେ ଅମ୍ଳଜାନର ଘୋର ଅଭାବ ଏବଂ ହେଲିକପ୍ଟର ଯାଇପାରିବା ଅସମ୍ଭବ ହୋଇଥିବାରୁ ଏହି ମୃତଦେହକୁ ୩୦ ବର୍ଷ ଧରି ଉଦ୍ଧାର କରାଯାଇ ପାରିନଥିଲା। ବର୍ତ୍ତମାନ ୭୫ ବର୍ଷୀୟା ପତ୍ନୀ କୋଞ୍ଚୋକ ନିଜ ସ୍ୱାମୀଙ୍କ ମୃତଦେହକୁ ଶେଷଥର ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି।

■ ଅନ୍ତର୍ଜାତୀୟ ରସାୟନ, ଜୀବବିଜ୍ଞାନ ଅଲିମ୍ପିଆଡ୍

## ଦେବଦତ୍ତ ପ୍ରିୟଦର୍ଶୀଙ୍କ ସମେତ ୫ ଭାରତୀୟଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୯ ।୭ (ଏଜେନ୍ସି):** ଅନ୍ତର୍ଜାତୀୟ ରସାୟନ ଓ ଜୀବବିଜ୍ଞାନ ଅଲିମ୍ପିଆଡ୍‌ରେ ଭାରତୀୟ ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୫ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ଜିତିଛନ୍ତି। ଏହା ସହ ଭାରତ ବିଶ୍ୱ ମଞ୍ଚରେ ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। ଉଜବେକିସ୍ତାନର ତାସକେଣ୍ଟରେ ଆୟୋଜିତ ୫୮ତମ ଅନ୍ତର୍ଜାତୀୟ ରସାୟନ ଅଲିମ୍ପିଆଡ୍ (ଆଇସିଏଚ୍‌ଓ-୨୦୨୬)ରେ ଭାରତୀୟ ଦଳର ସମସ୍ତ ୪ ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ରସାୟନ ଅଲିମ୍ପିଆଡ୍‌ରେ ଭାରତର ଇତିହାସର ସର୍ବଶ୍ରେଷ୍ଠ ପ୍ରଦର୍ଶନ ବୋଲି କୁହାଯାଉଛି। ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ ଭୁବନେଶ୍ୱରର ଦେବଦତ୍ତ ପ୍ରିୟଦର୍ଶୀ, ମାଣ୍ଡି ଗୋବିନ୍ଦଗଡ଼ର ହର୍ଷିତ ସିଂଘଲ, ଦିଲ୍ଲୀର କବୀର ଛିଲ୍ଲର ଏବଂ ହାଇଦ୍ରାବାଦର ସନ୍ଦୀପ କୁଚି। ଦେବଦତ୍ତ ପ୍ରିୟଦର୍ଶୀ ଓ ସନ୍ଦୀପ କୁଚି କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଅଲିମ୍ପିଆଡ୍‌ରେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏହାବ୍ୟତୀତ, ଲିଥୁଆନିଆରେ ଆୟୋଜିତ ୩୮ତମ ଅନ୍ତର୍ଜାତୀୟ ଜୀବବିଜ୍ଞାନ ଅଲିମ୍ପିଆଡ୍‌ରେ ଭାରତୀୟ ଦଳ ୧ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରିଛି। ଦେଶର ବିଜ୍ଞାନ ଶିକ୍ଷା ଓ ପ୍ରତିଭାର ଅନ୍ତର୍ଜାତୀୟ ସ୍ତରରେ ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ପୁଣିଥରେ ପ୍ରମାଣିତ ହୋଇଛି। ବିଶେଷକରି ଭୁବନେଶ୍ୱରର ଦେବଦତ୍ତ ପ୍ରିୟଦର୍ଶୀଙ୍କ ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଛି।

### ମୌସୁମୀର ଜବରଦସ୍ତ ପ୍ରତ୍ୟାବର୍ତ୍ତନ

## ଆସନ୍ତା ସପ୍ତାହରେ ଦେଶର ଉତ୍ତର, ପୂର୍ବ ଓ ମଧ୍ୟରେ ବ୍ୟାପକ ବର୍ଷା

**ନୂଆଦିଲ୍ଲୀ,୧୯।୭(ଏଜେନ୍ସି):** ଜୁଲାଇ ମାସରେ ଦୀର୍ଘ ପ୍ରତୀକ୍ଷା ପରେ ଦେଶକୁ ଫେରୁଛି ମୌସୁମୀ ବାୟୁ। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଆସନ୍ତା ସପ୍ତାହ ଆରମ୍ଭରୁ ଦେଶର ଉତ୍ତର, ପୂର୍ବ ଏବଂ ମଧ୍ୟ ଭାଗରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏକ ନୂତନ ଲଘୁଚାପ ଯୋଗୁଁ ମୌସୁମୀ ପୁଣି ସକ୍ରିୟ ହେବ ଏବଂ ଏହାଦ୍ୱାରା ଗୁଳୁଗୁଳି ଜନିତ ଗରମରୁ ମୁକ୍ତି ମିଳିବ। ଆସନ୍ତା ସପ୍ତାହ ଆରମ୍ଭରୁ ସର୍ବପ୍ରଥମେ ଉତ୍ତର-ପୂର୍ବ ଭାରତରେ ବର୍ଷାର ପ୍ରଭାବ ଦେଖାଯିବ। ପରବର୍ତ୍ତୀ ସମୟରେ ଏହା ପୂର୍ବ, ମଧ୍ୟ ଏବଂ ଉତ୍ତର ଭାରତକୁ ସମ୍ପ୍ରସାରିତ ହେବ। ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ବିଶେଷ କରି ଗାଙ୍ଗେୟ ସମତଳ ଅଞ୍ଚଳ ଏବଂ ମଧ୍ୟ ଭାରତର ବାସିନ୍ଦାମାନଙ୍କୁ ଚଳିତ ବର୍ଷ ଅତ୍ୟଧିକ ଗରମରୁ ପ୍ରଥମ ଥର ପାଇଁ ଆଶ୍ୱସ୍ତି ମିଳିବ। ଏହି ପ୍ରତ୍ୟାବର୍ତ୍ତନର ମୁଖ୍ୟ ଉତ୍ସ ହେଉଛି ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ବଳୟ। ଏହା ସମୁଦ୍ରରୁ ପ୍ରଚୁର ପରିମାଣର ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ସ୍ଥଳଭାଗ ଆଡ଼କୁ ଟାଣି ଆଣିବ। ଏହି ବାୟୁ ପ୍ରବାହ ଫଳରେ ହିମାଳୟର ପାଦଦେଶ ଆଡ଼କୁ ଗତି କରୁଥିବା ମୌସୁମୀର ମୁଖ୍ୟ ଅକ୍ଷରେଖା ପୁଣି ନିଜ ସ୍ଥାନକୁ ଫେରିଆସିବ। ଏହାଦ୍ୱାରା ବଙ୍ଗୋପସାଗର ଏବଂ ଆରବ ସାଗର ଉଭୟ ପାର୍ଶ୍ୱରୁ ଆସୁଥିବା ଆର୍ଦ୍ର ବାୟୁ ଦେଶର ଆଭ୍ୟନ୍ତରୀଣ ଭାଗରେ ବ୍ୟାପକ ବର୍ଷା କରାଇବ। ଚଳିତ ମାସରେ ମୌସୁମୀ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥା ଦେଇ ଗତି କରୁଥିଲା। ସମୁଦ୍ରରେ କମ୍ ସଂଖ୍ୟକ ଲଘୁଚାପ ସୃଷ୍ଟି ହେବା ଏବଂ ଆରବ ସାଗରରୁ ଆସୁଥିବା ପବନ ଦୁର୍ବଳ ହେବା ଯୋଗୁଁ ବାଦଲ ସୃଷ୍ଟି ହୋଇପାରିନଥିଲା। ଏହି କାରଣରୁ ଦେଶରେ ସ୍ୱାଭାବିକ ତୁଳନାରେ ପ୍ରାୟ ଶତକଡ଼ା ୨୪ ଭାଗ କମ୍ ବର୍ଷା ରେକର୍ଡ କରାଯାଇଛି। ମେଘ ନଥିବା ଯୋଗୁଁ ପ୍ରଖର ସୂର୍ଯ୍ୟକିରଣ ମାଟିକୁ ଉତ୍ତପ୍ତ କରିଥିଲା ଏବଂ ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଯୋଗୁଁ ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଭଳି ଅନୁଭୂତ ହେଉଥିଲା। ଆସନ୍ତା ସପ୍ତାହର ବର୍ଷା ଚାଷୀଙ୍କୁ ଧାନ, ସୋୟାବିନ, କପା ଏବଂ ଡାଲି ଜାତୀୟ ଶସ୍ୟ ବୁଣିବାରେ ବେଶ୍ ସହାୟକ ହେବ। ମାତ୍ର ଚଳିତ ଋତୁର ବର୍ଷା ନିଅଣ୍ଟିଆ ସ୍ଥିତିକୁ ସୁଧାରିବା ପାଇଁ କେବଳ ଗୋଟିଏ ସପ୍ତାହର ବର୍ଷା ଯଥେଷ୍ଟ ନୁହେଁ ବରଂ ଆଗାମୀ କିଛି ସପ୍ତାହ ଧରି କ୍ରମାଗତ ବର୍ଷାର ଆବଶ୍ୟକତା ରହିଛି। ମୌସୁମୀର ପ୍ରକୃତ ପରୀକ୍ଷା ଏବେ ଆରମ୍ଭ ହେବାକୁ ଯାଉଥିବା ବେଳେ ଆସନ୍ତା ଅଗଷ୍ଟ ମାସର ପାଣିପାଗ ହିଁ ଚଳିତ ବର୍ଷର ମୋଟ ବର୍ଷାର ସ୍ଥିତି ନିର୍ଦ୍ଧାରଣ କରିବ।

### ପୁଞ୍ଛ-ରାଜୌରୀରେ ପ୍ରଳୟଙ୍କରୀ ବନ୍ୟା, ଭୂସ୍ଖଳନ: ୮ ମୃତ, ୬ ନିଖୋଜ



**ଜମ୍ମୁ,୧୯ ।୭(ଏଜେନ୍ସି):** ଜମ୍ମୁ ଓ କାଶ୍ମୀରର ପୁଞ୍ଛ ଏବଂ ରାଜୌରୀ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ପ୍ରଳୟଙ୍କରୀ ଫ୍ଲାସ୍ ଫ୍ଲଡ୍ (ଆକସ୍ମିକ ବନ୍ୟା) ଏବଂ ଭୂସ୍ଖଳନ ଯୋଗୁଁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ନିଖୋଜ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିଜର ଦିଲ୍ଲୀ ଗସ୍ତ ଅଧାରୁ ସ୍ଥଗିତ ରଖି ଜାମ୍ମୁ ଫେରିଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ପୁଞ୍ଛ ଜିଲ୍ଲାର ସୁରନକୋଟ୍ ତହସିଲରେ ସବୁଠାରୁ ଅଧିକ କ୍ଷୟକ୍ଷତି ଘଟିଛି। ଏଠାରେ ଭୂସ୍ଖଳନ ଯୋଗୁଁ ଘର ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ଲୋକେ ମାଟି ତଳେ ଚାପି ହୋଇଯାଇଥିଲେ, ସେଥିମଧ୍ୟରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଏବଂ ୬ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ଅନ୍ୟ କେତେକ ସ୍ଥାନରେ ଘର କାନ୍ଥ ପଡ଼ି ଏବଂ ବନ୍ୟା ପାଣିରେ ଭାସିଯାଇ ଅନ୍ୟମାନଙ୍କର ମୃତ୍ୟୁ ଘଟିଛି। ସେହିପରି ରାଜୌରୀ ସହରରେ ଦରହାଲୀ ନଦୀର ସୁରକ୍ଷା ପ୍ରାଚୀର ଭାଙ୍ଗିଯିବା ଯୋଗୁଁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଛି ଏବଂ ଶତାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପାଣିରେ ପ୍ରବଳ ସ୍ରୋତ ଯୋଗୁଁ ଅନେକ ଗାଡ଼ି ମଧ୍ୟ ଭାସିଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ସହାୟତା କାର୍ଯ୍ୟ ଜାରି ରହିଛି।

## କିଭ୍‌ରେ ରୁଷର ମିସାଇଲ୍ ମାଡ଼: ୧ ମୃତ, ୧୬ ଆହତ



**କିଭ୍,୧୯ ।୭(ଏଜେନ୍ସି):** ରୁଷ ପକ୍ଷରୁ ୟୁକ୍ରେନ୍‌ର ରାଜଧାନୀ କିଭ୍ ଉପରେ ଏକ ବଡ଼ ଧରଣର ବାଲିଷ୍ଟିକ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଭୟାବହ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ରୁଷର ଏହି ଆକ୍ରମଣ ପୁଣି ଥରେ ୟୁକ୍ରେନ ନିକଟରେ ଥିବା ଆମେରିକା ନିର୍ମିତ 'ପାଟ୍ରିଅଟ୍' ବାୟୁ ପ୍ରତିରକ୍ଷା ପ୍ରଣାଳୀର ଅଭାବକୁ ପଦାରେ ପକାଇଛି। ରୁଷ ଗତ ରାତିରେ ସମଗ୍ର ୟୁକ୍ରେନରେ ୪୧ଟି ମିସାଇଲ୍ ଏବଂ ୧୨୫ଟି ଡ୍ରୋନ୍ ମାଡ଼ କରିଥିଲା, ଯାହାର ମୁଖ୍ୟ ଲକ୍ଷ୍ୟ କିଭ୍ ଥିଲା ବୋଲି ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି କହିଛନ୍ତି। ଏହି ଆକ୍ରମଣ ଯୋଗୁଁ ସହରର ପାଞ୍ଚଟି ଜିଲ୍ଲାରେ ଥିବା ଆବାସିକ ବିଲ୍ଡିଂ, କାର୍ଯ୍ୟାଳୟ ଏବଂ ଶିଳ୍ପାଞ୍ଚଳରେ ନିଆଁ ଲାଗିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅପରପକ୍ଷେ, ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ କେବଳ ୟୁକ୍ରେନର ସାମରିକ ଡ୍ରୋନ୍ ଏବଂ ମିସାଇଲ୍ ନିର୍ମାଣ କାରଖାନାକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଛନ୍ତି। ଏଥିସହିତ, କୃଷ୍ଣ ସାଗର ନିକଟରେ ରୁଷର ଦୁଇଟି ତେଲ ଟ୍ୟାଙ୍କର ଉପରେ ମଧ୍ୟ ଆକ୍ରମଣ ହୋଇଛି, ଯାହା ଫଳରେ ସେଠାରେ ତେଲ ପରିବହନ ବାଧାପ୍ରାପ୍ତ ହୋଇଛି। ଏହି ସଂକଟ ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ନିଜ ଦେଶରେ 'ପାଟ୍ରିଅଟ୍' ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିବାକୁ ପ୍ରସ୍ତୁତ ଥିବା ପ୍ରକାଶ କରିଛନ୍ତି। ଯଦିଓ ଏହାର ସମୟସୀମା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଥାପି ଏହା ଆଗାମୀ ଦିନରେ ରୁଷର ବାଲିଷ୍ଟିକ୍ ମିସାଇଲ୍ ଆକ୍ରମଣରୁ ରକ୍ଷା ପାଇବା ପାଇଁ କିଭ୍‌ର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବ ବୋଲି ଆଶା କରାଯାଉଛି।

## ସ୍ତ୍ରୀ, ୩ ସନ୍ତାନଙ୍କୁ ହତ୍ୟା ପରେ ବ୍ୟକ୍ତିଙ୍କ ଆତ୍ମହତ୍ୟା

**ରାୟପୁର,୧୯ ।୭(ଏଜେନ୍ସି):** ଛତିଶଗଡ଼ର ରାୟପୁରରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ନିଜ ସ୍ତ୍ରୀ, ପୁଅ ଏବଂ ଦୁଇ ଝିଅଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ସାଜିଦ ଅଲି ଓରଫ ସାଜୁ। ସେ ରାୟପୁରର ସଞ୍ଜୟ ନଗର ଅଞ୍ଚଳରେ ପରିବାର ସହ ରହୁଥିଲେ। ଅଭିଯୋଗ ଅନୁସାରେ, ସେ ପ୍ରଥମେ ତାଙ୍କ ସ୍ତ୍ରୀ ରାବିଆ ବାନୋ (୪୫), ପୁଅ ଇର୍ଶାଦ ଅଲି (୨୦), ଝିଅ ଶାହିଦା ବେଗମ (୧୫) ଓ ଇର୍ଶାବା ପରଭିନ (୧୨)ଙ୍କୁ ହତ୍ୟା କରିଥିଲେ। ପରେ ନିଜେ ଘର ଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାରଠାରୁ ଘରର କବାଟ ବନ୍ଦ ଥିବାରୁ ପଡ଼ୋଶୀ ଓ ସମ୍ପର୍କୀୟମାନଙ୍କ ସନ୍ଦେହ ହୋଇଥିଲା। ସେମାନେ ଶୁକ୍ରବାର ପୁଲିସକୁ ସୂଚନା ଦେବା ପରେ ପୁଲିସ କବାଟ ଭାଙ୍ଗି ଘର ଭିତରୁ ପାଞ୍ଚଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ସହକାରୀ ପୁଲିସ କମିଶନର ନବନୀତ ପାଟିଲ କହିଛନ୍ତି, ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରୁ କୌଣସି ଆତ୍ମହତ୍ୟା ପତ୍ର ମିଳିନଥିବାବେଳେ ମୃତକଙ୍କ ମୋବାଇଲ ଫୋନକୁ ଯାଞ୍ଚ କରାଯାଉଛି। ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

● ଡାକ୍ତରଖାନାରୁ ସୋନମ୍ ୱାଙ୍ଗଚୁକ୍‌ଙ୍କ ପ୍ରଥମ ବାର୍ତ୍ତା

## ସଂସଦ ଅଭିଯାନକୁ ସଫଳ କରିବାକୁ ଦେଲେ ଆହ୍ୱାନ



**ନୂଆଦିଲ୍ଲୀ,୧୯ ।୭(ଏଜେନ୍ସି):** ଦିଲ୍ଲୀର ଜନ୍ତରମନ୍ତରରେ ଦୀର୍ଘ ଦିନ ଧରି ଅନଶନରେ ବସିଥିବା ପରିବେଶ କର୍ମୀ ସୋନମ୍ ୱାଙ୍ଗଚୁକଙ୍କୁ ପୁଲିସ ବଳପୂର୍ବକ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହାପରେ ସେ ଡାକ୍ତରଖାନାରୁ ନିଜ ସମର୍ଥକମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରେରଣ କରିଛନ୍ତି। ନିଜର ଏହି ସ୍ଥାନାନ୍ତରଣକୁ ସେ "ବେଆଇନ ଅଟକ' ବୋଲି ଅଭିହିତ କରିବା ସହ ଆସନ୍ତାକାଲି ଅର୍ଥାତ୍ ଜୁଲାଇ ୨୦ ଆୟୋଜିତ ହେବାକୁ ଥିବା ସଂସଦ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ ଏହି ଆନ୍ଦୋଳନକୁ ଭାରତର "ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ' ବୋଲି ବର୍ଣ୍ଣନା କରିଛନ୍ତି। ୫୯ ବର୍ଷୀୟ ସୋନମ୍ ନିଜ ପତ୍ନୀ ଗୀତାଞ୍ଜଳିଙ୍କ ଜରିଆରେ ଏକ କାଗଜ ଖଣ୍ଡରେ ନିଜର ବାର୍ତ୍ତା ଲେଖି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଛନ୍ତି। ସେ ଭୟମୁକ୍ତ ଏବଂ ଅନ୍ୟାୟମୁକ୍ତ ଭାରତ ଗଠନ ଉପରେ ଜୋର ଦେଇଛନ୍ତି। ବିଶେଷ କରି ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶନରେ ହେଉଥିବା ଦୁର୍ନୀତି ଏବଂ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସେ ଗତ ଜୁନ୍ ୨୮ ରୁ ଅନଶନ ଜାରି ରଖିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏହା ତାଙ୍କର ୨୧ତମ ଦିନର ଅନଶନ ଥିଲା। ଆସନ୍ତାକାଲି ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ପ୍ରତିବାଦ ଶୋଭାଯାତ୍ରା ପାଇଁ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ମିଳିନାହିଁ। ଦିଲ୍ଲୀ ପୁଲିସ ଅନୁଯାୟୀ, ଅଧିବେଶନ ସମୟରେ ନିରାପତ୍ତା ଦୃଷ୍ଟିରୁ ଏଭଳି କୌଣସି ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ଆଶା କମ୍ ରହିଛି। ସଫଦରଜଙ୍ଗ ଡାକ୍ତରଖାନା ଅନୁଯାୟୀ, ଦୀର୍ଘ ଦିନର ଉପବାସ ଯୋଗୁଁ ୱାଙ୍ଗଚୁକଙ୍କ ଶରୀରର ଓଜନ ପ୍ରାୟ ଶତକଡ଼ା ୨୦ ଭାଗ ହ୍ରାସ ପାଇଛି। ତାଙ୍କର ରକ୍ତର କେତେକ ମାପଦଣ୍ଡରେ ପରିବର୍ତ୍ତନ ଦେଖାଦେଇଛି। ଡାକ୍ତରୀ ଦଳ ତାଙ୍କୁ କ୍ରମାଗତ ଭାବେ ଚିକିତ୍ସା ଯୋଗାଇବାକୁ ଚେଷ୍ଟା କରୁଥିଲେ ହେଁ, ସେ କୌଣସି ଔଷଧ କିମ୍ବା ଶିରାପ୍ରଶିରା ଜରିଆରେ ଖାଦ୍ୟସାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ପୁଲିସ ତାଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରିଥିବା ପ୍ରକାଶ କରିଛି। ଜାତୀୟ ସ୍ତରର ପରୀକ୍ଷା ଦୁର୍ନୀତି ବିରୋଧରେ ନ୍ୟାୟିକ ତଦନ୍ତ ଏବଂ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବିରେ ଚାଲିଥିବା ଏହି ଆନ୍ଦୋଳନ ଏବେ ଡାକ୍ତରଖାନା ପରିସରରୁ ମଧ୍ୟ ସମର୍ଥକମାନଙ୍କୁ ଉତ୍ସାହିତ କରୁଛି। ଆସନ୍ତାକାଲି ସଂସଦ ସମ୍ମୁଖରେ ହେବାକୁ ଥିବା ଏହି ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରଶାସନର ଆଭିମୁଖ୍ୟ ଉପରେ ଏବେ ସମସ୍ତଙ୍କର ନଜର ରହିଛି।

■ ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି

## ୱାଙ୍ଗଚୁକ୍‌ଙ୍କୁ ଡାକ୍ତରଖାନା ସ୍ଥାନାନ୍ତର ନିଷ୍ପତ୍ତି ବୈଧ, ମିଳିଲାନି ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୯ ।୭(ଏଜେନ୍ସି):** ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କୁ ସଫଦରଜଙ୍ଗ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ରବିବାର ଦିଲ୍ଲୀ ହାଇକୋର୍ଟ ସଠିକ୍ ବୋଲି ଦର୍ଶାଇଛନ୍ତି। ଅନଶନ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବାରୁ ସରକାରଙ୍କ ଏହି ପଦକ୍ଷେପ ଆଦୌ ସ୍ୱେଚ୍ଛାଚାରୀ ନୁହେଁ ବୋଲି କୋର୍ଟ କହିଛନ୍ତି। ୱାଙ୍ଗଚୁକଙ୍କ ପତ୍ନୀ ଡକ୍ଟର ଗୀତାଞ୍ଜଳି ଜେ. ଆଙ୍ଗମୋଙ୍କ ଦ୍ୱାରା ଦାୟର ହୋଇଥିବା ଜରୁରୀକାଳୀନ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ମିନି ପୁଷ୍କର୍ଣ୍ଣା କୌଣସି ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ୱାଙ୍ଗଚୁକ ଡାକ୍ତରଖାନାରେ କୌଣସି ଅଟକବନ୍ଦୀ ଭାବେ ନାହାନ୍ତି ଏବଂ ତାଙ୍କ ଉପରେ କୌଣସି ଚିକିତ୍ସା ଜବରଦସ୍ତ ଲଦି ଦିଆଯାଇ ନାହିଁ। ଡାକ୍ତରଖାନାରେ ତାଙ୍କ ପତ୍ନୀ ଏବଂ ଭାଇଙ୍କୁ ୨୪ ଘଣ୍ଟା ରହିବା ପାଇଁ ସ୍ୱତନ୍ତ୍ର କୋଠରୀ ସହ ଅବାଧ ସୁଯୋଗ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା କୋର୍ଟଙ୍କୁ ଜଣାଇଥିଲେ ଯେ ୧୮ ଦିନରୁ ଅଧିକ ସମୟ ଉପବାସ କରିବା ଯୋଗୁଁ ୱାଙ୍ଗଚୁକଙ୍କ ଶରୀରରେ ପୋଟାସିୟମ୍ ସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇଥିଲା।

## ୨ ବର୍ଷରେ ରାଜ୍ୟସଭା ସାଂସଦଙ୍କ ଦରମା, ଭତ୍ତା ପାଇଁ ଖର୍ଚ୍ଚ ହେଲା ୨୬୨ କୋଟି

**ନୂଆଦିଲ୍ଲୀ,୧୯ ।୭(ଏଜେନ୍ସି):** ବିଗତ ଦୁଇଟି ଆର୍ଥିକ ବର୍ଷରେ ରାଜ୍ୟସଭା ସାଂସଦମାନଙ୍କ ଦରମା, ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ବାବଦରେ ସରକାରୀ କୋଷାଗାରରୁ ୨୬୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ସେଥିମଧ୍ୟରୁ କେବଳ ଭତ୍ତା ଏବଂ ଗସ୍ତ ଖର୍ଚ୍ଚ ବାବଦରେ ୧୫୧ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଇଛି। ସୂଚନା ଅଧିକାର ଆଇନ (ଆରଟିଆଇ) ଅଧୀନରେ ମିଳିଥିବା ଏକ ପ୍ରଶ୍ନର ଉତ୍ତରରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ତଥ୍ୟ ଅନୁଯାୟୀ, ରାଜ୍ୟସଭା ସାଂସଦମାନଙ୍କ ପାଇଁ ହେଉଥିବା ବାର୍ଷିକ ଖର୍ଚ୍ଚରେ ବଡ଼ ଧରଣର ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଖର୍ଚ୍ଚ ୯୮ କୋଟି ଟଙ୍କାରୁ ଅଧିକ ଥିବା ବେଳେ ୨୦୨-୨୬ ବର୍ଷରେ ଏହା ବୃଦ୍ଧି ପାଇ ୧୬୩ କୋଟି ଟଙ୍କାରୁ ଅଧିକ ହୋଇଛି, ଯାହାକି ଗୋଟିଏ ବର୍ଷରେ ପ୍ରାୟ ୬୫ କୋଟି ଟଙ୍କାର ବୃଦ୍ଧି ଦର୍ଶାଉଛି। ଏହି ସମୁଦାୟ ଖର୍ଚ୍ଚ ମଧ୍ୟରେ ସାଂସଦମାନଙ୍କ ଦରମା, ଦେଶ ଓ ବିଦେଶ ଗସ୍ତ ଖର୍ଚ୍ଚ, କାର୍ଯ୍ୟାଳୟ ଖର୍ଚ୍ଚ ଏବଂ ଚିକିତ୍ସା ଖର୍ଚ୍ଚ ଆଦି ଅନ୍ତର୍ଭୁକ୍ତ। ୨୦୨୫-୨୬ ଆର୍ଥିକ ବର୍ଷରେ ସାଂସଦମାନଙ୍କ ସାମଗ୍ରିକ ଦରମା ୪୪.୬ କୋଟି ଟଙ୍କା, ଚିକିତ୍ସା ଖର୍ଚ୍ଚ ୯.୬ କୋଟି ଟଙ୍କା, ଗସ୍ତ ଖର୍ଚ୍ଚ ୩୬ କୋଟି ଟଙ୍କା ଏବଂ ମୋଟ ଭତ୍ତା ୫୮.୭୮ କୋଟି ଟଙ୍କାରୁ ଅଧିକ ରହିଥିଲା। ଚନ୍ଦ୍ରଶେଖର ଗୌର ନାମକ ଜଣେ ବ୍ୟକ୍ତିଙ୍କ ଆବେଦନ ଆଧାରରେ ରାଜ୍ୟସଭା ସଚିବାଳୟ ଏହି ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟସଭା ସାଂସଦମାନେ ଦରମା, ମୁଦ୍ରଣ, ଡିଜିଟାଲ୍ ସରଞ୍ଜାମ ଏବଂ ଇନ୍ଧନ ଭଳି ପ୍ରାୟ ୨୧ଟି ଭିନ୍ନ ଭିନ୍ନ ବ୍ୟୟ ବାବଦରେ ଏହି ସରକାରୀ ସୁବିଧା ପାଇବାକୁ ହକଦାର ଅଟନ୍ତି।


## ନେତନ୍ୟାହୁଙ୍କୁ ଗିରଫ କରିବାକୁ ଆଇନଗତ ବିକଳ୍ପ ଖୋଜୁଛନ୍ତି ମମଦାନି

**ନ୍ୟୁୟର୍କ,୧୯ ।୭(ଏଜେନ୍ସି):** ନ୍ୟୁୟର୍କ ସହରର ମେୟର ଜୋହରାନ୍ ମମଦାନି କହିଛନ୍ତି ଯେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଆମେରିକା ଗସ୍ତରେ ଆସିଲେ ତାଙ୍କୁ ଗିରଫ କରାଯାଇପାରିବ କି ନାହିଁ, ସେନେଇ ତାଙ୍କ ପ୍ରଶାସନ ଆଇନଗତ ବିକଳ୍ପ ଉପରେ ବିଚାର କରୁଛି। ସେପ୍ଟେମ୍ବର ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ନେତନ୍ୟାହୁ ଆମେରିକା ଗସ୍ତ କରିପାରନ୍ତି। ମମଦାନି କହିଛନ୍ତି ଯେ, ନେତନ୍ୟାହୁଙ୍କ ବିରୋଧରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି) ଯୁଦ୍ଧ ଅପରାଧ ସମ୍ପର୍କିତ ଅଭିଯୋଗ ଆଣିଥିବାରୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଉଚିତ। ଅନ୍ୟପକ୍ଷରେ, ମମଦାନିଙ୍କ ଏହି ମନ୍ତବ୍ୟର ପ୍ରତିକ୍ରିୟାରେ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି ଯେ, ଏପରି ଧମକକୁ ନେଇ ସେ ଚିନ୍ତିତ ନୁହନ୍ତି। ଏକ ରେଡିଓ ସାକ୍ଷାତ୍‌କାରରେ ସେ ମମଦାନିଙ୍କ ଉପରେ ହାମାସକୁ ସମର୍ଥନ କରୁଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି।

ତେବେ ନେତନ୍ୟାହୁଙ୍କୁ ପ୍ରକୃତରେ ଗିରଫ କରାଯିବ କି ନାହିଁ, ସେନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବାବେଳେ ଏହି ପ୍ରସଙ୍ଗ ଆମେରିକାର ରାଜନୈତିକ ଓ କୂଟନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

### ପାହାଡ଼ିଆ ଅଞ୍ଚଳରେ ଦ୍ରୁତ ତାପମାତ୍ରା ବୃଦ୍ଧି ହେଉଥିବା ଗବେଷଣାରୁ ସ୍ପଷ୍ଟ

## ସମତଳ ଭୂମି ଅପେକ୍ଷା ଜମ୍ମୁ-କାଶ୍ମୀରର ପର୍ବତମାଳା ଅଧିକ ଗରମ



**ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି):** ଜମ୍ମୁ-କାଶ୍ମୀରର ପାହାଡ଼ିଆ ଅଞ୍ଚଳଗୁଡ଼ିକ ସମତଳ ଅଞ୍ଚଳ ତୁଳନାରେ ଅଧିକ ଦ୍ରୁତ ଗତିରେ ଗରମ ହେଉଥିବା ଆଇଆଇଟି ଖଡ଼ଗପୁରର ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଏହି ଉଚ୍ଚ ପାର୍ବତ୍ୟ ଅଞ୍ଚଳଗୁଡ଼ିକର ତାପମାତ୍ରା ପ୍ରାୟ ୧ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ପହଲଗାମ ଏବଂ ଗୁଲମାର୍ଗ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଏହି ତାପମାତ୍ରା ବୃଦ୍ଧି ହାର ସବୁଠାରୁ ଅଧିକ ରହିଛି। ଗବେଷଣା ଅନୁଯାୟୀ, ପ୍ରତି ଏକ କିଲୋମିଟର ଉଚ୍ଚତା ବୃଦ୍ଧି ସହ ବାର୍ଷିକ ତାପମାତ୍ରା ୦.୧୮ ଡିଗ୍ରୀ ସେଲସିୟସ୍ ବଢୁଥିବା ବେଳେ ଶୀତଦିନେ ଏହି ହାର ପ୍ରତି ଦଶନ୍ଧିରେ ୦.୪୩ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଉଛି। ତାପମାତ୍ରା ବଢ଼ିବା ଯୋଗୁଁ ପାହାଡ଼ର ବରଫ ଶୀଘ୍ର ତରଳି ଯାଉଛି ଏବଂ ତା' ତଳେ ଥିବା କଳା ପଥରଗୁଡ଼ିକ ସୂର୍ଯ୍ୟକିରଣକୁ ପ୍ରତିଫଳିତ କରିବା ବଦଳରେ ଅଧିକ ଉତ୍ତାପ ଶୋଷଣ କରୁଛନ୍ତି। ଏହାସହ ବାୟୁମଣ୍ଡଳୀୟ ଆର୍ଦ୍ରତା ଯୋଗୁଁ ଏହି ଅଞ୍ଚଳଗୁଡ଼ିକରେ ଦିନ ଅପେକ୍ଷା ରାତିର ସର୍ବନିମ୍ନ ତାପମାତ୍ରା ଅଧିକ ବଢୁଛି। ଅପରପକ୍ଷରେ, ଜମ୍ମୁର ସମତଳ ଅଞ୍ଚଳରେ ବରଫ ଆସ୍ତରଣ ନଥିବା ଏବଂ କୃଷି ଜଳସେଚନ ଜନିତ ବାଷ୍ପୀଭବନ ଯୋଗୁଁ ସେଠାରେ ସାମାନ୍ୟ ଶୀତଳତା ଅନୁଭୂତ ହେଉଛି। ବିଶେଷଜ୍ଞମାନଙ୍କ ମତରେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ସହ ପାହାଡ଼ିଆ ଅଞ୍ଚଳକୁ ଅନିୟନ୍ତ୍ରିତ ଭାବେ ବହୁ ସଂଖ୍ୟାରେ ଗାଡ଼ିମୋଟର ପ୍ରବେଶ କରିବା ଏବଂ କଂକ୍ରିଟ୍‌ର ବେଆଇନ ବହୁତଳ ପ୍ରାସାଦ ନିର୍ମାଣ ଯୋଗୁଁ ସ୍ଥାନୀୟ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗାଡ଼ିରୁ ନିର୍ଗତ କାର୍ବନ ମୋନୋକ୍ସାଇଡ୍ ଓ ବ୍ଲାକ୍ କାର୍ବନ ଯୋଗୁଁ ଗ୍ଲାସିଅରରେ ଅତ୍ୟଧିକ ଶୁଷ୍କତା ଯୋଗୁଁ ଜଙ୍ଗଲରେ ଲାଗୁଥିବା ନିଆଁ ବାୟୁମଣ୍ଡଳରେ କାର୍ବନ ପରିମାଣ ବଢ଼ାଇ ତାପମାତ୍ରାକୁ ଆହୁରି ଅଧିକ କରୁଛି। ହିମାଳୟ ଅଞ୍ଚଳରେ ଘଟୁଥିବା ଏହି ପରିବର୍ତ୍ତନ ଆଗାମୀ ଦିନରେ ସମଗ୍ର ଉତ୍ତର ଭାରତର ପାନୀୟ ଜଳ, କୃଷି, ଜଳବିଦ୍ୟୁତ୍ ଏବଂ ଜୈବବିବିଧତା ପ୍ରତି ଏକ ବଡ଼ ସଂକଟ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି।

## ମଧ୍ୟପ୍ରଦେଶ କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି: ୟୁନିଫର୍ମ ସିଭିଲ୍ କୋଡ୍ ବିଲ୍‌କୁ ମଞ୍ଜୁରି

**ଭୋପାଳ,୧୯ ।୭(ଏଜେନ୍ସି):** ମଧ୍ୟପ୍ରଦେଶର ଭୋପାଳ ନିକଟସ୍ଥ ଐତିହାସିକ ସହର ଜଗଦୀଶପୁର (ପୂର୍ବନାମ ଇସଲାମନଗର) ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ରାଜ୍ୟ କ୍ୟାବିନେଟ୍ 'ୟୁନିଫର୍ମ ସିଭିଲ୍ କୋଡ୍' (ୟୁସିସି) ବା ସମାନ ନାଗରିକ ସଂହିତା ବିଲ୍‌କୁ ଅନୁମୋଦନ କରିଛି।

ଏହି ସ୍ଥାନର ସାଂସ୍କୃତିକ ଓ ଐତିହାସିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ବିଲ୍‌କୁ ପାସ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ଆଇନ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରିବ ଏବଂ ଏହାଦ୍ୱାରା କାହାରି ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବନାହିଁ। ସେ କହିଛନ୍ତି, "ଆମ ପାଇଁ ରାମଚନ୍ଦ୍ର ହୁଅନ୍ତୁ କିମ୍ବା ରହିମ, ସମସ୍ତେ ସମାନତା ପାଇବାକୁ ଯୋଗ୍ୟ।' ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇଙ୍କ ନେତୃତ୍ୱରେ ଗଠିତ ଏକ କମିଟି ରାଜ୍ୟର ସମସ୍ତ ଜିଲ୍ଲାରେ ବ୍ୟାପକ ଆଲୋଚନା କରି ଏହି ବିଲ୍‌ର ଚିଠା ପ୍ରସ୍ତୁତ କରିଛନ୍ତି।

ଏହି ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଭାଗ ନେଇଥିବା ବେଳେ କଂଗ୍ରେସ ଏଥିରୁ ଦୂରେଇ ରହିଥିଲା, ଯାହାକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ସର୍ଭେ ସମୟରେ ମୁସଲିମ ସମୁଦାୟର ପ୍ରାୟ ୮୦ ପ୍ରତିଶତ ମହିଳା ଏବଂ ୪୦ ପ୍ରତିଶତ ପୁରୁଷ ଏହି ଆଇନ ସପକ୍ଷରେ ମତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ସଂକଳ୍ପକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଛି। ଏହି ବିଲ୍‌କୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବ।

## ଶ୍ରୀଅଙ୍ଗ ଲାଗି ୯ଟି ଅଳଙ୍କାରର ଗଣତି ଓ ମେଳକ ସରିଲା

**ଝୋବା କଣ୍ଠି ଗଣତି ହୋଇପାରିନି**

ପୁରୀ,୧୯।୭(ସମିସ): ନୀଳାଦ୍ରି ବିଜେ ପୂର୍ବରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଥିବା ୯ଟି ଦୁର୍ଲଭ ଅଳଙ୍କାରର ଗଣତି ଓ ମେଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାପରେ ଅଳଙ୍କାରଗୁଡ଼ିକୁ ଭଣ୍ଡାର ସେବକଙ୍କୁ ମଣତି ଦିଆଯାଇଛି। ତେବେ ଖୁସିର କଥା ୧୯୭୮ ମସିହା ତାଲିକାରେ ଯାହା ବର୍ଣ୍ଣନା କରାଯାଇଛି ତାହା ମେଳ ଖାଇଛି। ଶନିବାର ପୂର୍ବାହ୍ଣ ୧ଟା ୩୧ରୁ ଆରମ୍ଭ ହୋଇ ଏହି କାର୍ଯ୍ୟ ଅପରାହ୍ଣ ୧ଟା ୫୮ ପର୍ଯ୍ୟନ୍ତ ଚାଲିଥିଲା। ଅର୍ଥାତ୍ ପ୍ରାୟ ୨ ଘଣ୍ଟା ୨୭ ମିନିଟ୍ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରାଯାଇଛି। ଶ୍ରୀଜୀଉଙ୍କ ଅଣ୍ଟା ପଟି ଅର୍ଥାତ୍ ରୁପାରସିକ ଶୁଆ ଥଣ୍ଟିଆ ୩ଟି, ରାହୁରେଖା ୩ଟି ଓ ରତ୍ନଖଚିତ ଚିତା ୩ଟି ଅଳଙ୍କାରର ଗଣତି ଓ ମେଳକ ହୋଇଛି। ଖଟ ଶେଯ ଘରେ ଏହି ମୂଲ୍ୟବାନ



ଅଳଙ୍କାରଗୁଡ଼ିକର ଗଣତି କରାଯାଇଥିଲା। ସମସ୍ତ ଅଳଙ୍କାରର ଓଜନ ମାପ ସହ ଥ୍ରୀଡି ମ୍ୟାପିଙ୍ଗ୍, ଭିଡିଓଗ୍ରାଫି କରାଯାଇଥିଲା। ସେହିପରି ରତ୍ନବିଶାରଦମାନଙ୍କ ଦ୍ୱାରା ଅଳଙ୍କାରରେ ଲାଗିଥିବା ମୂଲ୍ୟବାନ ରତ୍ନଗୁଡ଼ିକର ଚିହ୍ନଟ ମଧ୍ୟ କରାଯାଇଛି। ଏହି ସମସ୍ତ ଅଳଙ୍କାର ଚଳନ୍ତି ଭଣ୍ଡାରର ଅଂଶ ହୋଇଥିଲେ ମଧ୍ୟ ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏତେ ଦିନ ଧରି ଏହାର ଗଣତି ହୋଇପାରୁ ନ ଥିଲା। ସ୍ନାନ ପୂର୍ଣ୍ଣିମା ପରେ ତିନିବାଡ଼ର ରାହୁ ରେଖା, ରତ୍ନଖଚିତ ଚିତା, ଅଣ୍ଟା ପଟି ଲାଗି ହୋଇଥିଲା। ନୀଳାଦ୍ରି ବିଜେ ପୂର୍ବରୁ ତାହାର ଗଣତି ସମ୍ପନ୍ନ କରାଯାଇଛି। ତେବେ ଶ୍ରୀଜୀଉଙ୍କ ଝୋବା କଣ୍ଠି ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି ଓ ମେଳକ କାର୍ଯ୍ୟ ହୋଇପାରିନାହିଁ। ପରବର୍ତ୍ତୀ ସମୟରେ ଏହାର ଗଣତି କରାଯିବ ବୋଲି କୁହାଯାଉଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅଧିକୃତ ବ୍ୟକ୍ତିମାନେ ପ୍ରଥମେ ବୈଠକ କରିବା ପରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। କଡ଼ା ସୁରକ୍ଷା ଓ ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସାମିଲ୍ ଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି ଯେ, ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ମୋଟ୍ ପ୍ରାୟ ୭୮ ଘଣ୍ଟା ୩ ମିନିଟ୍‌ର ଗଣତି କାର୍ଯ୍ୟ ହୋଇସାରିଛି। ତେବେ ଭିତର ରତ୍ନଭଣ୍ଡାର ବଳକା ଅଳଙ୍କାର ଗଣତି କେବେ ହେବ ତାହାର ସୂଚନା ଆଗୁଆ ପ୍ରଦାନ କରାଯିବ।

---

**ମାଟ୍ରିକ ସପ୍ଲିମେଣ୍ଟାରି ଖାତା ଦେଖାରେ ବିଭ୍ରାଟ**

## ଗଣିତ ଶିକ୍ଷକ ଦେଖୁଛନ୍ତି ଭୂଗୋଳ, ଇତିହାସ ଖାତା

ଭୁବନେଶ୍ୱର,୧୯।୭(ସମିସ): ଚଳିତ ବର୍ଷ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଖାତା ଦେଖାରେ ବିଭ୍ରାଟ ଦେଖାଦେଇଛି। ଖାତାଦେଖା ପାଇଁ ପୂର୍ବ ପ୍ରସ୍ତୁତି କରାଯାଇନଥିବାବେଳେ ଅନ୍‌ଲାଇନ୍ ମୂଲ୍ୟାଙ୍କନ ପୂର୍ବରୁ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇ ନାହିଁ। ଫଳରେ ବ୍ୟାପକ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଛି। ଏପରିକି ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ମୂଲ୍ୟାଙ୍କନ ପ୍ରକ୍ରିୟା ଦୁଇଦିନ ହେବ ସ୍ୱାଭାବିକ ହୋଇପାରୁନାହିଁ। ଯାହାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ମୂଲ୍ୟାଙ୍କନରେ ସ୍ୱଚ୍ଛତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୂଲ୍ୟାଙ୍କନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ୟୁଜର ଆଇଡି ଖୋଲୁ ନ ଥିବାବେଳେ ଗଣିତ ଶିକ୍ଷକଙ୍କ ଆଇଡିରେ ଭୂଗୋଳ ଓ ଇତିହାସ ଖାତା ଦେଖାଉଛି। ଅର୍ଥାତ୍ ଗଣିତ ବିଷୟର ଶିକ୍ଷକ ଭୂଗୋଳ ଓ ଇତିହାସ ଖାତା ଦେଖିବେ। ବିଷୟ ଅସଙ୍ଗତିରେ ବିଭ୍ରାଟ କେବଳ ସିମିତ ନୁହେଁ, ଜଣେ ଶିକ୍ଷକଙ୍କ ଆଇଡିରେ ଅନ୍ୟ ଜଣଙ୍କ ନାମ ପ୍ରତିଫଳିତ ହେଉଛି। ଏପରିକି ମୂଲ୍ୟାଙ୍କନ ପରେ ସେଭ୍ କିମ୍ବା ସବମିଟ୍ ମଧ୍ୟ ହେଉନାହିଁ। ଫଳରେ ପିଲାଙ୍କ ପରୀକ୍ଷା ଖାତା ଅଦଳବଦଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସଫ୍ଟୱେର୍‌ରେ ବ୍ୟାପକ ଅସଙ୍ଗତି ଦେଖାଦେବା ସତ୍ତ୍ୱେ ନିରାକରଣ ନ ହେବାରୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ଅଭିଯୋଗ ହୋଇଛି। ଓଡ଼ିଶା ଏନ୍‌ପିଏସ୍

- ବୈଷୟିକ ତ୍ରୁଟି ପାଇଁ ୨ଦିନ ହେଲା ଖାତା ଦେଖା ଠପ୍
- ଅନ୍‌ଲାଇନ୍ ମୂଲ୍ୟାଙ୍କନ ପୂର୍ବରୁ ଦିଆଯାଇନି ପ୍ରଶିକ୍ଷଣ
- ବୋର୍ଡର ମନମୁଖୀ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଶିକ୍ଷକ ସଂଘ

ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ କୌଣସି ପ୍ରଶିକ୍ଷଣ ନ ଦେଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ଖାତା ଦେଖିବାକୁ ବାଧ୍ୟ କରାଯାଇଛି। ସମ୍ପ୍ରତି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ୨ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୂଲ୍ୟାଙ୍କନ ପାଇଁ ନିୟୋଜିତ କରାଯାଇଛି। କିନ୍ତୁ ବୈଷୟିକ ତ୍ରୁଟି ଯୋଗୁଁ ଖାତା ଦେଖା ସମ୍ଭବ ହେଉନଥିବାରୁ ଖାତାଦେଖା ବିଳମ୍ବ ହେବ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ମଧ୍ୟ ପ୍ରଭାବ ପକାଇବ। ଏପରିକି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନସିକ ଯନ୍ତ୍ରଣା ସଦୃଶ ରବିବାର ଦିନ ମଧ୍ୟ ଖାତା ଦେଖିବାକୁ ଡକାଯାଇଛି। ବୋର୍ଡ ପକ୍ଷରୁ ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇଁ ଏପରି କରାଯାଉଥିବା ସଫେଇ ଦେଉଥିଲେ ମଧ୍ୟ ବୈଷୟିକ ତ୍ରୁଟି ପାଇଁ ଖାତାଦେଖା ସମ୍ଭବ ହେଉନାହିଁ ଓ ମାତ୍ରାଧିକ ବିଳମ୍ବିତ ହେଉଛି। ଏଣୁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରି ବୋର୍ଡର ଏକାଧିକ ମନମୁଖୀ କାର୍ଯ୍ୟ ଉପରେ ପଦକ୍ଷେପ ନିଆଯାଉ। ଅନ୍ୟଥା ପାଠ୍ୟପୁସ୍ତକ ବିଭ୍ରାଟ ପରି ପରୀକ୍ଷା ଖାତା ମୂଲ୍ୟାୟନ କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଶ୍ରୀ ପ୍ରଧାନ ଆଶଙ୍କା ବ୍ୟକ୍ତ କରିଛନ୍ତି।

---

**ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ହ୍ରାସ**

## ଦିନକୁ ମାତ୍ର ୬ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ

ମାଲକାନଗିରି,୧୯।୭(ସମିସ): ବାଲିମେଳା ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ହ୍ରାସ ପାଇଥିବାରୁ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହୋଇଛି। ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ପ୍ରାଥମିକତା ଦେଇ ଜଳସମ୍ପଦ ବିଭାଗ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି)କୁ ଜଳଯୋଗାଣ ସୀମିତ କରିଛି। ଏହାର ପ୍ରଭାବରେ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ ବର୍ତ୍ତମାନ ଦିନକୁ ମାତ୍ର ୬

**ଦିନକୁ ମାତ୍ର ୬ ଘଣ୍ଟା ବିଦ୍ୟୁତ ଉତ୍ପାଦନ**

ଘଣ୍ଟା, ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ କରାଯାଉଛି। ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ବାଲିମେଳା ଜଳାଶୟର ଜଳସ୍ତର ୧,୪୫୫.୬୦ ଫୁଟ୍‌କୁ ଖସିଥିବାବେଳେ ପୂର୍ଣ୍ଣ ଜଳସ୍ତର ୧,୫୧୬ ଫୁଟ୍। ଲାଇଭ୍ ଷ୍ଟୋରେଜ୍ ୧୩.୧୩ ପ୍ରତିଶତକୁ ହ୍ରାସ ପାଇଛି। ଯାହା ଗତବର୍ଷ ଏହି ସମୟରେ ୧୯.୯୪ ପ୍ରତିଶତ ଥିଲା। ଚଳିତ ବର୍ଷ କ୍ୟାଚମେଣ୍ଟ ଅଞ୍ଚଳରେ ୫୧୯ ମିଲିମିଟର ବର୍ଷା ହୋଇଥିବାବେଳେ ଗତବର୍ଷ ଏହି ସମୟରେ ୭୭୮ ମିଲିମିଟର ବର୍ଷା ହୋଇଛି। ଏଲ୍‌ନିନୋ ପ୍ରଭାବ ଓ ଦୁର୍ବଳ ମୌସୁମୀ ବର୍ଷା ଏହାର ପ୍ରମୁଖ କାରଣ ବୋଲି ବିଭାଗ କହିଛି। ଓଏଚପିସିର ଏଜିଏମ୍ ମାଟା ଆନନ୍ଦ ରାଓ କହିଛନ୍ତି, ଜଳସ୍ତର କମିଥିବାରୁ ବର୍ତ୍ତମାନ ସୀମିତ ସମୟ ପାଇଁ ବିଦ୍ୟୁତ ଉତ୍ପାଦନ କରାଯାଉଛି। ଅନ୍ୟପକ୍ଷରେ ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କୈଳାଶ ସେଠୀ




କହିଛନ୍ତି, ମାଛକୁଣ୍ଡ ଜଳବିଦ୍ୟୁତ କେନ୍ଦ୍ରରୁ ପର୍ଯ୍ୟାୟକ୍ରମେ ୫୦୦, ୧୦୦୦ ଓ ୨୦୦୦ କ୍ୟୁସେକ୍ ଜଳ ବାଲିମେଳାକୁ ଛଡ଼ାଯାଇଛି। ଏହାଫଳରେ ସୋମବାର ସୁଦ୍ଧା ଜଳସ୍ତର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଜଳସ୍ତର ସ୍ୱାଭାବିକ ହେଲେ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପୂର୍ବବତ୍ ଆରମ୍ଭ ହେବ। ତେବେ ଜଳସ୍ତରରେ ସୁଧାର ନ ଆସିଲେ ବିଦ୍ୟୁତ ଉତ୍ପାଦନ ଅଧିକ ପ୍ରଭାବିତ ହେବା ସହ କୋଟି କୋଟି ଟଙ୍କାର କ୍ଷତି ହେବାର ଆଶଙ୍କା ରହିଛି।

---

**ଜନ୍ମବେଦୀରେ ଦର୍ଶନ ଦେଲେ ଦାରୁଦିଅଁ**

## ଭକ୍ତଙ୍କୁ ମିଳିଲା ପ୍ରଥମ ଆଡ଼ପ ଅବଢ଼ା

ପୁରୀ,୧୯।୭(ସମିସ): ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ରବିବାର ଆଡ଼ପ ମଣ୍ଡପରେ ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ପ୍ରବଳ ଖରା ସତ୍ତ୍ୱେ ବିଶ୍ୱନିୟନ୍ତାଙ୍କ ସାନିଧ୍ୟ ପାଇବା ପାଇଁ ଦର୍ଶନାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଲମ୍ବା ଲାଇନ୍ ଲଗାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଯଜ୍ଞବେଦୀରେ କଳାସାଆନ୍ତଙ୍କୁ ଦେଖି ଓଦା ହୋଇଛି ଭକ୍ତଙ୍କ ଆଖି। ଅନ୍ୟପଟେ ରାସମଣ୍ଡପରେ



ରବିବାର ଦାରୁବିଗ୍ରହଙ୍କୁ ଲାଗି ହୋଇଛି ଅନ୍ନ ପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଚଳିତବର୍ଷ ପ୍ରଥମ ଆଡ଼ପ ଅବଢ଼ା। ପୁଣି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ଶ୍ରୀମୁଖ ଶୃଙ୍ଗାର।

ଶନିବାର ଗୋଟିପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ସ୍ୱାଭାବିକ ହୋଇଥିଲା ଆଡ଼ପ ପହଣ୍ଡି। ସନ୍ଧ୍ୟା ୭ଟା ୪୫ରୁ ପହଣ୍ଡି ଆରମ୍ଭ ହୋଇ ରାତି ସାଢ଼େ ୧୧ଟାରେ ଶେଷ ହୋଇଥିଲା। ଜନ୍ମବେଦୀରେ ଠାକୁର ପହଞ୍ଚିବା ପରେ ବଡ଼ସିଂହାର ଓ ପହୁଡ଼ ନୀତି ହେବାର ବିଧି ରହିଛି। କିନ୍ତୁ ସମୟ ଅଭାବରୁ ଏହି ନୀତି ହୋଇପାରି ନ ଥିଲା। ରାତି ୩ଟା ୩୦ରେ ରୁନ୍ଧା ଶେଷ ହୋଇଥିଲା। ରବିବାର ସକାଳ ୬ଟା ୩୫ରେ ଚାରମାଳ ଫିଟାଇବାକୁ କୋଠସୁଆଁସିଆମାନେ ପ୍ରବେଶ କରି ୮ଟାରେ ବାହାରିଥିଲେ। ଏହାପରେ ସୁଦର୍ଶନ ରୁନ୍ଧା, ଶ୍ରୀମୁଖ ଖଣ୍ଡୁଆ ମଇଲମ, ଚକାପୋଛା, ସିଂହାସନ ଧୂଆ ହୋଇ ସକାଳ ୯ଟା ୨୫ରେ ମହାସ୍ନାନ ଶେଷ ହୋଇଥିଲା। ପରେ ୯ଟା ୫୫ରେ ମଙ୍ଗଳ ଆଳତି କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୨୫ରେ ଅବକାଶ ବଢ଼ିବା ପରେ ୧୨ଟା ୩୦ରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଯଦିଓ ପୂର୍ବାହ୍ଣ ୧୦ଟାରୁ ଦର୍ଶନ ଆରମ୍ଭ ହେବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା କିନ୍ତୁ ଶ୍ରଦ୍ଧାଳୁମାନେ ରବିବାର ରାତି ୩ଟାରୁ ଧାଡ଼ି ଲଗାଇଥିଲେ। ପ୍ରବଳ ଖରାରେ କିଛି ଭକ୍ତ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ଭିତରେ ଉଭୟ ଟିକଟଧାରୀ ଓ ସର୍ବସାଧାରଣ ଦର୍ଶନ ପାଇଁ ହୋଇଛି ସୁଲଭ ବ୍ୟବସ୍ଥା। ଶୀତତାପ ନିୟନ୍ତ୍ରିତ ନାଟମଣ୍ଡପରେ ନୂଆ ଅନୁଭୂତି ପାଇଛନ୍ତି ଶ୍ରଦ୍ଧାଳୁ। ମୁଖ୍ୟ ଦ୍ୱାର ଦେଇ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିଥିଲେ ଭକ୍ତ। ଅପରାହ୍ଣ ୨ଟା ୩୫ରେ ଗୋପାଳ ବଲ୍ଲଭ ସରିଥିବାବେଳେ

### ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

ଅପରାହ୍ଣ ୩ଟା ୫୫ରେ ସକାଳ ଧୂପ ନୀତି ବଢ଼ିଥିଲା। ଏହାପରେ ବାହାରିଥିଲା ଆଡ଼ପ ଅବଢ଼ା। ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ ଆଡ଼ପ ଦର୍ଶନ କରି ପାଇଥିଲେ ଆଡ଼ପ ଅବଢ଼ା। ସକାଳ ଧୂପରେ କମ୍ ଅବଢ଼ା ବାହାରିଥିବାବେଳେ ଭୋଗମଣ୍ଡପରେ ପର୍ଯ୍ୟାପ୍ତ ମହାପ୍ରସାଦ ବାହାରିଥିଲା। ବର୍ଷକୁ ଥରେ ଆଡ଼ପ ଅବଢ଼ା ମିଳୁଥିବାରୁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହ ପାଇ ସାଙ୍ଗରେ ମଧ୍ୟ ନେଇଯାଉଥିଲେ।

ଅନ୍ୟପକ୍ଷରେ ସୋମବାର ହେରାପଞ୍ଚମୀ। ଏହାର ପୂର୍ବଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ରବିବାର ଗୁଣ୍ଡିଚା ମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ସନ୍ଧ୍ୟାରେ ଦତ୍ତମହାପାତ୍ର ସେବକମାନେ ପ୍ରବେଶ କରି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ।

---

**ସିଡିଏ ସେକ୍ଟର-୧୩ରେ ମହାଠକେଇ**

## ଆନ୍ତଃଜିଲ୍ଲା ଅଭିଯୁକ୍ତ ଶଶଧର ଗିରଫ

କଟକ,୧୯।୭(ସମିସ): କଟକ ମଙ୍ଗଳାବାଗ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଜମି କିଣାଇଦେବା ଓ ପୁଅ ପାଠପଢ଼ା ନାଁରେ କୋଟି କୋଟି ଟଙ୍କା ଠକେଇ କରି ଫେରାର ଥିବା ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ମହାଠକକୁ ପୁଲିସ ଗିରଫ କରିଛି। ଗିରଫ ହୋଇଥିବା ଏହି ବହୁରୂପୀ ଠକ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଧୁସୁରୀ ଥାନା ଅନ୍ତର୍ଗତ ପଣ୍ଡାପାଟଣା ଗ୍ରାମର ଶଶଧର ପଣ୍ଡା। ସେ କଟକ

**ଅଭିଯୁକ୍ତ ନାଁରେ ବାଲିଅନ୍ତା ଥାନାରେ ୨ କୋଟି ୨୪ ଲକ୍ଷ ଟଙ୍କା, ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ୬୪ ଲକ୍ଷ, ନିମାପଡ଼ା ଥାନାରେ ୫୮ ଲକ୍ଷ ଏବଂ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାରେ ୩ କୋଟି ୫୦ ଲକ୍ଷ ଟଙ୍କାର ଠକେଇ ମାମଲା**

ସିଡିଏ ସେକ୍ଟର-୧୩ ଅଞ୍ଚଳରେ ରହୁଥିଲେ। ଦୀର୍ଘ ଦିନର ଖୋଜାଖୋଜି ଏବଂ ବୈଷୟିକ ଜ୍ଞାନକୌଶଳର ସହାୟତା ନେଇ ମଙ୍ଗଳାବାଗ ଥାନା ପୋଲିସ ବାଲେଶ୍ୱର ଜିଲ୍ଲାର ଖଇରା ଅଞ୍ଚଳରୁ ତାଙ୍କୁ କାବୁ କରିବାରେ ସଫଳ ହୋଇଛି।

ଘଟଣାରୁ ପ୍ରକାଶ ଯେ, କଟକ ମଙ୍ଗଳାବାଗ ଫ୍ରେଣ୍ଡସ କଲୋନୀର ଦୀପାରାଣୀ ପଟ୍ଟନାୟକ ନାମକ ଜଣେ ମହିଳା ଗତ ୨୦୨୫ ମସିହା ଜାନୁଆରୀ ମାସରେ ନଖରାଠାରେ ଆୟୋଜିତ ଏକ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ତାଙ୍କର ଦେଖା ଏହି ଠକ ଶଶଧରଙ୍କ ସହ ହୋଇଥିଲା। ଏହାପରେ ଶଶଧର ନିଜ ପରିବାର ସହ




ଦୀପାରାଣୀଙ୍କ ଘରକୁ ଯିବା ଆସିବା କରି ସେମାନଙ୍କ ସହ ନିବିଡ଼ ସମ୍ପର୍କ ଗଢ଼ି ତୋଳିଥିଲେ। ସେ ନିଜକୁ ଜଣେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ବୋଲି ପରିଚୟ ଦେଇଥିଲେ। ପରେ ନିଜ ପୁଅର ଉଚ୍ଚଶିକ୍ଷା ପାଇଁ ଅର୍ଥର ଆବଶ୍ୟକତା ଥିବା ଦର୍ଶାଇ ଦୀପାରାଣୀଙ୍କୁ ୨୦ ଲକ୍ଷ ଟଙ୍କାର ଋଣ ମାଗିଥିଲେ। ପ୍ରଥମେ ଦୀପାରାଣୀ ଏତେ ଟଙ୍କା ଦେବାକୁ ମନା କରିଥିଲେ ମଧ୍ୟ ଶଶଧର ତାଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ଏକ ନୂଆ ଚାଲ୍ ଖେଳିଥିଲେ। ସେ କହିଥିଲେ ଯେ ଋଣ ବଦଳରେ ସେ ତାଙ୍କ ସ୍ତ୍ରୀଙ୍କ ନାଁରେ କଟକ ସିଡିଏ ସେକ୍ଟର-୧୩ରେ ଥିବା ଏକ ପ୍ଲଟକୁ ଦୀପାରାଣୀଙ୍କ ନାମରେ ରେଜିଷ୍ଟ୍ରି କରିଦେବେ। ଏହି କଥାରେ ବିଶ୍ୱାସ କରି ଦୀପାରାଣୀ ନଗଦ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ସେହି ଠକକୁ ସମୁଦାୟ ୨୦ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଟଙ୍କା ପାଇବା ପରେ ଶଶଧର ଜମି ରେଜିଷ୍ଟ୍ରି କରିନଥିଲେ କି ଟଙ୍କା ଫେରସ୍ତ କରିନଥିଲେ। ଓଲଟା ଟଙ୍କା ମାଗିବାରୁ ଦୀପାରାଣୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗଳା ଚିପି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ଏବଂ ନିଜ ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଇଥିଲେ। ଏ ନେଇ ଗତ ମେ ମାସରେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଶଶଧର ଜଣେ ପେଶାଦାର ଏବଂ ଅଭ୍ୟାସଗତ ମହାଠକ। ସେ କେବଳ କଟକରେ ନୁହେଁ, ବରଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଏଭଳି ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଲୁଟିଛନ୍ତି। ତାଙ୍କ ନାମରେ ବାଲିଅନ୍ତା ଥାନାରେ ୨ କୋଟି ୨୪ ଲକ୍ଷ ଟଙ୍କା, ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ପ୍ରାୟ ୬୪ ଲକ୍ଷ ଟଙ୍କା, ନିମାପଡ଼ା ଥାନାରେ ୫୮ ଲକ୍ଷ ଟଙ୍କା ଏବଂ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ବା ଇଓଡବ୍ଲ୍ୟୁଓରେ ୩ କୋଟି ୫୦ ଲକ୍ଷ ଟଙ୍କାର ଠକେଇ ମାମଲା ସମେତ ବନ୍ଧମୁଣ୍ଡା ଓ ଭଦ୍ରକ ଟାଉନ ଥାନାରେ ମଧ୍ୟ ଏକାଧିକ ସଙ୍ଗିନ ମାମଲା ରହିଛି। ଲୋକଙ୍କୁ ଠକି ଆଦାୟ କରିଥିବା କୋଟି କୋଟି ଟଙ୍କାରେ ଶଶଧର ଅତି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ସେ ଏହି ଠକେଇ ଟଙ୍କାରେ କଟକ ସିଡିଏରେ ଦୁଇଟି ପ୍ଲଟ, ଭୁବନେଶ୍ୱର ସୁନ୍ଦରପଦାରେ ଦୁଇଟି ପ୍ଲଟ କିଣିବା ସହ କଟକ ବିଡ଼ାନାସୀ ନୂଆସାହି ଅଞ୍ଚଳରେ ଏକ ବିରାଟ ତିନି ମହଲା କୋଠା ଘର ମଧ୍ୟ ନିର୍ମାଣ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

---

### ୨୩ ତାରିଖ ଯାଏଁ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୯।୭(ସମିସ): ଲଘୁଚାପ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା ବର୍ଷାର ପ୍ରକୋପ କମିଛି। ବିଶେଷକରି ଉପକୂଳ ଓଡ଼ିଶାରେ ରବିବାର ବର୍ଷାର ପରିମାଣ ଖୁବ କମ ରହିଥିବା ବେଳେ ସୋମବାରଠାରୁ ଉତ୍ତର ତଥା ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷାର ପରିମାଣ ବଢ଼ିପାରେ। ସୋମବାର ବାଲେଶ୍ୱର, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର ଓ ମୟୂରଭଞ୍ଜକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ୨୨ ଓ ୨୩ ତାରିଖରେ ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ଝଡ଼ବର୍ଷାର ସମ୍ଭାବନା ରହିଛି। ୨୪ ତାରିଖରୁ ପାଗରେ ପରିବର୍ତ୍ତନ ଦେଖାଦେବ।

---

**ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ**

## ଯଥାଶୀଘ୍ର କାର୍ଯ୍ୟକାରୀ ହେଉ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ




ଭୁବନେଶ୍ୱର, ୧୯।୭(ସମିସ): ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ ସ୍ଥାନୀୟ ସହିଦ ଲକ୍ଷ୍ମଣ ନାଏକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଭୃଗୁ ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲାର ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସ୍ୱର ଉଠାଉଥିବା ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷ ଯୋଗଦାନ କରି ସେମାନଙ୍କ ମତାମତ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କର ଦ୍ୱାରା ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନକୁ ସ୍ୱାଗତ କରାଯିବା ସହ ଏହାର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ବାସ୍ତବବାଦୀ ପଦକ୍ଷେପ ଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହା ସହ ଏସ୍‌ଓଡ଼ିସି ଗଠନ ଓ ରୂପରେଖ ଉପରେ ମତାମତ ଗ୍ରହଣ, ଶିକ୍ଷା, ରୋଜଗାର, ସ୍ୱାସ୍ଥ୍ୟ ଚିକିତ୍ସାର ଭିତ୍ତିଭୂମି, କୃଷି ଓ ଜଙ୍ଗଲ ପରି ପ୍ରମୁଖ ୧୫ ସୂତ୍ରୀ ବିଷୟବସ୍ତୁକୁ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ଏଥିସହ ସେଥିରେ ଅନେକ ବିକାଶମୂଳକ ପ୍ରସଙ୍ଗ ଯୋଡ଼ି ଏକ ଚିଠା ଖସଡ଼ା ପ୍ରସ୍ତୁତ କରି ସରକାରଙ୍କୁ ଦେବା ପାଇଁ ଉନ୍ନୟନ ପରିଷଦର ଚିନ୍ତନ ବୈଠକରେ ନିଷ୍ପତ୍ତି ନିଆଯାଇଛି।

**ତୃଣମୂଳସ୍ତରର ବିକାଶ ପାଇଁ ପ୍ରସ୍ତୁତ ହେଉ ବାସ୍ତବ ନକ୍ସା**

ସମଗ୍ର ବୈଠକ ଓ ଆଲୋଚନା ପ୍ରସଙ୍ଗକୁ ଦୁଇଟି ଅଧିବେଶନରେ ବିଭକ୍ତ କରାଯାଇ ବିସ୍ତୃତ ଭାବରେ ମାନସମନ୍ଥନ କରାଯାଇଛି। ଏଥିରେ ୭ ଜିଲ୍ଲାର ୪୫ରୁ ଅଧିକ ସଂଗଠନ ଏବଂ ୧୫୦ରୁ ଅଧିକ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ। ବହୁ ଅବସରପ୍ରାପ୍ତ ପ୍ରଫେସର, ପ୍ରଶାସନିକ ଅଧିକାରୀ, ବିବିଧ କ୍ଷେତ୍ରର ଗବେଷକ ଏବଂ ଅଭିଜ୍ଞ ବ୍ୟକ୍ତିସମୂହ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ଉପରେ ନିଜର ମତ ପ୍ରଦାନ କରିଥିଲେ। ଦକ୍ଷିଣ ଓଡ଼ିଶାରେ ଜନସାଧାରଣଙ୍କ ବାସ୍ତବ ଆବଶ୍ୟକତା, ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ତୃଣମୂଳସ୍ତରରେ ଅଧ୍ୟୟନ କରାଯାଇ ଏକ ବିକାଶର ଏକ ବାସ୍ତବାମୁଖୀ ନକ୍ସା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବୈଠକରେ ସରକାରଙ୍କ ନିଷ୍ପତ୍ତି କେବଳ ଘୋଷଣାରେ ନ ରହି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଚାପ ସୃଷ୍ଟି ପାଇଁ ମାଲକାନଗିରି ଠାରୁ ଗଞ୍ଜାମ ଯାଏ ଏକ ବ୍ୟାପକ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ଉପସଂହାର କରିଥିବା ବେଳେ ଉପାଧ୍ୟକ୍ଷ ଇଂ.ବିପିନବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

---

**ଜୀବନସାଥୀ ହେଲେ ଦୁଇ ବିଚାରାଧୀନ କଏଦୀ**

## ଜେଲ୍‌ରେ ପଡ଼ିଲା ହାତଗଣ୍ଠି

ଜୟପୁର, ୧୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ଜେଲରେ ୨ ବିଚାରାଧୀନ କଏଦୀ ହିନ୍ଦୁ ରୀତିନୀତିରେ ବିବାହ କରିଛନ୍ତି। ।

ସୂଚନା ଅନୁଯାୟୀ, ଅଭିଯୁକ୍ତ ନୃସିଂହ ପ୍ରସାଦ ଖମାରୀ ଏବଂ ଯୁବତୀ ନିବେଦିତା ତରାଇଙ୍କର ଗିରଫ ପୂର୍ବରୁ ବିବାହ ପାଇଁ ନିର୍ବନ୍ଧ ହୋଇଥିଲା। ଖୋର୍ଦ୍ଧା ଅଞ୍ଚଳରେ ଉଭୟ 'ଲିଭ ଇନ୍'ରେ ଏକାଠି

**ଠକେଇ ଅଭିଯୋଗରେ ଗିରଫ ହୋଇଛନ୍ତି**

ରହି ଆସୁଥିଲେ। କିନ୍ତୁ ମାଲକାନଗିର ଜିଲ୍ଲାର ବିଭିନ୍ନ ଲ୍ୟାମ୍ପସରୁ ଚାଷୀଙ୍କ ଋଣ ଟଙ୍କା ହଡ଼ପ ଏବଂ ଏ ନେଇ ୧ କୋଟି ୮ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ସଦର ମହକୁମା କୋରାପୁଟ କେନ୍ଦ୍ରୀୟ ସମବାୟ (କେସିସି) ମ୍ୟାନେଜରଙ୍କୁ ସୁଧାଂଶୁ ଖରାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଉକ୍ତ ଟଙ୍କା ମଧ୍ୟରୁ ୬୩ ଲକ୍ଷ ଟଙ୍କା ଅଭିଯୁକ୍ତ ନୃସିଂହ ଏବଂ ନିବେଦିତାଙ୍କ ୧୨ଟି ଜମାଖାତାକୁ ଅନ୍‌ଲାଇନ ମାଧ୍ୟମରେ ପଠାଇଥିଲେ। ତେଣୁ ଭିଜିଲାନ୍ସ ପକ୍ଷରୁ ଦୁଇ



ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ୍ କରାଯାଇ ଗତ ମେ ୭ ତାରିଖରେ ଖୋର୍ଦ୍ଧାରେ ରହିଥିବା ତାଙ୍କ ଦୋକାନ ଉପରେ ଚଢଉ କରାଯାଇ ଗିରଫ କରି ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ହାଜର କରାଯାଇ ଜେଲ ହାଜତକୁ ପଠାଯାଇଥିଲା। ଉଭୟଙ୍କ ନାମରେ ବାଙ୍ଗାଲୁରୁ ପୁଲିସ ସମେତ ଓଡିଶାର ବିଭିନ୍ନ ଜିଲ୍ଲାର ଥାନା ଗୁଡିକରେ ଠକେଇ ମାମଲା ରହିଛି। ଉଭୟ ଏବେ ଜୟପୁର ସ୍ୱତନ୍ତ୍ର ଜେଲରେ ବିଚାରଧିନ କଏଦୀ ଭାବେ ରହୁଛନ୍ତି।

ତେବେ ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେବା ପରେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଜିଲ୍ଲା ପ୍ରଶାସନ ଏବଂ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ପୁରୋହିତଙ୍କ ଉପସ୍ଥିତିରେ ହିନ୍ଦୁ ରୀତିନୀତିରେ ହୋମଯଜ୍ଞ ସହିତ ବିବାହ ଆୟୋଜନ ହେବା ସହିତ ଭୋଜିଭାତ କରାଯାଇଥିଲା

ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ। ଏହି ଅବସରରେ ଉଭୟ ଯୁବକ ଓ ଯୁବତୀଙ୍କ ପରିବାର ଲୋକଙ୍କ ସମେତ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ଜେଲ କର୍ମଚାରୀ ଏବଂ ଅନ୍ତେବାସୀ ଉପସ୍ଥିତ ରହିଥିଲେ। ଜେଲ ଅଧିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି, ଉଭୟ ମେ ମାସରୁ ଏକ ଠକେଇ ନେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇ ଜୟପୁର ସ୍ୱତନ୍ତ୍ର ଜେଲରେ ବିଚାରଧିନ କଏଦୀ ଭାବେ ରହୁଛନ୍ତି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଜିଲ୍ଲା ପ୍ରଶାସନ ଏବଂ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଛି।

# ଯାଜପୁରରେ ସ୍ୱତନ୍ତ୍ର ଲୋକ ଅଦାଲତ

**ଯାଜପୁର,୧୯।୭(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଯାଜପୁର ପକ୍ଷରୁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଲୋକ ଅଦାଲତରେ ପରିକ୍ରାମ୍ୟ ଦଲିଲ ଆଇନ (ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ) ଅଧୀନରେ ୪୧ଟି ମାମଲା ସମାଧାନ କରାଯାଇଥିବା ବେଳେ ମୋଟ ୮୩ ଲକ୍ଷ ୬୬ ହଜାର ୮୭୫ ଟଙ୍କା ଆଦାୟ କରାଯାଇଛି। ଏହା ମାଧ୍ୟମରେ ପକ୍ଷକାର ମାନେ ଦୀର୍ଘ ଆଇନଗତ ପ୍ରକ୍ରିୟାରୁ ମୁକ୍ତି ପାଇବା ସହ ସମୟ ଓ ଅର୍ଥର ସଞ୍ଚୟ କରିପାରିଛନ୍ତି। ଏହି ସ୍ୱତନ୍ତ୍ର ଲୋକ ଅଦାଲତରେ ମୁଖ୍ୟ ବିଭାଗୀୟ ବିଚାରପତି ସର୍ବେଶ୍ୱର ଦାସ, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଜେଏମ୍ଏସସି ଅଂଶୁମାନ ରଥ, ଜେଏମ୍ଏସସି ସୁଶ୍ରୀ ବୀଣାପାଣି ତାଣ୍ଡି ନିଜ ନିଜ ଅଦାଲତ ପରିଚାଳନା କରି ମାମଲା ଗୁଡ଼ିକର ସମାଧାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ସ୍ୱତନ୍ତ୍ର ଲୋକ ଅଦାଲତର ସଫଳ ଆୟୋଜନ ପାଇଁ ଆବଶ୍ୟକ ସମସ୍ତ ସମନ୍ୱୟ ଓ ସହଯୋଗ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ଲୋକ ଅଦାଲତ ହେଉଛି ଏକ ସହଜ, ଶୀଘ୍ର, ନିଃଶୁଳ୍କ ଏବଂ ପ୍ରଭାବଶାଳୀ ବିବାଦ ସମାଧାନ ବ୍ୟବସ୍ଥା। ଏହା ମାଧ୍ୟମରେ ପକ୍ଷକାରମାନେ ପରସ୍ପର ସହମତିରେ ନିଜ ନିଜ ବିବାଦର ସମାଧାନ କରି ଦୀର୍ଘ ନ୍ୟାୟିକ ପ୍ରକ୍ରିୟାରୁ ମୁକ୍ତି ପାଇ ପାରୁଛନ୍ତି। ସୂଚନାଯୋଗ୍ୟ ଯେ ଏହି ଦିନ ତାଲୁକ ଆଇନ ସେବା କମିଟି ଚଣ୍ଡିଖୋଲ ଏବଂ ଯାଜପୁର ରୋଡ ଠାରେ ମଧ୍ୟ ସ୍ୱତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।

# ବାପା-ମା'ଙ୍କୁ ହରାଇ ଅସହାୟ ୫ ସନ୍ତାନ

**ଦାନଗଦି,୧୯।୭(ସମିସ):** ଦାନଗଦି ବ୍ଲକ କିଆଝର ପଞ୍ଚାୟତରେ ବାପା-ମା'ଙ୍କୁ ହରାଇ ୫ଜଣ ସନ୍ତାନ ଅନାଥ ହୋଇ ଦୁଃଖରେ ଜୀବନ ନିର୍ବାହ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନ ସୃଷ୍ଟି କରିଛି। ସୂଚନା ମୁତାବକ କିଆଝର ପଞ୍ଚାୟତର ୩ନଂ. ୱାର୍ଡ ଚହଲାପଦା ଗ୍ରାମର ରାମ ହେମ୍ବ୍ରମଙ୍କର ହଠାତ୍ ଦେହଖରାପ ହେବାରୁ ଗତ ଫେବୃଆରୀ ମାସରେ ମୃତ୍ୟୁବରଣ କରିଥିଲେ। ତାଙ୍କର ସ୍ତ୍ରୀ ସୋମବାରୀ ଓ ୫ଜଣ ସନ୍ତାନ ଦୁଃଖ କଷ୍ଟରେ ରହିବା ପରେ ଘରେ ଅଭାବ ଅନଟନ ପାଇଁ ସୋମବାରୀ ସବୁବେଳେ ମାନସିକ ଚିନ୍ତାରେ ରହୁଥିଲେ। ଧିରେ ଧିରେ ତାଙ୍କ ଦେହ ଖରାପ ହେବାରୁ ଗ୍ରାମବାସୀଙ୍କ ସହଯୋଗରେ ଟାଟା ମେଡିକାକୁ ନେଇଥିଲେ। ଚିକିତ୍ସା ହୋଇ ଫେରିବାର ୧୫ ଦିନ ପରେ ଗତ ୧୫ ତାରିଖ ବୁଧବାର ସୋମବାରୀଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କ ବଡ଼ ପୁଅ ବୃନ୍ଦା ହେମ୍ବ୍ରମ୍ (୧୮) ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ି ଏହି କିଛି ମାସ ହେବ ୯ନଂ. ରେଲ୍‌ୱେ ସାଇଡିଂରେ ଶ୍ରମିକ ଭାବେ କାମ କରି ପରିବାର ପୋଷଣ କରୁଛନ୍ତି। ଆଉ ୪ ଜଣ କନ୍ୟା ସନ୍ତାନ ବାଲେମା, ଗାଙ୍ଗୀ, ମିନି ଓ ପାର୍ବତୀ ହେମ୍ବ୍ରମ୍ ଏବେ ବାପା, ମା'ଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି। ଏପରି ଦୁଃଖଦ ଖବର ପାଇ ସ୍ଥାନୀୟ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର ତାଙ୍କ ଘରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାର ୩୦୦୦ ଟଙ୍କା ଦେବା ସହିତ ବ୍ୟକ୍ତିଗତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପଞ୍ଚାୟତ ତରଫରୁ ଯାହା ସହଯୋଗ କରିବା କଥା କରାଯିବ। କିପରି ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଅନାଥ ପିଲାଙ୍କୁ ଥଇଥାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବାଲେୟା ୧୩ ବର୍ଷର ଝିଅଟି ଘରର ପରିସ୍ଥିତି ପାଇଁ ଅଧାରୁ ପାଠ ଛାଡି ଘର କାମରେ ସହଯୋଗ କରୁଥିବାର ଜଣାପଡିଛି। ଗାଙ୍ଗୀ ୫ମ, ମିନି ୩ୟ ଓ ପାର୍ବତୀ ଅଙ୍ଗନବାଡ଼ିରେ ପାଠ ପଢୁଛନ୍ତି। ୫ ଅନାଥ ପିଲାର ଭବିଷ୍ୟତ ଜୀବନ ପାଇଁ ପ୍ରଶାସନ ଗୁରୁତ୍ୱ ଦେଇ ସହଯୋଗର ହାତ ବଢ଼ାଇବାକୁ ଗ୍ରାମର ଲଛମନ ସାମାଡ଼, ଜଗନ ହେମ୍ବ୍ରମ୍ ସମେତ ସମସ୍ତ ଗ୍ରାମବାସୀ ନିବେଦନ କରିଛନ୍ତି।

# ଟିଚର୍ସ କ୍ଲବ୍ ପକ୍ଷରୁ ଚାରାରୋପଣ



**ସିଂହପୁର,୧୯।୭(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ, ବଛୋଳଠାରେ ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମିତ୍ତ ଏକ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଟିଚର୍ସ କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ନାୟକ, ସଭାପତି ଅଭୟ ଚରଣ ଖୁଣ୍ଟିଆ, ସମ୍ପାଦକ ଭାରତ ଭୂଷଣ ମଲ୍ଲିକ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସାମଲ, ଉପଦେଷ୍ଟା ରବିନାରାୟଣ ସାମଲ, ଶିକ୍ଷାବିତ ଶରତ ଚନ୍ଦ୍ର ପରିଡ଼ା ଏବଂ ସରୋଜ କୁମାର ମଲ୍ଲିକ ଯୋଗଦେଇ ବୃକ୍ଷରୋପଣ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା କଣ୍ଠଶିଳ୍ପୀ ଟିକିଲତା ବେହେରା ପରିବେଶ ସଂରକ୍ଷଣ ସମ୍ପର୍କରେ ଏକ ସଂଗୀତ ଗାନ କରିଥିଲେ। ଶିକ୍ଷକ ନିଶାକର ସାହୁ ଓ ଶିକ୍ଷୟିତ୍ରୀ ମମତା ଦାସ ସଭା ସଞ୍ଚାଳନ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଚାରା ରୋପଣ କରାଯାଇଥିଲା। ଟିଚର୍ସ କ୍ଲବର ଉପସଭାପତି ଉମେଶ ଚନ୍ଦ୍ର ସାମଲ, ଗଙ୍ଗାରାଣୀ ମିଶ୍ର, ଅକ୍ଷୟ କୁମାର ସେଠୀ, ରବୀନ୍ଦ୍ର କୁମାର ଦାସ, ସୁରେନ୍ଦ୍ର କୁମାର ପତି, ରାମଚନ୍ଦ୍ର ନାୟକ, ବିଷ୍ଣୁ ଚରଣ ସାମଲ, ଶିକ୍ଷକ ମାଧବ ଚନ୍ଦ୍ର ଧଳ, ମଦନ ଚରଣ ବେହେରା, ଶିକ୍ଷୟିତ୍ରୀ ସୌଦାମିନୀ ରାଉତ, ଉତ୍କଳ କୁମାର ବାରିକ ଚାରାରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶ୍ରଦ୍ଧାଞ୍ଜଳି ବେହେରା ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଛାତ୍ରୀମାନେ ଚାରା ରୋପଣରେ ସହଯୋଗ କରିଥିଲେ। ଟିଚର୍ସ କ୍ଲବର ଅନ୍ୟତମ ପ୍ରାକ୍ତନ ସଭାପତି ରବିନାରାୟଣ ସାମଲ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ବ୍ୟାସନଗର ପୌରପରିଷଦରେ ଅଲୋଡ଼ା ବସ୍ତିବାସିନ୍ଦା

# ପୁରୁଷ ପୁରୁଷ ଧରି ମୌଳିକ ସୁବିଧାରୁ ବଞ୍ଚିତ

**ବ୍ୟାସନଗର,୧୯।୭(ସମିସ)**

ବ୍ୟାସନଗର ପୌରାଞ୍ଚଳର ୨୬ ଗୋଟି ୱାର୍ଡରେ ୪୭ ଗୋଟି ବସ୍ତି ରହିଛି। ଇସ୍ପାତ ରାଜଧାନୀ ତଥା ଶିଳ୍ପନଗରୀ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ପ୍ରତିଦିନ ସହରର ଛବି ବଦଳିବା ସହିତ ବ୍ୟବସାୟ, ବାଣିଜ୍ୟ ପ୍ରତିଷ୍ଠାନ ବଢି ଚାଲିଛି। ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଏହି ସହରର 'ଶ୍ରୀ' ବଢୁଥିବା ବେଳେ ଏହି ହାରରେ ଏହାର ଲୋକସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଥିବା ବେଳେ ଏହି ହାରରେ ସହରର ବିଭିନ୍ନ ୱାର୍ଡରେ ବସ୍ତି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି। ହେଲେ ଯେଉଁ ପରିମାଣରେ ସହରରେ ବସ୍ତି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି, ସେହି ହାରରେ ସହରର ବସ୍ତିବାସିନ୍ଦାଙ୍କ ସମସ୍ୟା ତଥା ଅବସ୍ଥାରେ ସେମିତି ଆଖିଦୃଶିଆ ସୁଧାର ଆସିନାହିଁ। ପୁରୁଷ ପୁରୁଷ ଧରି ବସବାସ ପରେ ବି ମଧ୍ୟ ପ୍ରଶାସନିକ ଅଧିକାରୀ ଏବଂ ପୌରପରିଷଦର ନିର୍ବାଚିତ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ବ୍ୟାସନଗର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବସବାସ କରୁଥିବା ଅନେକ ବସ୍ତିବାସିନ୍ଦାଙ୍କୁ ମିଳୁନି ମୌଳିକ ସୁବିଧା ସୁଯୋଗ। ଫଳରେ ବସ୍ତିବାସିନ୍ଦାଙ୍କ ନିମନ୍ତେ ସରକାରୀ ଯୋଜନା ଅପହଞ୍ଚ ହୋଇପଡ଼ିଛି।



ସୂଚନାଯୋଗ୍ୟ, ବ୍ୟାସନଗର ପୌରାଞ୍ଚଳରେ କେଉଁ କାଳରୁ ବ୍ୟାସ ସରୋବର ନିକଟରେ ଜଗନ୍ନାଥ ଆଦିବାସୀ ବସ୍ତି, ମୁଣ୍ଡମାଳ ଆଦିବାସୀ ବସ୍ତି, ଟିଣା ହାଟିଙ୍ଗ ପ୍ଲଟ, ଗାନ୍ଧୀନଗର, ନହକା ବାଇପାସ ବସ୍ତି, ଡାବସାହି ଆଦିବାସୀ ବସ୍ତି, କାଚହୁଡି ସାହି, ବିରଜା ନଗର, ମୋରମ ଛଇ ଆଦିବାସୀ ବସ୍ତି, ମାଳିସାହି, ଯୋଗୀସାହି, ନୂଆସାହି, ସାତକଣିଆ ଆଦି ବିଭିନ୍ନ ସ୍ଥାନରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କର ଅଗଣିତ ସମସ୍ୟା ରହିଛି। ଏମାନେ ପୁରୁଷ ପୁରୁଷ ଧରି ବସବାସ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାନୀୟ ଜଳ, ପକ୍କା ରାସ୍ତା, ବିଦ୍ୟୁତ, ଶିକ୍ଷା ଆଦି ବହୁବିଧ ସମସ୍ୟାମାନ ରହିଛି। ବସ୍ତିମାନଙ୍କରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିଲେ ମଧ୍ୟ ତାହାର ନିଜସ୍ୱ ଗୃହ ନାହିଁ। ଅନେକ ବସ୍ତିରେ ପାଇପ୍ ଯୋଗେ ଜଳଯୋଗାଣ ନିମନ୍ତେ ସମସ୍ତ ବ୍ୟବସ୍ଥା ରହିଥିଲେ ମଧ୍ୟ ଜଳଯୋଗାଣ ସ୍ୱାଭାବିକ ହୋଇପାରୁନାହିଁ। ଅନେକ ବସ୍ତିକୁ ପକ୍କା ରାସ୍ତାଟିଏ ମଧ୍ୟ ନାହିଁ। ବ୍ୟାସନଗର ଏନ୍ଏସି ଥିବା ସମୟରୁ ବସବାସ କରିଆସୁଥିବା ବାସିନ୍ଦାଙ୍କୁ ଘର ଖଣ୍ଡିଏ କରି ମୁଣ୍ଡ ଗୁଞ୍ଜିବାକୁ ସ୍ଥାୟୀ ପଟ୍ଟା ମିଳୁନି। ବସ୍ତିବାସନ୍ଦାଙ୍କ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ତେବେ ଏନେଇ ସହରର ଅନେକ ସଂଗଠନ, ସମାଜସେବୀ ଏବଂ ଶିକ୍ଷାବିତଙ୍କ ପକ୍ଷରୁ ବାରମ୍ବାର ଦାବି, ଆନ୍ଦୋଳନ, ଧାରଣା ପରେ ସରକାର ପଟ୍ଟା ପ୍ରଦାନ କରିବା ପରିବର୍ତ୍ତେ କେବଳ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶହ ଶହ ବର୍ଷ ଧରି ଏଠାରେ ବସବାସ କରୁଥିବା ଏହି ବସ୍ତିବାସିନ୍ଦାଙ୍କୁ କେବଳ ନିଜ ସ୍ୱାର୍ଥ ପାଇଁ କିଛି ଜନପ୍ରତିନିଧି ଭୋଟ ଦେବାର ଅଧିକାର ପ୍ରଦାନ କରି ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି। ପୌର ନିର୍ବାଚନ ହେଉ କି ସାଧାରଣ ନିର୍ବାଚନ; ନେତାଙ୍କ ବିଭିନ୍ନ ପ୍ରକାର ପ୍ରଲୋଭନ ଏବଂ ମିଥ୍ୟା ପ୍ରତିଶ୍ରୁତିରେ ଏମାନେ ନିଜର ମୌଳିକ ଆବଶ୍ୟକତା ମଧ୍ୟ ହାସଲ କରିପାରିନାହାଁନ୍ତି। କେବଳ ଦିନ ମଜୁରିଆ ଭାବେ ଯାହା ରୋଜଗାର କରିଥାନ୍ତି, ସେଥିରେ କଷ୍ଟେମଷ୍ଟେ ନିଜର ପରିବାର ଚଳାଇନେଉଥିବା ବେଳେ ସେମାନଙ୍କର ଦିନରାତି ପ୍ରାୟ ସମାନ ରହିଥାଏ। ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଆଜି ସେହି ବସ୍ତିଗୁଡିକରେ ଅନେକ ନୁଆଁଣିଆଁ ଚାଳ ଛପର ଘର ସହ ଚାଳ ଉପରେ ଜରିପାଲ ଘୋଡ଼ା ଯାଇଥିବା ଦୃଶ୍ୟ ଦେଖିବାକୁ ମିଳେ। ଏପରିକି ଅନେକ ଘରେ କାହାର ଛପର ନଥିବା ବେଳେ କାହାର ମାଟି କାନ୍ଥ ବି ନଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଧି ବ୍ୟବସ୍ଥାରେ ଛନ୍ଦି ହୋଇ ଏମାନେ ପଟ୍ଟା ଖଣ୍ଡିଏ ହାତେଇପାରିନଥିବାରୁ ସରକାରୀ ଆବାସଠାରୁ ଆରମ୍ଭ କରି ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ଖଣ୍ଡେ ସେମାନଙ୍କ ପାଇଁ ସାତ ସପନ ପାଲଟିଛି। ତେବେ ଯାଜପୁର ଜିଲ୍ଲା ପ୍ରଶାସନ, ବ୍ୟାସନଗର ପୌର ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ପୁରୁଷ ପୁରୁଷ ଧରି ଏଠାରେ ବସବାସ କରୁଥିବା ବସ୍ତିବାସିନ୍ଦା ମୌଳିକ ସୁବିଧା ପାଇବାରେ ସକ୍ଷମ ହୋଇପାରନ୍ତେ।

# ନିଟ୍ ପରୀକ୍ଷାରେ ସଫଳତା

**ବଡ଼ଚଣା,୧୯।୭(ସମିସ):** ଚଳିତ ବର୍ଷ ନିଟ୍ ପରୀକ୍ଷାରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡା ପଞ୍ଚାୟତ ବନମାଳିପୁର ଗ୍ରାମର ଶିବପ୍ରକାଶ ଖୁଣ୍ଟିଆ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ସର୍ବଭାରତୀୟ ସ୍ତରୀୟ ପରୀକ୍ଷାରେ ଶିବ ମୋଟ ୭୨୦ ନମ୍ବରରୁ ୫୭୫ ମାର୍କ ରଖି ସର୍ବଭାରତୀୟ ସ୍ତରରେ କୃତି ହାସଲ କରିଛନ୍ତି। ଶିବ ଜନକ ବିଦ୍ୟାଳୟର ଶିକ୍ଷକ ଦୁର୍ଯ୍ୟୋଧନ ଖୁଣ୍ଟିଆ ଓ ପ୍ରମିଳା ଖୁଣ୍ଟିଆଙ୍କ ସୁପୁତ୍ର। ତାଙ୍କର ଏହି ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ଦଶରଥପୁର: ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ-ୟୁଜି) ଫଳାଫଳରେ ଦଶରଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡରା ପଞ୍ଚାୟତ ସୁଧଗୋବିନ୍ଦା ଗ୍ରାମ ସଂଖ୍ୟାଲଘୁ ବସ୍ତିର ଆସେକୁଲ ରେହେମାନଙ୍କ ସୁପୁତ୍ର ସୟଦ ରାଜେକୁଲ ରେହେମାନ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ରାଜେକୁଲ ମୋଟ ୭୨୦ ନମ୍ବରରୁ ୫୭୨ ନମ୍ବର ରଖି ଏହି କୃତୀତ୍ୱ ଅର୍ଜନ କରିଛନ୍ତି। ବିଶେଷକରି ପ୍ରଥମ ପ୍ରୟାସରେ ରାଜେକୁଲଙ୍କୁ ଏହି ଗୌରବଜନକ ସଫଳତା ମିଳିଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଯଖପୁରାର ଦୁଇ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

**ଯଖପୁରା, ୧୯।୭ (ସମିସ):** ଯଖପୁରା ଗ୍ରାମର ଦୁଇଜଣ କୃତୀ ଛାତ୍ରୀଙ୍କୁ 'ଆମ ଗାଁ ଆମ କଥା' ପରିବାର ଏବଂ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଇଆଇଟି ଧାନବାଦରେ ନାମ ଲେଖାଇବାରେ ସଫଳତା ହାସଲ କରିଥିବା ପାୟଲ ରାଉତରାୟ ଓ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁଶ୍ରୀ ସମୀକ୍ଷା ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପାୟଲ ରାଉତରାୟଙ୍କ ସମ୍ବର୍ଦ୍ଧନା ବେଳେ ତାଙ୍କ ବାପା ଦୀପକ ରାଉତ, ଜେଜେ ବେଣୁଧର ରାଉତ, ଜେଜେମା ଓ ମା' ଉପସ୍ଥିତ ଥିବା ବେଳେ ସୁଶ୍ରୀ ସମୀକ୍ଷା ଜେନାଙ୍କ ସମ୍ବର୍ଦ୍ଧନା ସମୟରେ ତାଙ୍କ ବଡ଼ବାପା ପଦନ ମୋହନ ଜେନା, ମା' ରେବତୀ ଜେନା ଓ ବଡ଼ମା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ହୃଷୀକେଶ ବିଶ୍ୱାଳ, ନୀଳମାଧବ ନାୟକ, ଦୁର୍ଯ୍ୟୋଧନ ବେହେରା, ଗୋବିନ୍ଦ ବେହେରା, ବେଣୁଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି 'ଆମ ଗାଁ ଆମ କଥା' ପରିବାର ପକ୍ଷରୁ ଅନିଲ ଧଳ, ଆଲୋକ ସିଅ ଓ ରାଜକିଶୋର ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଅଗ୍ନିକାଣ୍ଡ ପୀଡ଼ିତଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ

**ଯଖପୁରା,୧୯।୭(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ନୀଳମଣିଦେଇପୁର ଶାସନ ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡ ପରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପୀଡ଼ିତ ପରିବାରକୁ ଭେଟିଛନ୍ତି। ସେ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ବ୍ଲକ ପ୍ରଶାସନକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ କହିଥିଲେ। ଏଥିସହ ସେ ନିଜସ୍ୱ ସ୍ତରରୁ ଆର୍ଥିକ ସହାୟତା ସହ ପରିବାରକୁ ବସ୍ତ୍ର, ଚାଉଳ ଓ ଅସ୍ଥାୟୀ ଘର ପାଇଁ ଏକ ପାଲ ପ୍ରଦାନ କରିବା ସହ ଭବିଷ୍ୟତରେ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନ ଦେଇଥିଲେ। ସୂଚନା ଅନୁଯାୟୀ ଗତ ଶନିବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ଗ୍ରାମର ଆରତ ପେଣ୍ଡେଇଙ୍କ ଦୁଇ ପୁଅ ପ୍ରକାଶ ପେଣ୍ଡେଇ ଓ ବିକାଶ ପେଣ୍ଡେଇଙ୍କ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପୀଡ଼ିତ ପରିବାରକୁ ଜରୁରୀ ସହାୟତା ସହ ସରକାରୀ ଯୋଜନାରେ ନୂତନ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।



# ହାଇଟେକ୍ କଲେଜର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

**ରସୁଲପୁର,୧୯।୭(ସମିସ):** କୁଆଖିଆ ହାଇଟେକ୍ କଲେଜର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ସ୍ୱତନ୍ତ୍ର ଉତ୍ସବ "ଆମନ୍ତ୍ରଣ-୨୦୨୬' ଅନୁଷ୍ଠିତ ହୋଇଯାଇଛି। କଲେଜ କ୍ୟାମ୍ପସରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଇଂ. ସନ୍ତୋଷ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ରିଡର ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟାପକ ଡ. କପିଳ ଚରଣ ମହାନ୍ତି, ସମ୍ମାନିତ ଅତିଥି ଡ. ବିଜୁନି ଚରଣ ସୂତାର ଯୋଗଦେଇଥିଲେ। ଅଧ୍ୟକ୍ଷ ସନ୍ଦୀପ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଦେଇଥିଲେ। ଚଳିତବର୍ଷ ଉଚ୍ଚମାଧ୍ୟମିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୪ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ପୂର୍ଣ୍ଣିମା ସାହୁ କାର୍ଯ୍ୟକ୍ରମ ସଂଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ସାମ୍ବାଦିକ ଅବିନେଶ୍ୱର ଶତପଥୀ ସମ୍ବର୍ଦ୍ଧିତ



**ଧର୍ମଶାଳା,୧୯।୭(ସମିସ):** ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଉତ୍କୃଷ୍ଟ କର୍ମଦକ୍ଷତା ପାଇଁ କଳିଙ୍ଗ ଟିଭିର ଯାଜପୁର ଜିଲ୍ଲା ପ୍ରତିନିଧି ଅବିନେଶ୍ୱର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ଠାରେ କଳିଙ୍ଗ ଟିଭିର ୧୨ତମ ପ୍ରତିଷ୍ଠା ଦିବସ ସମାରୋହରେ ଶ୍ରୀ ଶତପଥୀଙ୍କୁ 'ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, କଳିଙ୍ଗ ଟିଭିର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ, ଜାତୀୟସ୍ତରର ବରିଷ୍ଠ ସାମ୍ବାଦିକ ଅନୁରାଗ ବାତ୍ରା, ସମସେର ସିଂ, ଉପଦେଷ୍ଟା ଉମାପଦ ବୋଷ, ମୁଖ୍ୟ ସମ୍ପାଦକ ସୌମ୍ୟଜିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମାନ ପାଇବା ପରେ ଶ୍ରୀ ଶତପଥୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କବାଟବନ୍ଧ,୧୯।୭(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଅଧୀନ ସୋରାଇଶ୍ୱର ବିଦ୍ୟାପୀଠର ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଶରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଷ୍ଟାର ସମ୍ପାଦକ ଶିକ୍ଷକ ପବିତ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କିଶୋର କୁମାର କାୟସ୍ଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମୁକୁନ୍ଦ ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ଧୀର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ସଭାପତି ସଞ୍ଜୟ କୁମାର ସାହୁ, ମଧୁସୂଦନପୁର ପଞ୍ଚାୟତ ସରପଞ୍ଚ ରଞ୍ଜୁକ୍ତା ସ୍ୱାଇଁ, ସୋରାଇଶ୍ୱର ବିଦ୍ୟାପୀଠର ପୂର୍ବତନ କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ସ୍ୱାଇଁ, ପୂର୍ବତନ ପ୍ରତିଷ୍ଠାତା ସଦସ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ନନ୍ଦ କିଶୋର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉକ୍ତ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ପରମାନନ୍ଦ ସାହୁଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଛି। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ପ୍ରଦୀପ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରଥଯାତ୍ରାରେ ତ୍ରୁଟି ଘଟଣା

# ଜଗନ୍ନାଥ ପ୍ରେମୀଙ୍କୁ କ୍ଷମାମାଗିଲା କମିଟି

**ଧର୍ମଶାଳା,୧୯।୭(ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ, ଦେଉଳୀ ଓ ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଶ୍ରୀଗୁଣ୍ଡିଚା ଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଟ୍ରାକ୍ଟରରେ ଜଗନ୍ନାଥଙ୍କ ମୂର୍ତ୍ତୀ ରଖାଯାଇ ନୃତ୍ୟ ପ୍ରଦର୍ଶନ କରାଯିବା ଘଟଣାକୁ ଉଭୟ ମନ୍ଦିର କମିଟି ଓ ମୁନ୍‌ସୀ ମେଲଣ କମିଟି ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି।

ସୂଚନା ଯୋଗ୍ୟ ଯେ ଗତ ୧୬ ତାରିଖରେ ଅନୁଷ୍ଠିତ ରଥଯାତ୍ରାରେ ଏକ ଟ୍ରାକ୍ଟରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ରଖାଯାଇ ତା' ସମ୍ମୁଖରେ ସାଂସ୍କୃତିକ କଳାକାରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହା ସାଧାରଣ ଲୋକମାନଙ୍କ ସମେତ ଜଗନ୍ନାଥ ପ୍ରେମୀଙ୍କୁ ଘୋର ଆଘାତ ଦେଇଥିଲା। ସେହିପରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରାଜା ହୋଇ ଛେରାପହଁରା କରିବା ଘଟଣାକୁ ନେଇ ବିରୋଧିମାନେ ଟାହିଟାପରା କରିବା ସହିତ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ କରି ଅକଥନୀୟ ଭାଷା ପ୍ରୟୋଗ କରିଥିଲେ। ଏହାର ସ୍ପଷ୍ଟୀକରଣ ନେଇ ଆଜି ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ମନ୍ଦିର କମିଟି ଓ ମୁନ୍‌ସୀ ମେଲଣ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମଳନୀ ଡକାଯାଇ ସ୍ପଷ୍ଟୀକରଣ ଦିଆଯାଇଛି। ପ୍ରଥମତଃ ଟ୍ରାକ୍ଟରରେ ଶ୍ରୀଜିଉଙ୍କ ମୂର୍ତ୍ତୀ ରଖାଯାଇ ସାଂସ୍କୃତିକ କଳାକାରଙ୍କ ପକ୍ଷରୁ ନୃତ୍ୟ ପ୍ରଦର୍ଶନକୁ ଉଭୟ କମିଟି ପକ୍ଷରୁ ନିନ୍ଦା କରାଯିବା ସହ କମିଟି ଅଗୋଚରରେ ସାଂସ୍କୃତିକ ପାର୍ଟି ତରଫରୁ କାର୍ଯ୍ୟକ୍ରମକୁ ଅତିରଞ୍ଜିତ କରିବା ଲାଗି ସୋଲରେ ତିଆରୀ ଠାକୁରଙ୍କ ମୂର୍ତ୍ତୀକୁ ରଖାଯାଇ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ମନ୍ଦିର କମିଟିର ଅଜାଣତରେ ଘଟିଥିବା ଏଭଳି ଘଟଣା ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ କୁଠାରଘାତ କରିଛି। ସେଥିଲାଗି କମିଟି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଭୁଲ ମଗାଯିବା ସହିତ ଆଗକୁ ଏଭଳି ଭୁଲ ହେବନାହିଁ ବୋଲି କ୍ଷମାପ୍ରାର୍ଥନା କରାଯାଇଛି।



ସେହିପରି ବିଧାୟକଙ୍କ ରାଜାବେଶ ଘଟଣାରେ କହିଛନ୍ତି, ଚଳିତ ବର୍ଷ ଉଭୟ କମିଟି ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀଙ୍କ ନିଷ୍ପତି କ୍ରମେ ଛେରାପହଁରା ଲାଗି ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା। ପ୍ରଥମେ ସେ ଅରାଜି ଥିଲେ। ପରେ ବାଧ୍ୟ କରିବାରୁ ରାଜି ହୋଇଥିଲେ। ଅନେକ ମନ୍ଦିରରେ ବିଧାୟକମାନେ ଛେରାପହଁରା କରୁଥିବାର ପରମ୍ପରା ରହିଛି। ଏଠାରେ ମଧ୍ୟ ସେପରି କରାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଭାଲୁଖାଇ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି ଇଂ. କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ ଓ ଧର୍ମଶାଳା ମୁନ୍‌ସୀମେଲଣ କମିଟିର କାର୍ଯ୍ୟକାରୀ ସଭାପତି ଜଳଧର ମହନ୍ତି ଏବଂ କୋଷାଧ୍ୟକ୍ଷ ମନୋଜ ରାଉଳ ଉପସ୍ଥିତ ରହି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ସମ୍ବାଦିକ ସମ୍ମିଳନୀ ସମୟରେ ପଣ୍ଡିତ ଆଲୋକ ପଣ୍ଡା ସମେତ ମନ୍ଦିର କମିଟିର ସଦସ୍ୟ ଜିତେନ୍ଦ୍ର ରାଉତ, ରାଜେଶ କୁମାର ପାଳ,ଅଭୟ କୁମାର ରାଉତ, ଜ୍ଞାନେନ୍ଦ୍ର ରାଉତ, ଶ୍ରୀନିବାସ ଜେନା, ଚିତ୍ତରଞ୍ଜନ ଦାସ, ବୀରକିଶୋର ପାଢୀ, ସୁନିଲ କୁମାର ରାଉତରାୟ ଓ ମୁନସୀ ମେଲଣ କମିଟିର ବିଚିତ୍ର ସ୍ୱାଇଁ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଆଶୁ ଆରୋଗ୍ୟ କାମନା / ମନ୍ଦିରରେ ଦୀପଦାନ ଓ ଖାନ୍‌କା ସରିଫ୍‌ରେ ପ୍ରାର୍ଥନା



**ଭଦ୍ରକ,୧୯।୭(ସମିସ):** ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ଭଦ୍ରକ ପୌରାଞ୍ଚଳର ସରକାର ନଗରସ୍ଥିତ ଖାନ୍‌କା ସରିଫ୍‌ରେ ଅବସ୍ଥିତ ଛୋଟେ ସରକାର ଜୀ ଓ ବଡ଼େ ସରକାର ଜୀଙ୍କ ପବିତ୍ର ମଜାରରେ ସାମୂହିକ ପୂଜାର୍ଚ୍ଚନା ଓ ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେଡି ଭଦ୍ରକ ଟାଉନ୍ ସଭାପତି ଏମ୍‌ଡି ଜକାଉଲ୍ଲାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀମାନେ ମଜାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରୀ ସାମଲଙ୍କ ଶୀଘ୍ର ସୁସ୍ଥତା, ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରି ସାମୂହିକ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଜେଡି ଭଦ୍ରକ ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକ, ଦିଲ୍ଲୀପ ନାୟକ, ଆୟୁବ ଖାନ୍, ପଙ୍କଜ ବଳ, ରଘୁନାଥ ପଣ୍ଡା, ସୟେଦ ନାସର ଅଲ୍ଲୀ, ମେହେବୁବ୍ ଖାନ୍, ସାହୀଦ ଖାନ୍, ବିକାଶ ଶ୍ରେଷ୍ଠା, ସୁବ୍ରତ କୁମାର ଦାସ, ଇମ୍ତିୟାଜ୍ କମାଲ ଖାନ୍, ସାଜିଦ୍ ହବିବ୍, ନାସିରୁଦ୍ଦିନ୍ ଖାନ୍, ଜୀକୁ ଶେଖ୍, ଅବ୍‌ଦୁଲ୍ ହାମିଦ୍, ସେକ୍ ଫାରୁକ୍, ସେକ୍ ଗୋଲାମ୍ ଗୌସ, ସେକ୍ ହାସିମ୍, ସାହେବୁର ଖାନ୍, ସେକ୍ ଜୁଲୋ, ସମାଜସେବୀ କାଳିଆ ଭାଇଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ନେତୃବୃନ୍ଦ, କର୍ମୀ ଏବଂ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇଥିଲେ। ସେହିଭଳି ଭଦ୍ରକସ୍ଥିତ ମା' ଦକ୍ଷିଣେଶ୍ୱର କାଳୀଙ୍କ ପୀଠରେ ଦୀପଦାନ ଓ ସାମୂହିକ ପ୍ରାର୍ଥନା କରାଯାଇଛି। ଭଦ୍ରକ ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ପୱନ୍ ଶର୍ମା, ଦିଲ୍ଲୀପ ନାୟକ, ପଙ୍କଜ ବଳ, ରଘୁନାଥ ପଣ୍ଡା, ଅଞ୍ଜନ ଜେନା, ରାକେଶ ପଣ୍ଡା, ଘାଉଲି ଜେନା, ମହେଶ୍ୱର ନାଥ, ଅଶୋକ ନାୟକ, ଗୋପାଳକୃଷ୍ଣ ଦାସ, ସୁଶାନ୍ତ ଚୌଧୁରୀ, ରବି ରାଉ, ବିକାଶ ଶ୍ରେଷ୍ଠା, ବାପୁନ ମହାନ୍ତି, ସୁବ୍ରତ କୁମାର ଦାସ, ଅତିସ୍ ଦାସ, ସତ୍ୟ ପ୍ରକାଶ ବିଶ୍ୱାଳ, ମନୀନ୍ଦ୍ର ମହାନ୍ତି, ଜଳେନ୍ଦ୍ର ମହାନ୍ତି, ମିହିର ଜେନା, ଦେବାଶିଷ ଭାରତୀ, ସୌମେନ୍ଦ୍ର ସାହୁ, ହେମନ୍ତ ନାୟକ, ସୂରଜ ସିଂହ, କାମେଶ ବାରିକ, ବାବା ନାୟକ, ଅମିତ୍ ମହାନ୍ତି ଓ ହରି ନାଥଙ୍କ ସମେତ ବିଜେଡିର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ମା' ଙ୍କ ନିକଟରେ ପ୍ରାର୍ଥନା କରି ଶ୍ରୀ ସାମଲ ଶୀଘ୍ର ସୁସ୍ଥ ହୋଇ ପୂର୍ବଭଳି ଜନସେବାରେ ସକ୍ରିୟ ହୁଅନ୍ତୁ ବୋଲି କାମନା କରିଥିଲେ।

### ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ବ୍ୟବହାରକୁ ନେଇ ପ୍ରଶ୍ନବାଚୀ

# ବ୍ୟବହାର ନ ହୋଇ ଖତ ଖାଉଛି ଓ ଚୋରି ହେବାରେ ଲାଗିଛି

**ବନ୍ତ/ଆଗରପଡ଼ା,୧୯।୭(ସମିସ):**

ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଚେଷ୍ଟିତ ହେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହା ସଫଳ ହେବା ପରିବର୍ତ୍ତେ ବିଫଳ ହେବାରେ ଲାଗିଛି। ଯେପରିକି କମ୍ପ୍ୟୁଟର ଯୁଗରେ ପିଲାଙ୍କୁ ଯୁଗ ସହିତ ତାଳ ଦେଇ ଚାଲିବା ପାଇଁ କଲେଜ, ହାଇସ୍କୁଲ, ପ୍ରାଇମେରୀ, ଅପର ପ୍ରାଇମେରୀ ସ୍କୁଲକୁ ପ୍ରାକ୍ତନ ରାଜ୍ୟସଭା ସାଂସଦ ନିଜସ୍ୱ ପାଣ୍ଠି ଅନୁଦାନରେ କମ୍ପ୍ୟୁଟର ଯୋଗାଇ ଦେଇଥିଲେ କିନ୍ତୁ ଏହାକୁ ଚଳାଇବା ପାଇଁ ଶିକ୍ଷକ ନିଯୁକ୍ତି ହୋଇ ନ ଥିବା ଓ ଏଥିପାଇଁ ଅଲଗା ଶ୍ରେଣୀ ଗୃହ ମଧ୍ୟ ନ ଥିବାରୁ କମ୍ପ୍ୟୁଟରଗୁଡ଼ିକ ଖତ



ଖାଉଛି। ଅନେକ ଶିକ୍ଷାନୁଷ୍ଠାନରେ ଏହା ଖୋଲାଯାଇ ନାହିଁ। ପୁଣି କେଉଁଠି କେବଳ ଶୋଭାବର୍ଦ୍ଧନ ପାଇଁ ରଖାଯିବା ପରି ମନେ ହେଉଛି ତ ଆଉ କେଉଁଠି ଏହା ପଡ଼ିପଡ଼ି ନଷ୍ଟ ହେଇଯାଇଛି। ବହୁ ବିଦ୍ୟାଳୟରୁ ଏହା ଚୋରି ମଧ୍ୟ ହେବାରେ ଲାଗିଛି।

ବ୍ୟବହାର ହେବା ନିମନ୍ତେ ସ୍ୱତନ୍ତ୍ର ଭାବେ ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସ୍ପୃହାଶକ୍ତି ଅଭାବରୁ ଏହା ବ୍ୟବହାର ହୋଇ ନ ପାରି ଖେଳନା ସଦୃଶ୍ୟ ପଡ଼ିରହିଛି। ଯଦ୍ୱାରା ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ସାର ହୋଇଛି। ଶ୍ରେଣୀ ଗୃହ ଅଭାବରୁ ପିଲାମାନଙ୍କୁ ଠିକ୍ ଭାବେ ଶିକ୍ଷାଦାନ କରାଯାଇପାରୁ ନାହିଁ। କମ୍ପ୍ୟୁଟର ଶିକ୍ଷା ହାସଲ କରିବୁ କେତେବେଳେ ବୋଲି କିଛି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଓଲଟି ପ୍ରଶ୍ନ କରିଛନ୍ତି। ଦୂରଦୃଷ୍ଟି ତଥା କେତେ ଆଶା ଆକାଂକ୍ଷା ରଖି ସାଂସଦମାନେ କମ୍ପ୍ୟୁଟର ଦେଇଥିଲେ ମାତ୍ର ସେମାନଙ୍କ ସ୍ୱପ୍ନ କିଛି ସଫଳ ହୋଇପାରି ନାହିଁ। ବର୍ତ୍ତମାନ କମ୍ପ୍ୟୁଟର ଯୁଗ ଚାଲିଛି। ଏହାର ବହୁଳ କାର୍ଯ୍ୟକାରିତା ସମସ୍ତେ ଉପଲବ୍ଧି କରୁଛନ୍ତି। ବ୍ୟାଙ୍କ ହେଉ ବା ଶିକ୍ଷାନୁଷ୍ଠାନ ସବୁ ସ୍ଥାନରେ କମ୍ପ୍ୟୁଟର ବ୍ୟବହୃତ ହେଉଛି। ଏଥିପାଇଁ ପ୍ରତି ସ୍ଥାନରେ ଶିକ୍ଷାଦାନ ପାଇଁ ଛତୁ ଫୁଟିଲା ପରି କମ୍ପ୍ୟୁଟର ସେଣ୍ଟରମାନ ଖୋଲିଥିବାର ପରିଲକ୍ଷିତ ହେଉଛି। ଏହି ସବୁକୁ ଲକ୍ଷ୍ୟ କରି କିଛି ରାଜ୍ୟସଭା ସାଂସଦ ସେମାନଙ୍କ ହାତ ପାଣ୍ଠିରୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ କମ୍ପ୍ୟୁଟର ଯୋଗାଇ ଦେଇଥିଲେ। ମାତ୍ର ସେମାନଙ୍କ ସ୍ୱପ୍ନ ସଫଳ ହୋଇ ନ ପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

### ● ମତୋ ଅଞ୍ଚଳରେ ଚୋରା ମଦର ବନ୍ୟା

## ଅବକାରୀ ବିଭାଗ ଓ ପ୍ରଶାସନ ନିରବ

**ଭଦ୍ରକ,୧୯।୭(ସମିସ):** ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମତୋ ବଜାରରେ ଚୋରା ମଦ କାରବାର ବଢ଼ି ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ନୂତନ ମଦ ଲାଇସେନ୍ସ ପାଇଥିବା ବ୍ୟବସାୟୀ ନିଜର ବିକ୍ରି ବୃଦ୍ଧି ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। କାଉଣ୍ଟର ନିକଟରୁ ମାତ୍ର ୫୦୦ ମିଟର ଦୂରଠାରୁ ଆରମ୍ଭ କରି ବିଭିନ୍ନ ଛକ ଛକରେ ଚୋରାରେ ମଦ ବିକ୍ରି ହେଉଥିବା ଜଣାପଡ଼ିଛି। ଏଥିପାଇଁ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ଜଣକ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, ଯିଏ ଚୋରାରେ ମଦ ବିକ୍ରି କରିବାକୁ ଇଚ୍ଛୁକ ତାଙ୍କୁ ମଧ୍ୟ ହୋମ୍ ଡେଲିଭରି ଦିଆଯାଉଛି। ଫଳରେ ମତୋ ଅଞ୍ଚଳର ଗାଁ ଗଣ୍ଡାରେ ଏବେ ଚୋରା ମଦର ବନ୍ୟା। ଏହି ବେଆଇନ ମଦ ବିକ୍ରି ଚାଲିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ସମ୍ପୃକ୍ତ ବ୍ୟବସାୟୀ ପ୍ରଶାସନର କିଛି କର୍ମଚାରୀଙ୍କ ସହଯୋଗ ପାଉଥିବାରୁ ଏହି ବେଆଇନ କାରବାର ବିରୋଧରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ହେଉନାହିଁ। କେବଳ ନିଜ ଟାର୍ଗେଟ୍ ପୂରଣ ପାଇଁ କେତେକ କେସ୍ ଦେଇ ଚୁପ୍ ବସୁଛି ଅବକାରୀ ବିଭାଗ। ତା' ସହିତ ଥାନା, ଫାଣ୍ଡିକୁ ନିଜ କବ୍‌ଜାରେ ରଖିଛନ୍ତି ବ୍ୟବସାୟୀ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଚୋରା ମଦର ସହଜ ଉପଲବ୍ଧତା ଯୁବପିଢ଼ିଙ୍କୁ ନିଶା ଆଡ଼କୁ ଠେଲି ଦେଉଛି। ଏହା ସହ ପାରିବାରିକ ଅଶାନ୍ତି, ଅପରାଧ ଏବଂ ସ୍ୱାସ୍ଥ୍ୟଗତ ବିପଦ ମଧ୍ୟ ବଢୁଥିବା ନେଇ ସେମାନେ ଚିନ୍ତା ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକମାନେ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଏବଂ ପୁଲିସ ପ୍ରଶାସନକୁ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରିବା, ବେଆଇନ ମଦ କାରବାର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଏବଂ ଦୋଷୀ ସାବ୍ୟସ୍ତ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ନିଟ୍ ଓ ନାଇଜର ପରୀକ୍ଷାରେ ଶୁଭମ୍‌ଙ୍କ ସଫଳତା

**ଭଦ୍ରକ,୧୯।୭(ସମିସ):** ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପୁଣି ଥରେ ଓଡ଼ିଶା ତଥା ଭଦ୍ରକ ଜିଲ୍ଲାର ଜଣେ ମେଧାବୀ ଛାତ୍ର ବଡ଼ ସଫଳତା ହାସଲ କରି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ଭଦ୍ରକ ଜିଲ୍ଲା ରାନ୍ଦିଆ ପଞ୍ଚାୟତ



ଅନ୍ତର୍ଗତ ଚାରିଘରିଆ ଗ୍ରାମର ମେଧାବୀ ଛାତ୍ର ଶୁଭମ୍ ସୋନମ୍ ପାତ୍ର ଚଳିତ ବର୍ଷ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୫୨୨୯ ର୍ୟାଙ୍କ ହାସଲ କରି ମେଡିକାଲ ଶିକ୍ଷା କ୍ଷେତ୍ରରେ ନିଜର ସ୍ଥାନ ପକ୍କା କରିଛନ୍ତି। ଏହା ସହିତ ସେ ଦେଶର ଅନ୍ୟତମ ପ୍ରତିଷ୍ଠିତ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ନାଇଜର(ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ) ପରୀକ୍ଷାରେ ମଧ୍ୟ ସର୍ବଭାରତୀୟ ସ୍ତରରେ ୨୧୭ ର୍ୟାଙ୍କ ହାସଲ କରି ନିଜର ଅସାଧାରଣ ପ୍ରତିଭା ପ୍ରତିପାଦିତ କରିଛନ୍ତି। ଜାତୀୟସ୍ତରର ଦୁଇ ଦୁଇଟି ବଡ଼ ପରୀକ୍ଷାରେ ଶୁଭମ୍‌ଙ୍କ ଏଭଳି ଦ୍ୱିମୁଖୀ ସଫଳତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ, ଶୁଭମ୍ ହେଉଛନ୍ତି ଚାରିଘରିଆ ଗ୍ରାମର ଜଣାଶୁଣା ଆୟକର ଓ ଜିଏସ୍‌ଟି ଆଡ୍‌ଭୋକେଟ୍ ଭୂପେନ୍ଦ୍ର କୁମାର ପାତ୍ର ଏବଂ ଶିକ୍ଷୟିତ୍ରୀ କେତକୀ ବେହୁରିଆଙ୍କ ସୁପୁତ୍ର। ପିଲାଟି ଦିନରୁ ପାଠପଢ଼ାରେ ମେଧାବୀ ଥିବା ଶୁଭମ୍ ନିଜର ଏହି ସଫଳତାର ଶ୍ରେୟ ନିଜର କଠିନ ପରିଶ୍ରମ, ନିଷ୍ଠା ଏବଂ ପିତାମାତା ଓ ଗୁରୁଜନଙ୍କ ପ୍ରେରଣାକୁ ଦେଇଛନ୍ତି। ପରିବାରରେ ଶିକ୍ଷାଗତ ପରିବେଶ ଏବଂ ଉଭୟ ବାପା-ମାଆଙ୍କ ଉପଯୁକ୍ତ ମାର୍ଗଦର୍ଶନ ତାଙ୍କୁ ଏହି ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଶୁଭମ୍‌ଙ୍କ ଏହି ସଫଳତା ଖବର ପ୍ରକାଶ ପାଇବା ପରେ ଚାରିଘରିଆ ଗ୍ରାମ ସମେତ ସମଗ୍ର ରାନ୍ଦିଆ ପଞ୍ଚାୟତରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

## 'କ୍ୟାନ୍ସର ସଚେତନତା ଓ ବୃକ୍ଷ ରୋପଣ ଅଭିଯାନ'

**ଅସୁରାଳି,୧୯।୭(ସମିସ):** ଓଡ଼ିଶା କ୍ୟାନ୍ସର ସୋସାଇଟି (ଓସିଏସ) ଆନୁକୂଲ୍ୟରେ ଭଦ୍ରକ-ଆରଡ଼ି ରାସ୍ତାର ଲାଙ୍ଗୁଡ଼ିସ୍ଥିତ 'ବିଜୟା ବୀଣାପାଣି ହେଲେନ୍ କେଲର୍ ମୂକ ବଧିର ବାଳିକା ଉଚ୍ଚ ବିଦ୍ୟାଳୟ' ପରିସରରେ ଏକ ସଫଳ "କ୍ୟାନ୍ସର ସଚେତନତା ଏବଂ ବୃକ୍ଷରୋପଣ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। କ୍ୟାନ୍ସର ଭଳି ଦୂରାରୋଗ୍ୟ ବ୍ୟାଧି ପ୍ରତି ଲୋକଙ୍କୁ ସଚେତନ କରିବା ସହ ଆମ ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ସଂଗଠନ ପକ୍ଷରୁ ନିଆଯାଇଥିବା ଏହି ଯୁଗ୍ମ ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସିତ ହୋଇଛି।



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ସୁଧିରଞ୍ଜନ ନାୟକ ଯୋଗଦେଇ କ୍ୟାନ୍ସର ରୋଗର ଭୟାବହତା, ଏହାର ପ୍ରାଥମିକ ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, "କ୍ୟାନ୍ସର ରୋଗ କ୍ଷେତ୍ରରେ ସଚେତନତା ହିଁ ସବୁଠାରୁ ବଡ଼ ସୁରକ୍ଷା। ସଠିକ୍ ସମୟରେ ରୋଗ ଚିହ୍ନଟ ହେଲେ ଏହାର ସଫଳ ଚିକିତ୍ସା ସମ୍ଭବ।' ଏହା ସହିତ ସୁସ୍ଥ ଶରୀର ପାଇଁ ଏକ ସ୍ୱଚ୍ଛ ଓ ସବୁଜ ପରିବେଶର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅମ୍ବିକା ବଲ୍ଲଭ ସ୍ୱାଇଁ, ସାମ୍ବାଦିକ ସନ୍ତୋଷ ଦାସ, ଶିରିଶ ଚନ୍ଦ୍ର ଦାସ, ପ୍ରଣତି ରାଉତ, ତିଳୋତ୍ତମା ମାଝୀ, ଅମିୟ କୁମାର ପ୍ରଧାନ, ଅକ୍ଷୟ ପ୍ରଧାନ, ସୂର୍ଯ୍ୟ ପ୍ରକାଶ ବେହେରା ଓ ରଜତ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ପ୍ରତ୍ୟେକ ବୃକ୍ଷ ଆମ ଆଗାମୀ କାଲିର ଜୀବନ। ତେଣୁ ସବୁଜ ଓ ସୁସ୍ଥ ସମାଜ ଗଠନ ପାଇଁ ଆମ ସମସ୍ତଙ୍କୁ ଏହି ଅଭିଯାନର ଅଂଶୀଦାର ହେବାକୁ ପଡ଼ିବ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯିବା ସହ ଉପସ୍ଥିତ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥପାଠ କରାଯାଇଥିଲା। ଓଡ଼ିଶା କ୍ୟାନ୍ସର ସୋସାଇଟିର ୪୦ରୁ ଅଧିକ ସକ୍ରିୟ କର୍ମକର୍ତ୍ତା ଓ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଚେତନତା ଶୋଭାଯାତ୍ରା ଓ ବୃକ୍ଷ ରୋପଣ କାର୍ଯ୍ୟକୁ ସଫଳତାର ସହ ପରିଚାଳନା କରିଥିଲେ।

## ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା




**ଧାମନଗର,୧୯।୭(ସମିସ):** ସ୍ୱାଧୀନତା ଦିବସ-୨୦୨୬ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଜରିଆରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ଏନ୍‌ଏସି କାର୍ଯ୍ୟାଳୟ ତରଫରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଜଗନ୍ନାଥ ବିଦ୍ୟାପୀଠ କାଙ୍କରାକୁ ନିମନ୍ତ୍ରଣ କରାଯାଇଥିଲା। ଶନିବାର ଏନ୍‌ଏସି ସଭାଗୃହ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ପୂର୍ବାହ୍ଣ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ୧୨ଟା ୧୦ରୁ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ମୋଟ୍ ୨୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମୂଲ୍ୟାୟନ ପରେ ପ୍ରକାଶିତ ଫଳାଫଳରେ ଚିତ୍ରାଙ୍କନ ବିଭାଗରେ ଧାମନଗର ସରକାରୀ ହାଇସ୍କୁଲର ଶାହା ତସିବ ରାଜା ପ୍ରଥମ, ପୁଷ୍ପାଞ୍ଜଳି ବେହେରା ଦ୍ୱିତୀୟ ଓ ଧାମନଗର ବାଳିକା ହାଇସ୍କୁଲର ଭୂମିକା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସାଧାରଣ ଜ୍ଞାନରେ ଜଗନ୍ନାଥ ବିଦ୍ୟାପୀଠ, କାଙ୍କରାର ସତ୍ୟଜିତ୍ ପାତ୍ର ପ୍ରଥମ, ଧାମନଗର ସରକାରୀ ହାଇସ୍କୁଲର ଗୌରାଙ୍ଗ ମହାରଣା ଦ୍ୱିତୀୟ ଓ ଶୁଭ୍ରରଞ୍ଜନ ରାଉତ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ସଞ୍ଚାଳନ କରିଥିବାବେଳେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ଏନ୍‌ଏସି ଉପାଧ୍ୟକ୍ଷ ମହମ୍ମଦ ଓସିମ୍ ଏଜଦାନି କାଦ୍ରୀ, ସରକାରୀ ଓକିଲ ବିଜୟ କୁମାର ରାମ, କାଉନ୍‌ସିଲର ଜୟନୁଲ ହକ୍ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, ସଂସ୍କାର ଓ ଅଧ୍ୟବସାୟର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହ ନିଷ୍ଠାର ସହ ପାଠପଢ଼ା କରି ଭବିଷ୍ୟତରେ ସମାଜ ଓ ରାଷ୍ଟ୍ର ଗଠନରେ ନିଜକୁ ସାମିଲ୍ କରିବାକୁ ଆହ୍ୱାନ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ଅଗସ୍ତି, ସୁଧାକର ମହାନ୍ତି, ପ୍ରଶାନ୍ତ ନାୟକ, ଅଭିମନ୍ୟୁ ଶଙ୍ଖୁଆ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ବରିଷ୍ଠ କିରାଣି ଧନେଶ୍ୱର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ



**ଦୋଳସାହି,୧୯।୭(ସମିସ):** ସ୍ୱତନ୍ତ୍ର ସଘନ ସଂଶୋଧନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ତିହିଡ଼ି ବ୍ଲକ୍ ଅଧୀନରେ ଥିବା ୩ଟି ଜୋନ୍‌ରେ ଯଥା- ଧାମନଗର, ବାସୁଦେବପୁର ତଥା ଚାନ୍ଦବାଲିର ଭୋଟରମାନଙ୍କୁ ନେଇ ଘୋଷଣା ତାରିଖ କାର୍ଯ୍ୟସୂଚୀ ସ୍ଥିର ହୋଇଥିବାର ଜଣାଯାଇଛି। ଧାମନଗର ନିର୍ବାଚନମଣ୍ଡଳୀ ସଭାଗୃହ, ଚାନ୍ଦବାଲି ଓ ବାସୁଦେବପୁର ପାଇଁ ନୀଳମଣି ସଭାଗୃହ ତିହିଡ଼ି ସ୍ଥିର କରାଯାଇଛି। ଯେଉଁମାନେ ସଂଯୋଗୀକରଣରୁ ବାଦ୍ ପଡ଼ିଥିଲେ ସେମାନଙ୍କୁ ନୋଟିସ୍ ମାଧ୍ୟମରେ ଉପଯୁକ୍ତ ପ୍ରମାଣପତ୍ର ସହ ଉପସ୍ଥିତ ରହିବାକୁ ସୂଚନା ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି, ଜୁଲାଇ ୧୭ ତାରିଖଠାରୁ ପ୍ରଥମ ଶୁଣାଣି ତାରିଖ ତହସିଲ୍ ଅଫିସ ସଭାଗୃହରେ ଆରମ୍ଭ ହୋଇଥିଲା। ଶନିବାର ନୀଳମଣି ସଭାଗୃହ ତିହିଡ଼ି ଘୋଷଣା ତାରିଖରେ ବିଡିଓ ନିରଞ୍ଜନ ବାରିକ, ଏଭିଡିଓ ମୀନକେତନ ବାରିକ, ବିଏଲ୍‌ଓ ସୁପରଭାଇଜର ଦେବାନନ୍ଦ ବିଶ୍ୱାଳ, ଆନନ୍ଦ ଦାସ, ଗିରିଧାରୀ ଚାନ୍ଦ, ବିଶ୍ୱନାଥ ଦାସ, ଆନନ୍ଦ ଦାସ ତଥା ବହୁ ବିଏଲ୍‌ଓ ଅଂଶଗ୍ରହଣ କରଥିଲେ। ସୂଚନା ଯୋଗ୍ୟ, ଏହି କାର୍ଯ୍ୟକ୍ରମ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ସମୟରେ ଯେଉଁମାନେ ନିଜର ନାମକୁ ୨୦୦୨ ମସିହା ଏସ୍‌ଆଇଆର୍‌ରେ ସଂଯୋଗ କରିବାରେ ବିଫଳ ହୋଇଛନ୍ତି, ସେମାନେ ଏହି ଉପଯୁକ୍ତ ସମୟରେ ନିଜର ନାମକୁ ତାଲିକାଭୁକ୍ତ କରିବା ସହ ଯେଉଁମାନେ ତାଲିକାରୁ ବାଦ୍ ପଡ଼ିଛନ୍ତି ସେମାନେ ୬ ନମ୍ବର ଫର୍ମରେ ଦାଖଲ କରି ଯୋଡ଼ି ହେବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି।

## ଦାବି ପରେ ସର୍ଭେ ଆରମ୍ଭ

**ଭଦ୍ରକ,୧୯।୭(ସମିସ):** ୩ ମାସ ତଳେ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ଓ ଜନସାଧାରଣଙ୍କ ତରଫରୁ ଯେଉଁ ଦାବିପତ୍ର ପ୍ରଦାନ କରାଯାଇଥିଲା ତା' ଉପରେ ରେଳ କର୍ତ୍ତୃପକ୍ଷ ଭଦ୍ରକ ଷ୍ଟେସନ ବାହାରେ ଶୌଚାଳୟ ପ୍ରତିଷ୍ଠା ନିମନ୍ତେ ସର୍ଭେ ଆରମ୍ଭ କରିଛନ୍ତି ଏବଂ ଶୌଚାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ରେଳ ଯାତ୍ରୀମାନଙ୍କ ଶୌଚ ସମସ୍ୟାର ତୁରନ୍ତ ସମାଧାନ ପାଇଁ ୧ ନମ୍ବର ପ୍ଲାଟ୍‌ଫର୍ମରେ ଶୌଚାଳୟ ନିର୍ମାଣ କରିବାକୁ ସ୍ଥିର କରିଛନ୍ତି। ବିଳମ୍ବ ନ କରି ଯଥାଶୀଘ୍ର ଷ୍ଟେସନ ବାହାରେ ଏକ ସୁଲଭ ଶୌଚାଳୟ ପ୍ରତିଷ୍ଠା ନିମନ୍ତେ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଯାଇଥିବା ସମସ୍ତ କର୍ମକର୍ତ୍ତା ଏବଂ ଜନସାଧାରଣ ଭଦ୍ରକ ରେଳ ଷ୍ଟେସନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ ମାଧ୍ୟମରେ ନିବେଦନ କରିଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସମ୍ପାଦକ ଗାୟାଧର ପଣ୍ଡା, ଉପସଭାପତି ଆଦିତ୍ୟ କୁମାର ନାୟକ, ନାରାୟଣ ପାତ୍ରୀ, ମହିଳା ସଭାନେତ୍ରୀ ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ସାନ୍ତୁନ ରାଉତ, ଶିଶିର ମିଶ୍ର ପ୍ରମୁଖ ଯଥାଶୀଘ୍ର ଏକ ସୁଲଭ ଶୌଚାଳୟ ଷ୍ଟେସନ ବାହାରେ କୌଣସି ଏକ ସ୍ଥାନରେ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ଯଦି ଏହା ଆରମ୍ଭ ନ ହୁଏ ତେବେ ଭଦ୍ରକ ଜିଲ୍ଲା ଜନସାଧାରଣ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଶୌଚାଳୟ ନିର୍ମାଣ ନ ହେବା ଦ୍ୱାରା ଷ୍ଟେସନ ବାହାର ପରିବେଶ ଓ ବାତାବରଣ ଅପରିଷ୍କାର ଓ ପୂତି ଗନ୍ଧମୟ ହେଉଛି। ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାରତ ନାରାର ବିରୁଦ୍ଧାଚରଣ କରୁଛି ବୋଲି ସମସ୍ତେ ପ୍ରକାଶ କରିଥିଲେ।

### ● ପୂଜ୍ୟପୂଜାଙ୍କୁ ଅସମ୍ମାନ

## ପ୍ରତିମୂର୍ତ୍ତି ଉପରେ ଭାଙ୍ଗି ପଡ଼ିଛି ଛାତ; ପ୍ରଶାସନ ନିଦାବିଷ୍ଟ



**ଅସୁରାଳି,୧୯।୭(ସମିସ):** "ଦୃଷ୍ଟି ଅଗୋଚରରେ ରହିଲେ ଜନନେତା।' ଧୂଷୁରୀ ବିଜ୍ଞପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପୂଜ୍ୟପୂଜାଙ୍କୁ ଘୋର୍ ଅସମ୍ମାନ କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାମନଗର ମାଟିର ବରପୁତ୍ର ତଥା ପୂର୍ବତନ ଜନପ୍ରତିନିଧିମାନଙ୍କ ପ୍ରତିମୂର୍ତ୍ତି ଏବେ ପ୍ରଶାସନିକ ଅବହେଳାର ମୂକ ସାକ୍ଷୀ ପାଲଟିଛି। କାର୍ଯ୍ୟାଳୟ ସମ୍ମୁଖରେ ଧାମନଗର ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୁରଲୀଧର ଜେନା, ଗରିବଙ୍କ ସାଥି ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ଏବଂ ପୂର୍ବତନ ବିଧାୟକ ତଥା ବିରୋଧୀ ଦଳ ଉପନେତା ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମାତ୍ର ଦୁଃଖର ବିଷୟ, ଏହି ପ୍ରତିମୂର୍ତ୍ତିଗୁଡ଼ିକ ଉପରେ ଥିବା ଟିଣ ଛାତଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ସେହି ପ୍ରତିମୂର୍ତ୍ତିଗୁଡ଼ିକ ଉପରେ ହିଁ ପଡ଼ି ରହିଛି। ଦୀର୍ଘ ଦିନ ଧରି ଏଭଳି ସ୍ଥିତି ଲାଗି ରହିଥିଲେ ମଧ୍ୟ ସମ୍ପୃକ୍ତ ଏନ୍‌ଏସି ଅଧିକାରୀ କିମ୍ବା ଧାମନଗର ବିଡିଓଙ୍କ ନଜର ଏହା ଉପରେ ପଡୁନାହିଁ। ଯେଉଁ ନେତାମାନେ ଦିନେ ଧାମନଗର ଓ ଚାନ୍ଦବାଲି ମାଟିର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ, ଆଜି ସେମାନଙ୍କ ପ୍ରତିମୂର୍ତ୍ତିର ଏଭଳି ଦୁର୍ଦ୍ଦଶା ଜନସାଧାରଣଙ୍କ ମନରେ ଗଭୀର ଆଘାତ ଦେଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରି ଭାଙ୍ଗି ଯାଇଥିବା ଛାତର ପୁନରୁଦ୍ଧାର କରିବା ସହ ପୂଜ୍ୟପୂଜାର ସମ୍ମାନ ରକ୍ଷା କରିବାକୁ ସ୍ଥାନୀୟ ଅଧିବାସୀ ଓ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହୋଇଛି। ପ୍ରଶାସନ ଏହା ଉପରେ କେବେ ଗୁରୁତ୍ୱ ଦେଉଛି, ତାହା ଦେଖିବାକୁ ବାକି ରହିଲା।

### ସମୟଚକ୍ରରେ ହଜିଯାଉଛି ହଳ ଲଙ୍ଗଳ

# ଚାଷ ସମୟରେ ଆଉ ଶୁଭୁନି ହୁଳହୁଳି ଓ ହଳିଆ ଗୀତ

**ବନ୍ତ/ଆଗରପଡ଼ା,୧୯।୭(ସମିସ):**

କଥାରେ ଅଛି 'ଚାଷ କାମ ଯାହାର, କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହାର'। ଏହି କାର୍ଯ୍ୟ ପାଇଁ ଚାଷୀ ସଭିଙ୍କ ପାଖରେ ଆଦର ପାଉଥିଲା। ଦିନ ଥିଲା ଗ୍ରାମାଞ୍ଚଳର ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ। ସମୟର ପରିବର୍ତ୍ତନ ମଧ୍ୟରେ ଧୀରେ ଧୀରେ ଚାଷ କାମ ବନ୍ଦ ହେବାକୁ ବସିଛି। ପୂର୍ବରୁ ଚାଷ କରୁଥିବା ପ୍ରଣାଳୀ ବଦଳାଇ ନୂତନ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ବେଳେ ଏହା ଏବେ ପୋଥି ବାଇଗଣ ପାଲଟିଯିବ ଏହି ଆଶଙ୍କା ପ୍ରକାଶ ପାଉଛି। ବନ୍ତ ଅଞ୍ଚଳର ଚାଷୀ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରିଥା'ନ୍ତି। ଏହି ଭିତରେ ଚାଷ କାମ ବାଟବଣା ହେଉଥିବାବେଳେ ଚାଷର ଉପାୟ ମଧ୍ୟ ବଦଳିବାରେ ଲାଗିଛି। ହଳରେ ଏବେ ଆଉ ପ୍ରାୟ କେହି ଚାଷ କରୁ ନ ଥିବାବେଳେ ପୂର୍ବଭଳି ଆଉ ରୁଆ,





ବୁଣାବେଳେ ଚାଷୀର ହୁଳହୁଳି ଓ ହଳିଆ ଗୀତ ମଧ୍ୟ ଆଉ ଶୁଣିବାକୁ ମିଳୁନାହିଁ। ପୂର୍ବରୁ ଚାଷୀ ଜମିରେ ଚାଷ ପାଇଁ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ। ଏବେ ଚାଷ ପାଇଁ ଟ୍ରାକ୍ଟର ଏବଂ ପାୱରଟିଲର୍ ବ୍ୟବହାର ହେଉଛି।

ପୂର୍ବରୁ ମାସ ମାସ ଧରି ଚାଲୁଥିବା ଚାଷ କାମ ଏବେ କମ୍ ଦିନରେ ଶେଷ ହେଉଛି। ପ୍ରତି ଗାଁରେ ପୂର୍ବେ ଘରେ ଘରେ ଜମି ଚାଷ ପାଇଁ ବଳଦ, ପୋଢ଼ ପାଳନ କରାଯାଉଥିଲା। ଏପରିକି କିଛି ଧନୀ ଚାଷୀ ମଧ୍ୟ ଗାଇ ଓ ବଳଦଙ୍କ ପାଇଁ ହଳିଆ ରଖୁଥିଲେ। ଘର ଆଗରେ ଗୁହାଳ ଦେଖିବାକୁ ମିଳୁଥିଲା। ହଳ ପାଇଁ ଚାଷୀ କୁସୁମ, ଫାଶୀ, ବାବୁଲ, କାଠର ଲଙ୍ଗଳ, ଢାମଣ ଆଦି ଉପକରଣ ରଖୁଥିଲା। କିଛି ଚାଷୀ ମାମୁ ଭଣଜା ବଳଦକୁ ଏକାଠି କରି ହଳ କାର୍ଯ୍ୟରେ ଲଗାଉଥିଲେ। ପ୍ରତି ବର୍ଷ ପ୍ରଥମ ବର୍ଷା ପରେ ଚାଷୀମାନେ ବଳଦ ବିକାକିଣା କରିବା ସହିତ ଅନ୍ୟ ଗ୍ରାମରୁ ବଳଦ କିଣି ଆଣୁଥିଲେ। ମହାଲକ୍ଷ୍ମୀ ସ୍ନାନ ଦିନ ଭୋର୍ ସମୟରେ ତଳିଘଣା ପରେ ପୂଜାର୍ଚ୍ଚନା କରି ରୁଆ କାର୍ଯ୍ୟ ଆରମ୍ଭ କରୁଥିଲା ଚାଷୀ। ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଉଥିଲା। ମହିଳାମାନେ ହୁଳହୁଳି ଦେବା ସହ ମିଳିତ ଭାବେ ଗୀତ ଗାଉଥିଲେ। ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲିଥିବାର ସଂକେତ ମିଳୁଥିଲା। ଗୋଟିଏ ଜମିରେ ମହିଳା ଗୀତ ଗାଇବା ଆରମ୍ଭ କଲେ ଅନ୍ୟ ଜମିର ମହିଳା ତାହାକୁ ଅନୁସରଣ କରୁଥିଲେ। କିନ୍ତୁ ସମୟଚକ୍ରରେ ହଜି ଯାଉଛି ସଂସ୍କାର ଓ ଚାଷର ପ୍ରଣାଳୀ। ସେହିପରି ଚାରଣ ଭୂମିର ଅଭାବ ଯୋଗୁଁ ଗୋ-ସମ୍ପଦ ମଧ୍ୟ ଲୋପ୍ ପାଇବାକୁ ବସିଲାଣି। ଯଦ୍ୱାରା ହଳ ରଖିବା ବନ୍ଦ ମଧ୍ୟ ହୋଇଗଲାଣି। କହିବାକୁ ଗଲେ ଆଧୁନିକତାର ପରିଭାଷା ମଧ୍ୟରେ ହଜିବାକୁ ଗଲାଣି ପୁରୁଣା ସଂସ୍କାର ଓ ତା' ମଧ୍ୟରେ ହଜିଗଲାଣି ଚାଷ ଓ ଚାଷର ପ୍ରଣାଳୀ।

ସକାଳ
THE SAKALA

# ସମ୍ପାଦକୀୟ



ପୁରାଣ ଓ କିମ୍ବଦନ୍ତୀ ଆମ ପରିଚୟର ଅଂଶ ଓ ଅସ୍ତିତ୍ୱର ଆଧାର
-ସୁଧାମୂର୍ତ୍ତି

## ଇସ୍ତଫା-ଦଶନ୍ଧି

ଗତ ଦଶବର୍ଷ ଭିତରେ ଆମ ଦେଶରେ ବିଭିନ୍ନ କ୍ଷେତ୍ରରେ ଇସ୍ତଫା ଦେବାର ଅବାଞ୍ଛିତ ଧାରା ଆରମ୍ଭ ହୋଇଛି। ସେଥିମଧ୍ୟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଭଳି କେତେକ ଆଶ୍ଚର୍ଯ୍ୟଜନକ, ଅହେତୁକ, ଅପ୍ରତ୍ୟାଶିତ, ଆକସ୍ମିକ ଓ ବିରଳତମ ଇସ୍ତଫାର ଉଦାହରଣ ମଧ୍ୟ ରହିଛି। ସୀମିତ ସମୟ ମଧ୍ୟରେ ଇସ୍ତଫା ପରିସଂଖ୍ୟାନ ଆଧାରରେ ଯଦି ଗତ ଦଶନ୍ଧିକୁ 'ଇସ୍ତଫା-ଦଶନ୍ଧି' ରୂପେ ଅଭିହିତ କରାଯାଏ ତେବେ ଭୁଲ୍ ହେବ ନାହିଁ। ସଦ୍ୟତମ ଉଦାହରଣ ଭାବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ରୁ ଚଳିତ ମାସରେ ୧୦୦ ଜଣ ବୈଜ୍ଞାନିକ ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦାୟିତ୍ୱରେ ଥିବା ବରିଷ୍ଠ ବୈଜ୍ଞାନିକମାନେ ମଧ୍ୟ ସାମିଲ୍ ଅଛନ୍ତି। ୨୦୧୨ରୁ ୨୦୨୪ ଭିତରେ ଇସ୍ରୋରୁ ପାଖାପାଖି ୭୦୦ ବୈଜ୍ଞାନିକ ବିଭିନ୍ନ କାରଣରୁ ଇସ୍ତଫା ଦେଇଥିବା ବେଳେ ସଦ୍ୟତମ ଘଟଣା ପରେ ଇସ୍ତଫା ନିୟମକୁ କେନ୍ଦ୍ର ସରକାର କଡ଼ା କରିବାକୁ ଚିନ୍ତା କରୁଛନ୍ତି। ଏହି ପୃଷ୍ଠଭୂମିରେ ଇସ୍ରୋ ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଦେଖାଦେଇଥିବା ବୈଜ୍ଞାନିକ ଅଭାବ, ଗବେଷଣାରେ ଅସ୍ଥିରତା, ଏହାର ପ୍ରଭାବ ଏବଂ ଇସ୍ତଫାର ଔଚିତ୍ୟ, ନୈତିକତା ଆଦିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏଥିସହିତ ଦେଶର ବ୍ୟବସ୍ଥାର ବିସଙ୍ଗତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ମହାକାଶ ଗବେଷଣା କ୍ଷେତ୍ରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଉନ୍ମୁକ୍ତ କରିବା ପରେ ଭାରତରେ ଏକାଧିକ ବିତ୍ତଶାଳୀ ସଂସ୍ଥା କାର୍ଯ୍ୟାରମ୍ଭ କରିଛନ୍ତି। ସେମାନେ ଉଚ୍ଚ ବେତନରେ ଇସ୍ରୋରୁ ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏହି ତର୍କ ପଛରେ ଯୁକ୍ତିସଂଗତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ବାକି ରହିଲା ଜାତୀୟତାବୋଧ ଓ ନୈତିକତାର ପ୍ରଶ୍ନ। ଯଦି ସ୍ୱାର୍ଥ ପାଇଁ ନୀତି ନିର୍ଦ୍ଧାରଣ ସ୍ଥାନରେ ଅବସ୍ଥାପିତ ନିର୍ବାଚିତ ଜନପ୍ରତିନିଧିମାନେ ଦଳରୁ ଇସ୍ତଫା ଦେଇପାରୁଛନ୍ତି, ବେତନଭୋଗୀମାନେ ନିଜ ଭବିଷ୍ୟତକୁ ଚାହିଁ ନିଷ୍ପତ୍ତି ନେବାରେ ବା ନିଯୁକ୍ତି କ୍ଷେତ୍ର ବଦଳାଇବାରେ ଭୁଲ୍ ରହିଲା କେଉଁଠି? ଦଳବଦଳ ଆଇନ କାର୍ଯ୍ୟକାରୀ ହେବା ସତ୍ତ୍ୱେ ତାହାର ଗଳାବାଟଟିଏ ବାହାର କରି ଅନ୍ୟଦଳର ସାଂସଦ ଓ ବିଧାୟକଙ୍କୁ ଯଦି ଦଳ ଛାଡ଼ି ଆସିବାକୁ ପ୍ରରୋଚିତ ଓ ପ୍ରଲୁବ୍ଧ କରାଯାଇପାରୁଛି ତେବେ ବେତନଭୋଗୀମାନଙ୍କ ଇସ୍ତଫା ଉପରେ କଟକଣା ଜାରି କରିବାର ଚିନ୍ତା କାହିଁକି? ଗୋଟିଏ ଦଳର ଚିହ୍ନରେ ନିର୍ବାଚନ ଜିତି ଅନ୍ୟ ଦଳରେ ଯୋଗ ଦେଉଥିବା ଜନପ୍ରତିନିଧିମାନେ ଯଦି ମୂଳଦଳର ହାଇକମାଣ୍ଡଙ୍କ ବିରୋଧରେ ଅଗଣତାନ୍ତ୍ରିକ ବା ସ୍ୱେଚ୍ଛାଚାର ଅଭିଯୋଗ ଆଣିପାରୁଛନ୍ତି, ବେତନଭୋଗୀ ବୈଜ୍ଞାନିକମାନଙ୍କ ପାଇଁ ମଧ୍ୟ ଯେ ସେଭଳି ପରିସ୍ଥିତି ଓ ପରିବେଶ ସୃଷ୍ଟି ହେଉ ନ ଥିବା ତାହା ନିଶ୍ଚିତ କରିହେବ କେମିତି?

ଇସ୍ରୋ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାରୁ ଉଚ୍ଚପଦସ୍ଥ ଅଧିକାରୀ/ବୈଜ୍ଞାନିକ/ବିଶେଷଜ୍ଞମାନଙ୍କ ସରକାରୀ ଚାକିରି ଛାଡ଼ିବା ପଛରେ ଦରମା ଓ ଅନ୍ୟାନ୍ୟ ସୁବିଧା ହିଁ ଏକମାତ୍ର କାରଣ ନୁହେଁ। ସମ୍ପ୍ରତି ଦେଶର ସ୍ଥିତି ଏଭଳି ହୋଇଛି ଯେ ସୃଜନଶୀଳତାର ସ୍ୱାଧୀନତା କିମ୍ବା ଅଭିଜ୍ଞତା ଆଧାରିତ ପରାମର୍ଶର କୌଣସି ମୂଲ୍ୟ ଓ ଗୁରୁତ୍ୱ ରହୁନାହିଁ। 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍(ସର୍ବୋଚ୍ଚ କର୍ତ୍ତା ହିଁ ଏକମାତ୍ର ଜ୍ଞାନୀ ଏବଂ ତାଙ୍କ ସବୁ ନିଷ୍ପତ୍ତି ହିଁ ଶିରୋଧାର୍ଯ୍ୟ)' ବୋଲି ଗ୍ରହଣ କରିନେବାର ଏକ ଅଦୃଶ୍ୟ ପରମ୍ପରା ଧୀରେ ଧୀରେ ଆମ ଦେଶର ରାଜନୀତି, ସୃଜନଶୀଳତା, ଜ୍ଞାନ-ବିଜ୍ଞାନ ଆଦି ସମସ୍ତ କ୍ଷେତ୍ରରେ କାୟାବିସ୍ତାର କରି ଚାଲିଛି। ଏହି କଳୁଷିତ ପରମ୍ପରାରେ ଏଭଳି ବିରଳ ଓ ଅପ୍ରତ୍ୟାଶିତ ଘଟଣାମାନ ଘଟିଚାଲିଛି ଯେ ସେଗୁଡ଼ିକ ସ୍ୱାଧୀନ ଭାରତ ଇତିହାସରେ ଅଲିଭା କାଳିରେ ଲିପିବଦ୍ଧ ହୋଇ ରହିଯାଉଛି। ୨୦୨୪ ସେପ୍ଟେମ୍ବର ମାସରେ ୨୦୦ ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଓ ପ୍ରଧାପକ 'ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର'ର ଚୟନର ସ୍ୱଚ୍ଛତା ଓ ସଂଶୋଧିତ ନିୟମାବଳୀକୁ ନେଇ ଆପତ୍ତି ଉଠାଇଥିବା ବେଳେ ୨୬ ଜଣ ବରିଷ୍ଠ ବୈଜ୍ଞାନିକ ପ୍ରଧାନମନ୍ତ୍ରୀଙ୍କ ବୈଜ୍ଞାନିକ ଉପଦେଷ୍ଟାଙ୍କ ନିକଟକୁ ପତ୍ର ଲେଖିଥିଲେ। କିନ୍ତୁ 'ବସ୍ ଇଜ୍ ଅଲୱେଜ୍ ରାଇଟ୍' ନୀତିରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ, ଭାବାବେଗକୁ ଗୁରୁତ୍ୱ ଦିଆଗଲା ନାହିଁ କି ସେ ବିଷୟରେ ବିଚାର କରିବାର ସାମାନ୍ୟତମ ଉଦ୍ୟମଟିଏ ମଧ୍ୟ ହେଲା ନାହିଁ। ଏଭଳି ଘଟଣାମାନ ସାଧାରଣ ଜନତାଙ୍କ ଅଲକ୍ଷ୍ୟ ଓ ଅଜ୍ଞାତରେ ବିଭିନ୍ନ କ୍ଷେତ୍ରରେ ଅହରହ ଘଟିଚାଲୁଛି। ତେଣୁ ଇସ୍ରୋ ସମେତ ବିଭିନ୍ନ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ମେଧାବୀମାନଙ୍କ ପଳାୟନ ପଛରେ ଉପରୋକ୍ତ ଅବାଞ୍ଛିତ ପରିବେଶକୁ କାହିଁକି ଦାୟୀ କରାଯାଇପାରିବ ନାହିଁ? ସେ ପ୍ରଶ୍ନ ଉଠୁଛି।

ପ୍ରାୟ ଦଶବର୍ଷରୁ ଅଧିକ ସମୟ ଧରି ଭାରତରେ ରାଜତ୍ୱ କରୁଥିବା ଇସ୍ତଫା-ଋତୁର ପ୍ରାରମ୍ଭିକ ପ୍ରଭାବରେ ନିତି ଆୟୋଗ, ଅର୍ଥନୈତିକ ଉପଦେଷ୍ଟା ପରିଷଦ, ପରିସଂଖ୍ୟାନ କାର୍ଯ୍ୟାଳୟ ପରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗର ବହୁ ବିଜ୍ଞ ଓ ଦକ୍ଷ ଅର୍ଥନୀତିଜ୍ଞ ଆକ୍ରାନ୍ତ ହୋଇଛନ୍ତି। ନିତି ଆୟୋଗର ପ୍ରଥମ ଉପାଧ୍ୟକ୍ଷ ବିଶିଷ୍ଟ ଅର୍ଥନୀତିଜ୍ଞ ଅରବିନ୍ଦ ପାନାଗାରିଆ କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ୨୦୧୭ ଅଗଷ୍ଟ ମାସରେ ଇସ୍ତଫା ଦେଲେ। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ସୁବ୍ରମଣ୍ୟନ୍ ମଧ୍ୟ ତାଙ୍କ କାର୍ଯ୍ୟକାଳର ଦ୍ୱିତୀୟ ଅବଧିର ଅଧାରୁ ଆକସ୍ମିକ ଭାବେ ଇସ୍ତଫା ଦେଇଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ରଘୁରାମ୍ ରାଜନ୍‌ଙ୍କଠାରୁ ଆରମ୍ଭ କରି ଆରବିଆଇ ଗଭର୍ଣ୍ଣର ଉର୍ଜିତ ପଟେଲ୍, ଡେପୁଟି ଗଭର୍ଣ୍ଣର ବିରଳ ଆଚାର୍ଯ୍ୟଙ୍କ ପରି ଅର୍ଥନୀତିଜ୍ଞଙ୍କ ଇସ୍ତଫା ପଛରେ ଏହି ଋତୁର ପ୍ରଭାବ ହିଁ ରହିଛି। କେନ୍ଦ୍ର ପରିସଂଖ୍ୟାନ ଆୟୋଗର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ପି ସି ମୋହନାନ୍ ଓ ଜେ ଭି ମୀନାକ୍ଷି କାର୍ଯ୍ୟକାଳ ପୂର୍ବରୁ ଇସ୍ତଫା ଦେଲେ। ଇସ୍ତଫାର କାରଣ ଦର୍ଶାଇବାକୁ ଯାଇ ମୋହନାନ୍ କହିଥିଲେ ଯେ ଆୟୋଗ ଆଉ ପୂର୍ବ ପରି କ୍ରିୟାଶୀଳ ନଥିବାରୁ ଆମେ ଦାୟିତ୍ୱ ନିର୍ବାହ କରିବାକୁ ଅକ୍ଷମ। ଦେଶର ବେକାରୀ ହାର ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ସେତେବେଳେ ପ୍ରକାଶ ପାଇଥିବା ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାନର ରିପୋର୍ଟକୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବିତ କରାଯାଇଛି ଓ ପରିସଂଖ୍ୟାନ ଆୟୋଗକୁ ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ ଆଲୋଚନାରୁ ଦୂରେଇ ରଖାଯାଉଛି ବୋଲି ମୋହନାନ୍ ପରବର୍ତ୍ତୀ ସମୟରେ ଅଭିଯୋଗ ଆଣିଥିଲେ। ଏହି ପୃଷ୍ଠଭୂମିରେ ଇସ୍ରୋ ବୈଜ୍ଞାନିକଙ୍କ ଇସ୍ତଫା ପଛର ପ୍ରକୃତ କାରଣ ସାର୍ବଜନୀନ ହେବା ଆବଶ୍ୟକ।

## କ୍ରୀଡ଼ାଙ୍ଗନ ଓ କୂଟନୀତି

ବରୁଣ କୁମାର ମହାପାତ୍ର

ଅନେକଙ୍କ ମତରେ କ୍ରୀଡ଼ାକୁ ରାଜନୀତି ଓ କୂଟନୀତିଠାରୁ ଅଲଗା ରଖାଯିବା ଉଚିତ। କାରଣ କ୍ରୀଡ଼ାକୁ ଶାନ୍ତି, ସୌହାର୍ଦ୍ଦ୍ୟ, ସମାନତା ଓ ବିଶ୍ୱ ଏକତାର ପ୍ରତୀକ କୁହାଯାଏ। ତେବେ ନିଷେଧାଦେଶ ଓ କଟକଣା ସତ୍ତ୍ୱେ ଅନେକ ସମୟରେ କ୍ରୀଡ଼ା ଓ କ୍ରୀଡ଼ାଙ୍ଗନକୁ ରାଜନୈତିକ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇଛି। ଆଉ ଏଥିପାଇଁ ଅଯଥା ବିବାଦର ସୂତ୍ରପାତ ହୋଇଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି 'ଫିଫା' ବିଶ୍ୱକପ୍ ୨୦୨୬ର ଇଂଲଣ୍ଡ-ଆର୍ଜେଣ୍ଟିନା ସେମିଫାଇନାଲ ମ୍ୟାଚ୍‌ରେ।

ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ଜିତିବା ପରେ ଦଳର କିଛି ଖେଳାଳି ପଡ଼ିଆ ଭିତରେ ଏକ ରାଜନୈତିକ ବ୍ୟାନର ପ୍ରଦର୍ଶନ କରି ଇଂଲଣ୍ଡକୁ ଚିଡ଼ାଇଥିଲେ। ସେଥିରେ ସ୍ପେନୀୟ ଭାଷାରେ ଲେଖାଥିଲା 'ଲାସ୍ ମାଲଭିନାସ୍ ସନ୍ ଆର୍ଜେଣ୍ଟିନାସ୍', ଯାହାର ଅର୍ଥ ହେଉଛି 'ଫକ୍‌ଲ୍ୟାଣ୍ଡ ବାସିନ୍ଦା ଆର୍ଜେଣ୍ଟିନୀୟ ନାଗରିକ ଅଟନ୍ତି'। ଏହି ଘଟଣା ଫକ୍‌ଲ୍ୟାଣ୍ଡ ଦ୍ୱୀପପୁଞ୍ଜ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ନେଇ ଦୁଇଦେଶ ମଧ୍ୟରେ ବହୁବର୍ଷର ବିବାଦକୁ ପୁଣିଥରେ ଉଜ୍ଜୀବିତ କରିଛି। ଇଂଲଣ୍ଡ ସରକାର ଆର୍ଜେଣ୍ଟିନା ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। 'ଫିଫା'ର ନିୟମ ଅନୁଯାୟୀ, ଷ୍ଟାଡିୟମ୍ ମଧ୍ୟରେ କୌଣସି ପ୍ରକାରର ରାଜନୈତିକ ବ୍ୟାନର କିମ୍ବା ବାର୍ତ୍ତା ପ୍ରଦର୍ଶନ କରିବା ନିଷିଦ୍ଧ। ତଥାପି ଆର୍ଜେଣ୍ଟିନା ଦଳ କାର୍ଯ୍ୟାନୁଷ୍ଠାନ ଭୟକୁ ଭ୍ରୂକ୍ଷେପ ନକରି ଏପରି ଏକ ବିବାଦୀୟ ରାଜନୈତିକ ବାର୍ତ୍ତା ସହ ବିଜୟ ଉତ୍ସବ ପାଳନ କରିଥିଲା।

ଉପରୋକ୍ତ ଘଟଣା ପୁଣି ଥରେ ପ୍ରମାଣ କଲା ଯେ କ୍ରୀଡ଼କୁ ରାଜନୀତିଠାରୁ ଅଲଗା ରଖିବା କଷ୍ଟକର। ବିଶ୍ୱ କ୍ରୀଡ଼ା ଇତିହାସରେ ଏପରି ଅନେକ ଉଦାହରଣ ଦେଖିବାକୁ ମିଳେ। ଏପରି ଏକ ଚର୍ଚ୍ଚିତ ଘଟଣା ଘଟିଥିଲା ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକ୍ସରେ। ଆମେରିକାର ଦୁଇ କୃଷ୍ଣକାୟ ଆଥଲେଟ୍ ଟମି ସ୍ମିଥ୍ ଓ ଜନ୍ କାର୍ଲୋସ ପଦକ ଗ୍ରହଣ ସମୟରେ କଳାରଙ୍ଗର ଗ୍ଲୋଭ୍‌ସ ପିନ୍ଧି ହାତମୁଠା ଉପରକୁ ଉଠାଇ 'ବ୍ଲାକ୍ ପାୱାର' ସାଲ୍ୟୁଟ୍ ଦେଇଥିଲେ। ଏହା ଥିଲା ଆମେରିକାରେ ଚାଲିଥିବା ବର୍ଣ୍ଣବୈଷମ୍ୟ ବିରୋଧରେ ଏକ ମୌନ ପ୍ରତିବାଦ। ଖେଳ ପଡ଼ିଆରେ କିଛି ସେକେଣ୍ଡର ସେହି ବାର୍ତ୍ତା ଆଜି ମଧ୍ୟ ସାମାଜିକ ନ୍ୟାୟ ଇତିହାସରେ ଏକ ରେଖାଙ୍କିତ ଅଧ୍ୟାୟ ହୋଇ ରହିଛି। ପରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସେହି ଦୁଇ ଆଥଲେଟ୍‌ଙ୍କୁ ଦଣ୍ଡିତ କରିଥିଲେ ମଧ୍ୟ କ୍ରୀଡ଼ାଙ୍ଗନରେ ସେମାନଙ୍କ ଏପରି ଅଭିନବ ପ୍ରତିବାଦ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଇଥିଲା। ୧୯୩୬ ବର୍ଲିନ ଅଲିମ୍ପିକ୍ସ ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇପାରି ନ ଥିଲା। ଜର୍ମାନ ଶାସକ ଆଡଲଫ୍ ହିଟଲର ଏହି କ୍ରୀଡ଼ା ମହାକୁମ୍ଭକୁ ନାଜିବାଦର ପ୍ରଚାର ମାଧ୍ୟମ ଭାବେ ବ୍ୟବହାର କରିଥିଲେ। ସେତେବେଳେ ଅଲିମ୍ପିକ୍ସକୁ ଏକ 'ପ୍ରପାଗାଣ୍ଡା ମେସିନ୍' ଭାବେ ବ୍ୟବହାର କରାଯାଇଥିଲା, ଯାହା କ୍ରୀଡ଼ା ଇତିହାସରେ ଏକ କଳା ଅଧ୍ୟାୟ ଭାବେ ଅପଯଶ ଅର୍ଜିଛି। ଅଶୀ ଦଶକରେ ଶୀତଳ ଯୁଦ୍ଧର ରାଜନୈତିକ ପ୍ରତ୍ୟକ୍ଷ ପ୍ରଭାବ ଖେଳ ଉପରେ ପଡ଼ିଥିଲା। ୧୯୮୦ ମସିହାରେ ସୋଭିଏତ୍ ସଂଘର ଆଫଗାନିସ୍ତାନ ଆକ୍ରମଣର ପ୍ରତିବାଦରେ ଆମେରିକା ସମେତ ଅନେକ ଦେଶ ମସ୍କୋ ଅଲିମ୍ପିକ୍ସ ବର୍ଜନ କରିଥିଲେ। ତାହାର ପ୍ରତିଶୋଧ ସ୍ୱରୂପ ସୋଭିଏତ୍ ଦେଶ ସମୂହ ମଧ୍ୟ ୧୯୮୪ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ରୁଷ-ୟୁକ୍ରେନ ଯୁଦ୍ଧ ପରେ ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରୁଷୀୟ କ୍ରୀଡ଼ାବିତଙ୍କ ଉପରେ ବାସନ୍ଦ ଲାଗିଥିଲା। ପରିଣାମ ସ୍ୱରୂପ ଅନେକ ରୁଷୀୟ ଖେଳାଳି ନିରପେକ୍ଷ ପତାକା ଅଧୀନରେ ଖେଳିବାକୁ ବାଧ୍ୟ ହୋଇଥିଲେ।

ଫୁଟବଲ ଇତିହାସରେ ବି ଅନେକ ଥର ରାଜନୈତିକ ଛାପ ଦେଖିବାକୁ ମିଳିଛି। ୧୯୬୯ ମସିହାରେ ହଣ୍ଡୁରାସ୍ ଓ ଏଲ୍ ସାଲଭାଡୋର ମଧ୍ୟରେ 'ଫିଫା' ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌କୁ କେନ୍ଦ୍ର କରି ଦୁଇ ଦେଶ ମଧ୍ୟରେ ତିକ୍ତତା ଏତେ ବଢ଼ି ଯାଇଥିଲା ଯେ ଶେଷରେ ତାହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ନେଇଥିଲା। ଫୁଟବଲ୍ ମ୍ୟାଚକୁ କେନ୍ଦ୍ର କରି ହୋଇଥିବାରୁ ଏହି ଯୁଦ୍ଧ 'ସକର୍ ୱାର୍' ଭାବେ ଖ୍ୟାତ। ଏହି ଘଟଣା ପ୍ରମାଣ କରିଥିଲା କ୍ରୀଡ଼ା କିପରି କୂଟନୈତିକ ଉତ୍ତେଜନାର କାରଣ ହୋଇପାରେ। ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଫୁଟବଲ ପ୍ରତିଦ୍ୱନ୍ଦ୍ୱିତାର ଏକ ତିକ୍ତତାପୂର୍ଣ୍ଣ ରାଜନୈତିକ ଇତିହାସ ରହିଛି। ୧୯୮୨ର ଫକଲ୍ୟାଣ୍ଡ ଯୁଦ୍ଧ ପରେ ଏହି ଦୁଇ ଦେଶ ମଧ୍ୟରେ ପ୍ରତିଟି ବଡ଼ ମ୍ୟାଚ୍ ସହ ଯୋଡ଼ି ହୋଇଯାଏ ଭାବାବେଗ, ଜାତୀୟତାବାଦ ଓ ରାଜନୀତି, ଯାହାର ସଦ୍ୟତମ ଉଦାହରଣ ଆମେ ୨୦୨୬ 'ଫିଫା' ବିଶ୍ୱକପ ସେମିଫାଇନାଲରେ ଦେଖିଲେ। ୧୯୮୬ ବିଶ୍ୱକପରେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ଡିଏଗୋ ମାରାଡୋନାଙ୍କ ଚର୍ଚ୍ଚିତ 'ହ୍ୟାଣ୍ଡ ଅଫ୍ ଗଡ୍' ଗୋଲକୁ ଅନେକ ଆର୍ଜେଣ୍ଟିନୀୟ କେବଳ ଏକ କ୍ରୀଡ଼ା ମୁହୂର୍ତ୍ତ ଭାବେ ନୁହେଁ, ବରଂ ଜାତୀୟ ଗର୍ବର ପ୍ରତୀକ ଭାବେ ଦେଖିଥିଲେ।

କ୍ରିକେଟ୍ ମଧ୍ୟ ରାଜନୈତିକ ପ୍ରଭାବରୁ ବାଦ୍ ପଡ଼ିନାହିଁ। ଭାରତ-ପାକିସ୍ତାନ ମ୍ୟାଚ୍ କେବଳ କ୍ରୀଡ଼ା ପ୍ରତିଯୋଗିତା ନୁହେଁ, ଏହା ଦୁଇ ଦେଶର ରାଜନୈତିକ ଓ କୂଟନୈତିକ ସମ୍ପର୍କର ପ୍ରତିଫଳନ ହୋଇଥାଏ। 'ଅପରେସନ ସିନ୍ଦୂର' ପରେ ହୋଇଥିବା ଏସିଆ କପ୍ ଓ ଅନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଦୁଇ ଦେଶର ଖେଳାଳି ହାତ ମିଳାଇ ନ ଥିଲେ। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହେଲେ ଦ୍ୱିପାକ୍ଷିକ କ୍ରିକେଟ୍ ଖେଳ ବନ୍ଦ ହୋଇଯାଏ। ଅନେକ ସମୟରେ 'କ୍ରିକେଟ୍ କୂଟନୀତି' ମାଧ୍ୟମରେ ସମ୍ପର୍କ ସୁଧାରିବାକୁ ଉଦ୍ୟମ କରାଯାଇଛି। ସତୁରୀ ଦଶକରେ ଦକ୍ଷିଣ ଆଫ୍ରିକା ସରକାରଙ୍କ ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ସେହି ଦେଶର କ୍ରିକେଟ ଦଳକୁ ଦୁଇ ଦଶନ୍ଧି ଧରି ବାସନ୍ଦ କରାଯାଇଥିଲା। ୨୦୧୪ରେ ଇଂଲଣ୍ଡ ଖେଳାଳି ମୋଇନ ଅଲ୍ଲୀ ପାଲେଷ୍ଟିନୀୟମାନଙ୍କ ସମର୍ଥନରେ ବାର୍ତ୍ତା ଥିବା ଗ୍ଲୋଭ୍‌ସ ପିନ୍ଧି ଖେଳିବାରୁ ବିବାଦ ସୃଷ୍ଟି ହୋଇଥିଲା। ଆଇସିସିର ଚେତାବନୀ ପରେ ସେ ଏଥିରୁ ନିବୃତ୍ତ ରହିଥିଲେ। ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍ ମହିଳାଙ୍କ ଶିକ୍ଷା ଉପରେ ତାଲିବାନ ସରକାରର କଟକଣାକୁ ବିରୋଧ କରି ଆଫଗାନିସ୍ତାନ ସହ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ୍ ଖେଳିବାକୁ ମନା କରିଆସିଛି।

ଉପର୍ଯ୍ୟୁକ୍ତ ଘଟଣା କ୍ରୀଡ଼ା ଉପରେ ରାଜନୀତିର କିପରି ଗଭୀର ପ୍ରଭାବ ରହିଛି ପୁଣି ପ୍ରମାଣିତ କରିଛି। ସାମ୍ପ୍ରତିକ ସମୟରେ କ୍ରୀଡ଼ା ଓ କ୍ରୀଡ଼ାଙ୍ଗନ ସାମାଜିକ ଆନ୍ଦୋଳନର ମାଧ୍ୟମ ପାଲଟିଛି। ଆମେରିକୀୟ ଫୁଟବଲ୍ ଖେଳାଳି କଲିନ୍ କାପର୍ନିକ୍ ଜାତୀୟ ସଙ୍ଗୀତ ଗାନ ସମୟରେ ଆଣ୍ଠୁ ମାଡ଼ି ବସି ପୁଲିସ ନିର୍ଯାତନା ଓ ବର୍ଣ୍ଣବୈଷମ୍ୟ ବିରୋଧରେ ପ୍ରତିବାଦ କରି ଚର୍ଚ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ 'ବ୍ଲାକ୍ ଲାଇଭ୍ସ ମ୍ୟାଟର' ଆନ୍ଦୋଳନର ପ୍ରଭାବରେ ବିଶ୍ୱର ଅନେକ ଖେଳାଳି ସେହି ପ୍ରତିବାଦ ଶୈଳୀକୁ ଅନୁସରଣ କରିଥିଲେ। ଏପରିକି ଭାରତରେ ଅନୁଷ୍ଠିତ ୨୦୨୩ କ୍ରିକେଟ୍ ବିଶ୍ୱକପରେ ମଧ୍ୟ ଏପରି ପ୍ରତୀକାତ୍ମକ ପ୍ରତିବାଦ ଦେଖିବାକୁ ମିଳିଥିଲା।

ତେବେ ପ୍ରଶ୍ନ ଉଠୁଛି କ୍ରୀଡ଼ାମଞ୍ଚ ଓ କ୍ରୀଡ଼ାଙ୍ଗନ ରାଜନୈତିକ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ହେବା ଉଚିତ କି? କିଛି ଲୋକଙ୍କ ମତ ହେଲା ଯେ ଖେଳପଡ଼ିଆ କେବଳ କ୍ରୀଡ଼ା ପାଇଁ ଉଦ୍ଦିଷ୍ଟ। ଏଥିରେ ରାଜନୀତି ପ୍ରବେଶ କଲେ ବିଭାଜନ, ଘୃଣା ଓ ହିଂସା ବଢ଼ିପାରେ। ଅନ୍ୟପକ୍ଷରେ ମାନବାଧିକାର କର୍ମୀମାନେ ଯୁକ୍ତି ଦିଅନ୍ତି ଯେ ଖେଳାଳିମାନେ ସମାଜର ଅଂଶବିଶେଷ। ସେମାନଙ୍କର ମଧ୍ୟ ମତ ପ୍ରକାଶ କରିବାର ଅଧିକାର ରହିଛି। ଯଦିଓ ରାଜନୀତି ଓ କ୍ରୀଡ଼ାକୁ ଅଲଗା ରଖାଯାଇ ପାରିବ ନାହିଁ, ତଥାପି କ୍ରୀଡ଼ାର ମର୍ଯ୍ୟାଦା ରକ୍ଷା କରିବା ପ୍ରତ୍ୟେକ ଖେଳାଳି ଓ ଦେଶର ଦାୟିତ୍ୱ। ଖେଳ ପଡ଼ିଆରେ କେବଳ ପ୍ରତିଭା ଓ କଠିନ ପରିଶ୍ରମର ବିଜୟ ଉତ୍ସବ ପାଳନ ହେବା ଉଚିତ, ରାଜନୈତିକ କିମ୍ବା କୂଟନୈତିକ ବାଦବିବାଦ ନୁହେଁ।

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

## ଇଂଲଣ୍ଡରେ ପାକିସ୍ତାନ ଗ୍ରୁମିଂ ଗ୍ୟାଙ୍ଗ

ଅମର ପଟ୍ଟନାୟକ

ଇଂଲଣ୍ଡରେ ଦୀର୍ଘଦିନ ଧରି ଚାଲିଥିବା ଶିଶୁ ଯୌନ ଅପରାଧୀ ଗୋଷ୍ଠୀକୁ ନେଇ ସେଠାକାର ରାଜନୀତି ଓ ସାମାଜିକ ବ୍ୟବସ୍ଥା ଦୋହଲି ଯାଇଛି। ବିଶେଷକରି ପାକିସ୍ତାନୀ ଅପରାଧୀ ଗୋଷ୍ଠୀଙ୍କର ଏଭଳି ଜଘନ୍ୟ ଅପରାଧକୁ ନେଇ ବ୍ରିଟେନ ସମେତ ସମଗ୍ର ୟୁରୋପରେ ହଇଚଇ ଆରମ୍ଭ ହୋଇଯାଇଛି। ବ୍ରିଟେନରେ ଏସିଆ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାର ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ଉପସ୍ଥିତି ସେଠାକାର ସାମାଜିକ ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ପାଇଁ ବଡ଼ ଆହ୍ୱାନ ହୋଇଛି। ନିକଟରେ ବେସରକାରୀ ଭାବେ ଏଭଳି ପାକିସ୍ତାନୀ ଅପରାଧୀ ଗ୍ୟାଙ୍ଗମାନଙ୍କ କାର୍ଯ୍ୟକୁ ନେଇ କରାଯାଇଥିବା ତଦନ୍ତ ରିପୋର୍ଟ ବ୍ରିଟିଶ ସମାଜରେ ସୃଷ୍ଟି କରିଛି ନୂଆ ବିତର୍କ। ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମରଙ୍କ ଇସ୍ତଫା ପଛରେ ମଧ୍ୟ ଏହା ଅନ୍ୟତମ କାରଣ ବୋଲି କୁହାଯାଉଛି।

ପ୍ରବାସୀ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପୁଲିସ ଓ ପ୍ରଶାସନର ନିଷ୍କ୍ରିୟତା ବ୍ରିଟିଶ ନାଗରିକଙ୍କୁ ଅସନ୍ତୁଷ୍ଟ କରିଛି। ବିଶେଷକରି ପ୍ରବାସୀ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସେଠାକାର ଭୋଟ୍ ବ୍ୟାଙ୍କ ରାଜନୀତିକୁ ପ୍ରଭାବିତ କରିବା ଏବଂ ବର୍ଣ୍ଣବୈଷମ୍ୟ ଅପବାଦ ଆଣିବାର ଆଶଙ୍କା ଥିବାରୁ ପୂର୍ବତନ ସରକାରମାନେ ପଛଘୁଞ୍ଚା ଦେଇଥିବା ଅନେକ ବ୍ରିଟିଶ ଜାତୀୟତାବାଦୀ ସଂଗଠନ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଇଂଲଣ୍ଡ ସମେତ ୟୁରୋପର ଅନ୍ୟାନ୍ୟ ଦେଶ ଓ ଅଷ୍ଟ୍ରେଲିଆରେ ଏଭଳି ଗ୍ରୁମିଂ ଗ୍ୟାଙ୍ଗମାନଙ୍କ କାର୍ଯ୍ୟକଳାପ ଉପରେ ସେଠାକାର ପ୍ରଶାସନ ସତର୍କ ଦୃଷ୍ଟି ରଖିବା ଆରମ୍ଭ କରିଛି।

ପ୍ରକାଶିତ ରିପୋର୍ଟ ଅନୁଯାୟୀ ନାବାଳିକା ଏପରିକି ଶିଶୁ କନ୍ୟାମାନଙ୍କୁ ଯୋଜନାବଦ୍ଧ ଭାବେ ଏହି ପାକିସ୍ତାନୀ ଗ୍ୟାଙ୍ଗ ଟାର୍ଗେଟ କରୁଛନ୍ତି। ଇଂଲଣ୍ଡର ଉତ୍ତରାଞ୍ଚଳ ସହର, ବିଶେଷକରି ରୋଦରହାମ, ରୋଚଡେଲ, ଟେଲଫୋର୍ଡ ଓ ଲେଡେମ୍ ଭଳି ପାକିସ୍ତାନୀ ବହୁଳ ସହରାଞ୍ଚଳରେ ଏହି ଗ୍ୟାଙ୍ଗମାନଙ୍କର ଆପରାଧିକ କାର୍ଯ୍ୟକଳାପ ଅଧିକ ରହିଛି। ପୁଲିସ ଅନୁସନ୍ଧାନରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏଭଳି ଗ୍ୟାଙ୍ଗରେ ପ୍ରାୟ ୧୨୫୦ ଜଣ ଅପରାଧୀ ସାମିଲ୍ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟାକ୍ସି ଚାଳକ, ଛୋଟ ବ୍ୟବସାୟୀ, ଗ୍ୟାରେଜ ମେକାନିକ ଭଳି ପେସାରେ ରହିଛନ୍ତି। ଏଭଳି ଏକ ବଡ଼ ଗ୍ୟାଙ୍ଗର ମୁଖ୍ୟ ପାକିସ୍ତାନ ଜନ୍ମିତ ସବୀର ଅହମ୍ମଦ ଓ ତା'ର ସହଯୋଗୀଙ୍କ ଗିରଫଦାରୀ ପରେ ଅନେକ ଜଘନ୍ୟ କାରନାମା ଧୀରେ ଧୀରେ ପଦାକୁ ଆସୁଛି। ପ୍ରାୟ ୧୪ ଶହ ଶିଶୁ କନ୍ୟା ଓ ନାବାଳିକା କେବଳ ରୋଦରହାମରେ ଏହି ପାକିସ୍ତାନୀ ଯୌନ ଅପରାଧୀ ଗୋଷ୍ଠୀଙ୍କ ଜଘନ୍ୟ ଅପରୋଧର ଶିକାର ହୋଇଛନ୍ତି। କେତେକ ନାବାଳିକାଙ୍କ ଧର୍ମ ପରିବର୍ତ୍ତନ କରିବା ସହିତ ଯୌନ ଦାସୀ ଭାବେ ମଧ୍ୟପ୍ରାଚ୍ୟ ଓ ପାକିସ୍ତାନକୁ ଚାଲାଣ କରାଯାଇଥିବାର ଚାଞ୍ଚଲ୍ୟକର ଅଭିଯୋଗ ଆସିଛି।

ପ୍ରାଥମିକ ତଦନ୍ତରୁ ପୁଲିସ୍‌କୁ ମିଳିଥିବା ପ୍ରମାଣ ଅନୁଯାୟୀ, ଏହି ପାକିସ୍ତାନୀ ଗୋଷ୍ଠୀ ପ୍ରଥମେ ନାବାଳିକାମାନଙ୍କୁ ଯୋଜନାବଦ୍ଧ ଭାବେ ଚକଲେଟ୍, ବିଭିନ୍ନ ପ୍ରକାର ଉପହାର ସାମଗ୍ରୀ, ମଦ, ଡ୍ରଗ୍ସ ସହ ଅଭ୍ୟସ୍ତ କରାଇଥା'ନ୍ତି। ନିଷ୍ପାପ ଶିଶୁ କନ୍ୟା ଓ ନାବାଳିକାମାନେ ସେମାନଙ୍କ କବ୍‌ଜାକୁ ଆସିଯିବା ପରେ ସେମାନଙ୍କର ଅସଲ ଖେଳ ଆରମ୍ଭ ହୁଏ। ବିଭିନ୍ନ ଦୋକାନ ଘର, ଗୋଦାମ, ନିରୋଳା ସ୍ଥାନ ଏପରିକି କାର ଭିତରେ ଯୋଜନାବଦ୍ଧ ଭାବେ ନାବାଳିକାଙ୍କୁ ଗଣଯୌନ ଶୋଷଣ କରାଯାଏ। ଏକ ବେସରକାରୀ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ କେବଳ ଇଂଲଣ୍ଡରେ ୨ ଲକ୍ଷ ୫୦ ହଜାର ଶିଶୁ କନ୍ୟା ଓ ନାବାଳିକାଙ୍କୁ 'ଗ୍ରୁମିଂଗ୍ୟାଙ୍ଗ'ମାନେ ଅତି ଜଘନ୍ୟ ଯୌନ ଶୋଷଣ କରିଛନ୍ତି।

ପୁଲିସ ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିବିଶେଷ ଏହି ଯୌନରାକ୍ଷସମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହେବା ଘଟଣା ସାମ୍ନାକୁ ଆସିବା ପରେ ଏହା ବ୍ରିଟିଶ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ବିଭିନ୍ନ ଦେଶରେ ନିର୍ଯାତନାର ଶିକାର ହେଉଥିବା ରାଜନୈତିକ ନେତା, ଲେଖକ, ମୁକ୍ତଚିନ୍ତକମାନଙ୍କୁ ରାଜନୈତିକ ଶରଣ ଦେବାରେ ବ୍ରିଟିଶ ସମାଜ ଓ ସରକାର ସବୁବେଳେ ଆଗରେ। କିନ୍ତୁ ପାକିସ୍ତାନ, ମଧ୍ୟପ୍ରାଚ୍ୟ ଓ ଗୃହ ଯୁଦ୍ଧ କବଳିତ ଆଫ୍ରିକୀୟ ଦେଶ ସମୂହରୁ ହଜାର ହଜାର ଶରଣାର୍ଥୀ ବେଆଇନ ଭାବେ ଜଳପଥରେ ବ୍ରିଟିଶ ମାଟିରେ ପାଦ ଦେବା ଏବଂ ଆଇନ ସମ୍ମତ ଶରଣାର୍ଥୀର ମାନ୍ୟତା ପାଇବା ପାଇଁ ଆବେଦନ କରିବା ନୂଆ ସଂକଟ ସୃଷ୍ଟି କରିଛି। ବିଶେଷକରି ବ୍ରିଟିଶ ନାଗରିକ ଓ କରଦାତାଙ୍କ ଟିକସ ଅର୍ଥର ସିଂହଭାଗ ଏଭଳି ଶରଣାର୍ଥୀଙ୍କ କଲ୍ୟାଣ ଓ ଥଇଥାନ ପାଇଁ କାହିଁକି ଖର୍ଚ୍ଚ କରାଯିବ ତାହା ବ୍ରିଟିଶ ଜାତୀୟତାବାଦୀ ସଂଗଠନମାନେ ଏବେ ପ୍ରଶ୍ନ କଲେଣି। ସେମାନଙ୍କ ଅର୍ଥରେ ପ୍ରତିପାଳିତ ଏହି ପ୍ରବାସୀ ଅପରାଧୀ ଗୋଷ୍ଠୀଙ୍କ ଦ୍ୱାରା ବ୍ରିଟିଶ ଶିଶୁ କନ୍ୟା ଓ ନାବାଳିକାମାନେ ଯୌନ ଶୋଷଣ ଓ ନିର୍ଯାତିତ ହେବା ଘଟଣା ଯୁକ୍ତ ରାଜ୍ୟ ବ୍ରିଟେନ୍‌ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏପରିକି ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ନିକଟରେ ଆୟରଲାଣ୍ଡ ବେଲଫାଷ୍ଟରେ ଦଙ୍ଗାର ସୂତ୍ରପାତ କରିବା ଭଳି ଘଟଣା ସାମ୍ନାକୁ ଆଣିଛି।

ତେବେ ଗୋଟିଏ କଥା ନିଶ୍ଚିତ ଯେ ପାକିସ୍ତାନୀ କିମ୍ବା ଆଫ୍ରିକୀୟ ଅପରାଧୀ ଗୋଷ୍ଠୀଙ୍କ ଜଘନ୍ୟ କାଣ୍ଡକୁ ଦୃଢ଼ହସ୍ତରେ ଦମନ ନ କରି ପ୍ରବାସୀଙ୍କ ବିରୋଧରେ ଇଂଲଣ୍ଡରେ ହିଂସାକାଣ୍ଡ ଘଟିଲେ ନିରୀହ ପ୍ରବାସୀମାନେ ହଇରାଣ ହେବେ। ବିଶେଷକରି ଭାରତ ଭଳି ଦେଶରୁ ଡାକ୍ତର, ଇଂଜିନିୟର, ବ୍ୟବସାୟୀ ଓ ବିଭିନ୍ନ କ୍ଷେତ୍ରରେ ସର୍ବାଧିକ ବୃତ୍ତିଧାରୀ ବ୍ରିଟେନରେ ରହିବା ସହିତ ଜୀବିକା ନିର୍ବାହ କରୁଛନ୍ତି। ଇଂଲଣ୍ଡରେ ରହୁଥିବା ବିଭିନ୍ନ ଦେଶର ପ୍ରାୟ ୯୨ ଲକ୍ଷ ପ୍ରବାସୀଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ୮ ଲକ୍ଷ ୪୭ ହଜାରରୁ ଅଧିକ। ପ୍ରବାସୀ ତାଲିକାର ଶୀର୍ଷରେ ଅଛନ୍ତି ଭାରତୀୟମାନେ। ସେମାନେ ବ୍ରିଟିଶ ସଂସ୍କୃତି, ସାମାଜିକ ବ୍ୟବସ୍ଥା ଓ ଆଇନକୁ ସମ୍ମାନ ଦେଇ ଶୃଙ୍ଖଳିତ ଭାବରେ ଜୀବିକା ନିର୍ବାହ କରୁଥିବା ବେଳେ ସେଠାକାର ସମାଜରେ ଦିନକୁ ଦିନ ବଢୁଥିବା ପ୍ରବାସୀ ବିରୋଧୀ ଆଭିମୁଖ୍ୟ ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଭଣ୍ଡାରିଡିହା(କେନ୍ଦୁଝର), ମୋ:୭୯୭୮୫୨୮୧୪୫

## ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କୈବଲ୍ୟ ମୁକ୍ତି

ରୋହିତ କୁମାର ଶତପଥି

'ସର୍ବଂ ରହସ୍ୟ ପୁରୁଷୋତ୍ତମସ୍ୟ, ଦେବାଃ ନ ଜାନାତି କୁତଃ ମନୁଷ୍ୟା।' ଜଗତରନାଥ ଶ୍ରୀଜଗନ୍ନାଥ। ସେ ପରଂବ୍ରହ୍ମ, ପରମାତ୍ମା, ନିର୍ବିକାର। ସର୍ବଧର୍ମ ସମନ୍ୱୟର ପୀଠସ୍ଥଳୀ ହେଉଛି ଶ୍ରୀକ୍ଷେତ୍ର। ଜନମାନସରେ ଜଗନ୍ନାଥ ଧର୍ମ ବା ଜଗନ୍ନାଥ ସଂସ୍କୃତି ଯେପରି ଭାବରେ ପ୍ରତିଭାତ ହୋଇଛି ତାହା ଅନ୍ୟ କୌଣସି ଧର୍ମରେ ଦେଖିବାକୁ ମିଳେ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଶବରମାନେ ଦାରୁଦେବତା ଭାବେ ପୂଜା କରୁଥିବା ବେଳେ ବୈଷ୍ଣବମାନେ ଶ୍ରୀପତି ରୂପେ ପୂଜା କରନ୍ତି। ଶାକ୍ତମାନେ ଶକ୍ତି, ଶୈବମାନେ ଭୈରବ, ବୌଦ୍ଧମାନେ ବୁଦ୍ଧ ଏବଂ ଜୈନମାନେ ଋଷଭଦେବ ରୂପେ ପୂଜା କରିଥା'ନ୍ତି। ବିଭିନ୍ନ ଧର୍ମ, ଦର୍ଶନ, ସଂସ୍କୃତି ତଥା ପରମ୍ପରାକୁ ଆଧାର କରି ଶ୍ରୀଜଗନ୍ନାଥ ଧର୍ମ ତଥା ସଂସ୍କୃତି ଏକ ଚିରନ୍ତନ ସମନ୍ୱୟର ପ୍ରତୀକ ଭାବେ ଦଣ୍ଡାୟମାନ। ଶ୍ରୀଗୁଣ୍ଡିଚା ବା ରଥଯାତ୍ରା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ମହାନ ତଥା ସର୍ବଧର୍ମ ସମନ୍ୱୟର ଯାତ୍ରା। ଏହି ଯାତ୍ରା ହେଉଛି ସର୍ବପ୍ରାଚୀନ।

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଜଗନ୍ନାଥ ଦେବତା ହେଲେ ମଧ୍ୟ ମାନବୋଚିତ ଗୁଣାବଳୀ ମଧ୍ୟରେ ତାଙ୍କର ସେବା ପୂଜାର ସୃଷ୍ଟି। ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କର ଯାନିଯାତ୍ରା ଓ ପର୍ବପର୍ବାଣୀ କୃଷି ସହିତ ସମ୍ପୃକ୍ତ ହୋଇଥିବାରୁ ତାହାଙ୍କ ନିମନ୍ତେ ଉଦ୍ଦିଷ୍ଟ ନୀତି, ଭୋଗ ଓ ଦୈନନ୍ଦିନ ସେବାକାର୍ଯ୍ୟ ଆଦି ଶସ୍ୟର ରୋପଣ, ଉତ୍ପନ୍ନ, ଅମଳ ଓ ସଂରକ୍ଷଣ ସହିତ ସମ୍ପୃକ୍ତ। ଏଗୁଡ଼ିକ ହିଁ ମାନବ କର୍ମ ଓ ଧର୍ମର ପ୍ରତିଛବି। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବର୍ଷସାରା ପର୍ବପର୍ବାଣି ଲାଗି ରହିଥିଲେ ମଧ୍ୟ ତନ୍ମଧ୍ୟରୁ ବାରଗୋଟି ବିଶିଷ୍ଟ ଉତ୍ସବ ଭାବରେ ପାଳିତ ହୁଏ। ସେଗୁଡ଼ିକ 'ଦ୍ୱାଦଶଯାତ୍ରା' ନାମରେ ଅଭିହିତ।

ଓଡ଼ିଆ ଜାତିର ମହାନ ପ୍ରାଚୀନ ସଂସ୍କୃତିର ପ୍ରତୀକ ଏ ଯାତ୍ରା ରଥଯାତ୍ରା। ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ମହିମା ଓ ବୈଷ୍ଣବବାଦୀ ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ଜଗନ୍ନାଥ ଏ କଳିଯୁଗରେ ମୁକ୍ତିକାମୀ ପାପୀ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏ ରଥଯାତ୍ରାର ସୃଷ୍ଟି କରିଛନ୍ତି। ରଥାରୂଢ଼ ଦାରୁଦେବତା-ଜଗନ୍ନାଥ ଭକ୍ତି, ଜ୍ଞାନ ଓ କର୍ମର ମୂଳାଧାର ଭାବରେ ଶ୍ରଦ୍ଧାଳୁ ଭକ୍ତ ହୃଦୟରେ ସାକାର ନିରାକାର ଭାବନା ସୃଷ୍ଟି କରିଛି। ରଥରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ 'କ୍ଲୀଂ' ଶ୍ରୀବଳଭଦ୍ର 'ଶ୍ଳୀଂ' ଓ ଦେବୀ ସୁଭଦ୍ରା 'ହ୍ଲୀଂ' ରୂପରେ ସତ୍-ଚିତ୍-ଆନନ୍ଦ ତଥା ଶକ୍ତି, ମୁକ୍ତି ଓ ବିଭୂତିର ମହତ୍ତର ଚିନ୍ତାରେ ପ୍ରରିପ୍ରକାଶିତ। ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁଙ୍କ ଏଭଳି ମହୋତ୍ସବରେ କର୍ମରେ, ଧର୍ମରେ, ଜନ୍ମରେ ଓ ଜାତିରେ ସାମ୍ୟବୋଧର ମହାମନ୍ତ୍ରକୁ ପ୍ରଚାର କରୁଥିବା ଏ ରଥଯାତ୍ରା ମହାଜାଗତିକ ଭାବ ସୃଷ୍ଟି କରି ଚାଲିଛି। ରଥଚକ୍ରର ଘୋଷନାଦରେ ଜନମାନସରୁ ସକଳ ପ୍ରକାର ଅକଲ୍ୟାଣ ଓ ଦୁଷ୍କୃତ ଦୂରୀଭୂତ ହୋଇ ଜଗତର ହିତସାଧନ ହେଉଥିବାରୁ ଏ ଯାତ୍ରାର ଅନ୍ୟନାମ ଘୋଷଯାତ୍ରା।

ପୁରୀ ବଡ଼ଦାଣ୍ଡର ଅଗାଧ ଜନସମୁଦ୍ର ବିନ୍ଦୁଟିଏ ହୋଇ ମିଶିଗଲେ ମନରୁ ଗୋଷ୍ଠୀଗତ, ଧର୍ମଗତ, ଭାଷାଗତ, ଜାତିଗତ ଓ ସାମ୍ପ୍ରଦାୟିକ ସଂକୀର୍ଣ୍ଣତା ଦୂରେଇଯାଏ। ସେଇ ଗୋଟିଏ ମୁହୂର୍ତ୍ତ ପାଇଁ ପୃଥିବୀ, ଈଶ୍ୱର ଓ ମଣିଷ ଏକ ଓ ଅଭିନ୍ନ ହୋଇଯାଆନ୍ତି। ସେହି ଐକ୍ୟ, ସଂହତି ଓ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସ୍ୱଚକ୍ଷୁରେ ଦେଖିବା ପାଇଁ ଏ ମର୍ତ୍ତ୍ୟର ମାନବ କେତେ ବ୍ୟଗ୍ର। କାରଣ ଏ ମାନବ ଜାତିର ଆରାଧ୍ୟ ଦେବତା ଜଗନ୍ନାଥ ଶାନ୍ତି-ପ୍ରୀତି-ମୈତ୍ରୀର ପ୍ରତୀକ। ଗତିମୁକ୍ତି-ପ୍ରଗତିର ପ୍ରତିଭୂ। ଶ୍ୱେତ-କୃଷ୍ଣ-ଲୋହିତର ପରିପ୍ରକାଶ-ସର୍ବଧର୍ମର ସମନ୍ୱୟ- ଜଗତରନାଥ ଶ୍ରୀଜଗନ୍ନାଥ।

ରଥଯାତ୍ରା ହେଉଛି ପରଂବ୍ରହ୍ମଙ୍କ ପାବନୀ ଯାତ୍ରା। ଭାଗବତ ସଂହତି, ଧର୍ମଗତ ସହିଷ୍ଣୁତା ଓ ଜାତିଗତ ଐକ୍ୟ ପ୍ରତିଷ୍ଠା ହିଁ ଏହାର ପ୍ରଧାନ ଲକ୍ଷ୍ୟ। ରଥାରୂଢ଼ ଦାରୁଦେବତା ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଅପରାଜେୟ ଆତ୍ମା। ପ୍ରତି ଓଡ଼ିଆ ପ୍ରାଣରେ ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଓଡ଼ିଆ ଜାତିର ଅତି ଅନ୍ତରଙ୍ଗ ଆତ୍ମୀୟ ଶ୍ରୀଜଗନ୍ନାଥ। ଅତଏବ ଏ ରଥଯାତ୍ରା ଏକ ସାଂସ୍କୃତିକ ଜାତୀୟ ଜିଜ୍ଞାସା। ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ସ୍ଥିତି, ଶରୀର ଭିତରେ ଆତ୍ମ ବ୍ରହ୍ମଲୀଳା, ଦୃଷ୍ଟି ଭିତରେ ଦୃଶ୍ୟାତୀତ ଭାବସତ୍ତା, ଚଳମାନତା ଭିତରେ ଅବିଚଳିତ ଚେତନାର ପରିପ୍ରକାଶ ତଥା ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତୀକ ଏ ରଥଯାତ୍ରା। ରଥଯାତ୍ରା ହେଉଛି ଦିବ୍ୟଭାବର ପ୍ରୀତି ଓ ମଧୁରତମ ଲୀଳା। ତେଣୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ଚେତନା ରହସ୍ୟମୟ, ଚଳଣି ମାନବୋଚିତ ଏବଂ ତାଙ୍କ ଯାତ୍ରା ଓ ପର୍ବପର୍ବାଣି ପୁଣ୍ୟ ଓ ଆଦର୍ଶମୟ। ତେଣୁ ଏହି ସୃଷ୍ଟିତତ୍ତ୍ୱକୁ ନେଇ 'ରଥ ସଂସ୍କୃତି'ର ପରିକଳ୍ପନା। ରଥ ରୂପକ ପିଣ୍ଡରେ ଦଶଦିଗପାଳ, ପଚିଶ ପ୍ରକୃତି, ପଞ୍ଚଲୀଳା, ଷଡ଼ଋତୁ, ତ୍ରିଭାବ, ତ୍ରିଗୁଣ, ତ୍ରିଫଳ, ତ୍ରିଭୋଗ, ତ୍ରିରୂପ ଓ ତ୍ରିଲୀଳା ଆଦି ବ୍ରହ୍ମାଣ୍ଡସୂଚକ ସତ୍ୟ ବିରାଜମାନ। ସେଇଥିପାଇଁ ଉପନିଷଦରେ କୁହାଯାଇଛି - 'ଆତ୍ମାନଂ ରଥିନଂ ବିଦ୍ଧି, ଶରୀରଂ ରଥମେବତୁ' ଅର୍ଥାତ୍ ଦେହ ରୂପକ ନନ୍ଦିଘୋଷ ରଥରେ ଆତ୍ମାରୂପୀ ଜଗନ୍ନାଥ ବିଜେ କରିଛନ୍ତି। ତେଣୁ ରଥ ହିଁ ପିଣ୍ଡ ଓ ତହିଁରେ ବ୍ରହ୍ମାଣ୍ଡର ବ୍ରହ୍ମସତ୍ୟ-ଶ୍ରୀଜଗନ୍ନାଥ। ଶରୀରରୂପୀ ନନ୍ଦିଘୋଷ ରଥରେ ଆତ୍ମତତ୍ତ୍ୱର ନିଗୂଢ଼ ରହସ୍ୟ ପୂରି ରହିଛି।

କଳିଯୁଗରେ ନାମ ଭଜନରେ ମିଳେ କୈବଲ୍ୟମୁକ୍ତି। ନାମ ବିନୁ ଅନ୍ୟ ଗତି ନାହିଁ। ନାମ ଭଜନକରି ଶରୀର ନନ୍ଦିଘୋଷରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ମଣିଷ ମୁକ୍ତି ଓ ମୋକ୍ଷ ଲାଭ କରେ। ମନର ପବିତ୍ରତା, ଏକାଗ୍ରତା ଓ ଦିବ୍ୟତା ବଳରେ ଶ୍ରୀଜଗନ୍ନାଥଙ୍କ ନାମକୁ ଭକ୍ତିରେ ସ୍ମରଣ କରି ତିନିରଥର ତ୍ରିଗୁଣ ରଜ୍ଜୁକୁ ସୁମନରେ ଏକତ୍ର କରିଦେଲେ ସାକ୍ଷାତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ହିଁ ମିଳିଥାଏ। ତେଣୁ ନନ୍ଦିଘୋଷ ଯାତ୍ରା ହେଉଛି ଜୀବ ଓ ପରମର ମିଳନଯାତ୍ରା - ଭକ୍ତ ଭଗବାନଙ୍କର ଯୁଗଳ ଯାତ୍ରା।

ଜାମସେଦପୁର(ଝାଡ଼ଖଣ୍ଡ)

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୮,୦୦୦ ଭାରତୀୟଙ୍କୁ...

୩,୫୬୭ ଜଣ ଭାରତୀୟଙ୍କୁ ବାହାର କରିଥିବା ବେଳେ ଚଳିତ ୨୦୨୬ ଜୁନ୍ ସୁଦ୍ଧା ୧,୦୭୬ ଜଣଙ୍କୁ ଡେପୋର୍ଟ କରାସରିଲାଣି। ୨୦୨୫ ଫେବୃଆରୀ ୫ ତାରିଖରେ ପ୍ରଥମ ଥର ପାଇଁ ୧୦୪ ଜଣ ଭାରତୀୟଙ୍କୁ ହାତକଡ଼ି ଓ ଗୋଡ଼ରେ ବେଡ଼ି ପକାଇ ସାମରିକ ବିମାନ ଯୋଗେ ଅମୃତସର ପଠାଯାଇଥିଲା, ଯାହାକୁ ନେଇ ସେତେବେଳେ ଭାରତୀୟ ସଂସଦରେ ପ୍ରବଳ ହଙ୍ଗାମା ହୋଇଥିଲା।

### ଆଜିଠୁ ସଂସଦର...

ଲୋକସଭାରେ ଶାସକ ମେଣ୍ଟର ସଂଖ୍ୟାବଳ ବଢ଼ିଥିବାରୁ ଏହାର ପ୍ରଭାବ ମୌସୁମୀ ଅଧିବେଶନରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବା ଆକଳନ କରାଯାଉଛି। ଅନ୍ୟପକ୍ଷରେ ଏଥର ଅଧିବେଶନରେ ବିରୋଧୀ ଦଳ ନିଟ୍ ଅନିୟମିତତା, ଦେଶବ୍ୟାପୀ ଛାତ୍ର ଆମ୍ହତ୍ୟା ଓ ଆନ୍ଦୋଳନ, ବିଭିନ୍ନ ଆଞ୍ଚଳିକ ଦଳରେ ରାଜନୈତିକ ବିଭାଜନ, ରାମମନ୍ଦିର ଦାନ ଅର୍ଥ ଦୁର୍ନୀତି ସମେତ ଅନ୍ୟାନ୍ୟ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ଉଠାଇ ସରକାରଙ୍କୁ କଡ଼ା ଭାବେ ଘେରିବାକୁ ଯୋଜନା କରିଛନ୍ତି। ଏହି ସବୁ ପ୍ରସଙ୍ଗକୁ ନେଇ ସଂସଦର ଉଭୟ ସଦନରେ ହଙ୍ଗାମା ଓ ତୀବ୍ର ବାକ୍‌ଯୁଦ୍ଧ ହେବାର ସମ୍ଭାବନା ରହିଛି। ବିରୋଧୀଙ୍କ ସମସ୍ତ ଆକ୍ରମଣର ଜବାବ ଦେବା ସହିତ ସରକାର ନିଜର ବିଧାନଗତ କାର୍ଯ୍ୟସୂଚୀ ସଫଳତାର ସହ ଆଗକୁ ବଢ଼ାଇବାକୁ ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ସଂସଦରେ ଉଭୟ ବିରୋଧୀ ଓ ଶାସକ ମୁହାଁମୁହିଁ ହେବା ଆଶଙ୍କା କରାଯାଉଛି। ସରକାର ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ସେଥିରେ ଜାତୀୟ ଗୀତକୁ ଜାତୀୟ ସଙ୍ଗୀତ ସହ ସମାନ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କିତ ବିଲ୍ ପ୍ରମୁଖ ରହିଛି। ତେବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ବହିଷ୍କାର ସମ୍ପର୍କିତ ପ୍ରସ୍ତାବିତ ବିଲ୍‌କୁ ବିଭିନ୍ନ ମହଲରେ ଅସହମତି ଦେଖାଦେଇଥିବାରୁ ଚଳିତ ଅଧିବେଶନରେ ଏହାକୁ ଆଗତ କରାଯିବା ସମ୍ଭାବନା କମ୍ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ, ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ ଓ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରସ୍ତାବିତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ କେନ୍ଦ୍ର ସରକାର ଗମ୍ଭୀର ଭାବେ ବିଚାର କରୁଥିବା ଜଣାପଡ଼ିଛି। ଯଦିଓ ଏହି ବିଲ୍ ବର୍ତ୍ତମାନର ସଂସଦୀୟ କାର୍ଯ୍ୟସୂଚୀରେ ସ୍ଥାନ ପାଇନାହିଁ, ତଥାପି ଶେଷ ମୁହୂର୍ତ୍ତରେ ଏହାକୁ ସଦନରେ ଆଗତ କରାଯାଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଗତ ଅଧିବେଶନରେ ଆବଶ୍ୟକ ସଂଖ୍ୟାବଳର ଅଭାବ ଯୋଗୁଁ ଏହି ବିଲ୍ ଲୋକସଭାରେ ପାରିତ ହୋଇପାରିନଥିଲା। କିନ୍ତୁ ବର୍ତ୍ତମାନର ନୂଆ ରାଜନୈତିକ ସମୀକରଣ ସରକାରଙ୍କୁ ପୁଣିଥରେ ଏହି ବିଲ୍ ଆଣିବା ପାଇଁ ଉତ୍ସାହିତ କରିଛି। ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଲୋକସଭାରେ ଦୁଇ-ତୃତୀୟାଂଶ, ଅର୍ଥାତ୍ ପ୍ରାୟ ୩୬୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ପୂର୍ବରୁ ଏନଡିଏ ଏହି ସଂଖ୍ୟାଠାରୁ ବହୁତ ପଛରେ ଥିଲା। କିନ୍ତୁ ଟିଏମସିର ୨୦ ବିଦ୍ରୋହୀ ସାଂସଦ ଏବଂ ଉଦ୍ଧବ ଠାକରେ ଶିବସେନାର ୬ ଜଣ ସାଂସଦ ସିନ୍ଦେ ଗୋଷ୍ଠୀରେ ଯୋଗଦେଇ ଏନ୍‌ଡିଏକୁ ସମର୍ଥନ ପରେ ଶାସକ ଦଳର ସଂଖ୍ୟା ସଂସଦରେ ୩୧୮ ହୋଇଛି। ଏହାଛଡ଼ା ଶରଦ ପାୱାର ଗୋଷ୍ଠୀ ଏବଂ ଉଦ୍ଧବ ଠାକରେଙ୍କ ସମର୍ଥନ ମିଳିଲେ ଏହି ସଂଖ୍ୟା ୩୨୯ରେ ପହଞ୍ଚିପାରେ। ଅନ୍ୟପକ୍ଷରେ ପୂର୍ବରୁ ବିଲ୍‌କୁ ବିରୋଧ କରୁଥିବା ଡିଏମ୍‌କେ ଏବେ ବିଲ୍‌କୁ ସମର୍ଥନ ଦେଇପାରେ ବୋଲି ମନେ କରାଯାଉଛି। ବିଲ୍‌ରେ କିଛି ସଂଶୋଧନ କରାଗଲେ ଦଳ ଏହାକୁ ସମର୍ଥନ କରିବା ବିଷୟରେ ବିଚାର କରିପାରେ ବୋଲି ମଧ୍ୟ ପ୍ରକାଶ କରିଛି। ଡିଏମକେର ୨୨ ଜଣ ଲୋକସଭା ସାଂସଦ ଥିବାରୁ ସେମାନଙ୍କ ସମର୍ଥନ ମିଳିଲେ ଏନଡିଏର ସଂଖ୍ୟାବଳ ୩୫୮ରେ ପହଞ୍ଚିବ। ଏହି ସଂଖ୍ୟା ହାସଲ ହେବା ପରେ ହିଁ ସରକାର ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସଦନରେ ଆଗତ କରିବାର ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି ବୋଲି ସଂସଦୀୟ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ଡିଏମକେ ବିରୋଧୀ 'ଇଣ୍ଡିଆ' ମେଣ୍ଟରୁ ଅଲଗା ହୋଇଥିବାରୁ ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଏହାର ପ୍ରଭାବ ମୌସୁମୀ ଅଧିବେଶନରେ ସରକାରଙ୍କ ବିଧାନଗତ କାର୍ଯ୍ୟସୂଚୀ ଓ ବିରୋଧୀଙ୍କ ରଣନୀତି ଉପରେ କିପରି ପଡ଼ିବ, ତାହା ଉପରେ ସମଗ୍ର ଦେଶର ନଜର ରହିଛି।

### ବିରୋଧୀଙ୍କ ହଙ୍ଗାମା...

ଏବଂ ସେମାନଙ୍କର ସଦସ୍ୟତା ରଦ୍ଦ ଆବେଦନ ଏବେ ବି ବାଚସ୍ପତିଙ୍କ ନିକଟରେ ବିଚାରାଧୀନ ରହିଛି। ଅନ୍ୟପଟେ କଂଗ୍ରେସ ଏବଂ ଶିବସେନାର ପ୍ରତିନିଧିମାନେ ମଧ୍ୟ ଏହାକୁ ସମ୍ବିଧାନର ଅବମାନନା ଏବଂ ଗଣତନ୍ତ୍ରର ହତ୍ୟା ବୋଲି ଦର୍ଶାଇଛନ୍ତି। ଆମ ଆଦମୀ ପାର୍ଟି ପକ୍ଷରୁ ମଧ୍ୟ ଅନୁରୂପ ଅଭିଯୋଗ ଅଣାଯାଇଛି। ଆଜିର ବୈଠକରେ ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଉପସ୍ଥିତ ଥିଲେ। ବିରୋଧୀ ଦଳ ତରଫରୁ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ବାମପନ୍ଥୀ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଭଳି ଅନେକ ପ୍ରମୁଖ ଦଳର ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ଆସନ୍ତାକାଲିଠାରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନ ପୂର୍ବରୁ ସରକାରୀ ଓ ବିରୋଧୀ ଦଳ ମଧ୍ୟରେ ସହମତି ପ୍ରତିଷ୍ଠା ପାଇଁ ବୈଠକ ଡକାଯାଇଥିଲା। ମାତ୍ର ପ୍ରଥମ ଦିନରୁ ହିଁ ବିଦ୍ରୋହୀ ସାଂସଦଙ୍କ ଆସନ ବ୍ୟବସ୍ଥାକୁ ନେଇ ସୃଷ୍ଟି ହୋଇଥିବା ଏହି ତିକ୍ତତା ଆଗାମୀ ଦିନରେ ସଂସଦୀୟ କାର୍ଯ୍ୟଧାରାକୁ ପ୍ରଭାବିତ କରିବ।

### ଭରସା ଭାଙ୍ଗିଛି...

ପ୍ରତ୍ୟେକ ବିକଶିତ ରାଷ୍ଟ୍ର ଏକ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା, ଏକ ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ ପରୀକ୍ଷା ପ୍ରକ୍ରିୟା ଉପରେ ଆଧାରିତ। ନିଜର ଶିକ୍ଷା ବ୍ୟବସ୍ଥାର ଶକ୍ତି ଯୋଗୁଁ ଭାରତ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଏହା ପିଢ଼ି ପିଢ଼ି ଧରି ପ୍ରତିଭାବାନ ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର, ଶିକ୍ଷକ ଏବଂ ଉଦ୍ଭାବକମାନଙ୍କୁ ଗଢ଼ିଛି, ଯେଉଁମାନେ ଆଧୁନିକ ଭାରତ ଗଠନରେ ଏକ ଅମୂଲ୍ୟ ଅବଦାନ ରଖିଛନ୍ତି; କିନ୍ତୁ ଆଜି ଏହି ବ୍ୟବସ୍ଥା ଉପରେ ବିଶ୍ୱାସ ଭାଙ୍ଗିଯାଇଛି। ଏହା କେବଳ ଗୋଟିଏ ପରୀକ୍ଷାର ବିଫଳତା ନୁହେଁ; ଏହା ସମଗ୍ର ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଆଘାତ ଦେଇଛି। ଏହା ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏହି ବାର୍ତ୍ତା ଦେଉଛି ଯେ କଠିନ ପରିଶ୍ରମର ଆଉ କୌଣସି ମୂଲ୍ୟ ନାହିଁ; ଅନ୍ୟପକ୍ଷରେ ଦାରିଦ୍ର୍ୟରୁ ମୁକ୍ତି ପାଇବାର ସେମାନଙ୍କର ଏକମାତ୍ର ସୋପାନକୁ ମଧ୍ୟ ଛଡ଼ାଇ ନେଉଛି। ଯେଉଁ ଦେଶ ନିଜର ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ତଥା ନିରପେକ୍ଷତା ସହ ସାଲିସ କରେ, ସେ ନିଜର ଭବିଷ୍ୟତ ସହ ମଧ୍ୟ ସାଲିସ କରିଥାଏ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସାରା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିବା ଏହି ଗମ୍ଭୀର ସମସ୍ୟାକୁ ସଂସଦରେ ସର୍ବୋଚ୍ଚ ପ୍ରାଥମିକତା ସହ ଉପସ୍ଥାପନ କରାଯିବା ଉଚିତ୍। ଆମ ଗଣତନ୍ତ୍ରର ମନ୍ଦିରରେ ଏହା ଉପରେ ଏକ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ। ଯାହା ଦ୍ୱାରା ପ୍ରଶ୍ନପତ୍ର ଲିକ୍, ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ଏବଂ ବ୍ୟାବସ୍ଥାଗତ ବିଫଳତାର ଯେପରି ପୁନରାବୃତ୍ତି ନ ହୁଏ, ତାହା ନିଶ୍ଚିତ କରିବା ପାଇଁ ବଳିଷ୍ଠ ସଂସ୍କାର ଅଣାଯାଇପାରିବ। ଏହି ବିଶ୍ୱାସଭଙ୍ଗ ପାଇଁ ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବା ଜରୁରୀ ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜନୀତିକୁ ପଛରେ ପକାଇ, ମୁଁ ସରକାରଙ୍କୁ ଅନୁରୋଧ କରୁଛି ଯେ ଗତ କିଛିଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ଏକ ଅର୍ଥପୂର୍ଣ୍ଣ ଆଲୋଚନା ଆରମ୍ଭ କରନ୍ତୁ। ସେମାନଙ୍କୁ ନିଜର ମତାମତ ପ୍ରକାଶ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରାଯିବା ଉଚିତ। ଏକ ସଜୀବ ଗଣତନ୍ତ୍ର ନିରବତା ନୁହେଁ, ବରଂ ସଂଳାପ ମାଧ୍ୟମରେ ଆଗକୁ ବଢ଼େ । ଯେତେବେଳେ ଏହି ସଂଳାପ ଦେଶର ଯୁବପିଢ଼ିଙ୍କ ସହ ଜଡ଼ିତ ଥାଏ, ସେତେବେଳେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଏ। ଭାରତର ଶିଶୁ ଓ ଯୁବପିଢ଼ି ଆଜି ଆମଠାରୁ ନେତୃତ୍ୱର ଆଶା ରଖିଛନ୍ତି। ଆମେ ସେମାନଙ୍କୁ ନିରାଶ କରିପାରିବା ନାହିଁ।

ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଯୁବପିଢ଼ିଙ୍କ ସହ ସରଳ, ଆନ୍ତରିକ ଏବଂ ଖୋଲା ମନରେ ଆଲୋଚନା କଲେ ହିଁ ଆମ ଗଣତନ୍ତ୍ର, ଶିକ୍ଷା ବ୍ୟବସ୍ଥା ଏବଂ ସେମାନଙ୍କ ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ନେଇଥିବା ନେତୃତ୍ୱ ପ୍ରତି ସେମାନଙ୍କର ବିଶ୍ୱାସକୁ ପୁନଃସ୍ଥାପିତ କରିବ। ବିଜୁ ଜନତା ଦଳ ଦେଶର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ସହ ସର୍ବଦା ଦୃଢ଼ତାର ସହ ଛିଡ଼ା ହୋଇ ରହିଛି ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ନବୀନଙ୍କ ନେତୃତ୍ୱକୁ...

ସିନ୍ଧୁଙ୍କୁ ଅଭିନନ୍ଦନ। ସେ ପ୍ରଥମ ଭାରତୀୟ ଭାବରେ ଏହି ଟାଇଟଲ୍ ବିଜୟୀ ହୋଇଛନ୍ତି। ଫାଇନାଲରେ ତାଙ୍କର ନିଖୁଣ ପ୍ରଦର୍ଶନ ତାଙ୍କୁ ଘରୋଇ ତାରକା ଏବଂ ତିନିଥର ବିଶ୍ୱ ଚାମ୍ପିଅନ ୟାମାଗୁଚିଙ୍କୁ ସିଧାସଳଖ ଗେମରେ ପରାସ୍ତ କରିବାରେ ସାହାଯ୍ୟ କରିଥିଲା। ସେ ତାଙ୍କର ଚମତ୍କାର ପ୍ରଦର୍ଶନ ଜାରି ରଖନ୍ତୁ ଏବଂ ଦେଶ ପାଇଁ ଅଧିକ ଗୌରବ ଆଣନ୍ତୁ। ଶୁଭକାମନା' ବୋଲି ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

ନବୀନଙ୍କ ଅଭିନନ୍ଦନକୁ ସ୍ୱୀକାର କରି ସିନ୍ଧୁ ତୁରନ୍ତ ଧନ୍ୟବାଦ ଜଣାଇବା ସହ ତାଙ୍କର ଏହି ସ୍ମରଣୀୟ ବିଜୟକୁ ମହାପ୍ରଭୁ ଜଗନ୍ନାଥଙ୍କୁ ଉତ୍ସର୍ଗ କରିଛନ୍ତି। ଏଥିସହ ଏକ ହୃଦୟସ୍ପର୍ଶୀ ବାର୍ତ୍ତାରେ, ସିନ୍ଧୁ ରାଜ୍ୟ ସହିତ ତାଙ୍କର ଗଭୀର ବ୍ୟକ୍ତିଗତ ସମ୍ପର୍କ ଓ ନବୀନଙ୍କ ଶାସନକୁ ବେଶ୍ ପ୍ରଶଂସା କରିଛନ୍ତି। ସିନ୍ଧୁ କହିଛନ୍ତି, "ମୋର ଶ୍ୱଶୁର, ଯିଏ ଜଣେ ବରିଷ୍ଠ ବ୍ୟୁରୋକ୍ରାଟ ଭାବରେ କାର୍ଯ୍ୟ କରିଥିଲେ, ସର୍ବଦା ଆପଣଙ୍କୁ, ଆପଣଙ୍କ ନେତୃତ୍ୱକୁ ଏବଂ ଓଡ଼ିଶାର ଶାସନ ବିଷୟରେ ବହୁତ ଉଚ୍ଚ ପ୍ରଶଂସା କରିଛନ୍ତି। ଧନ୍ୟ ମନେ କରୁଛି ଯେ ଏହି ବିଜୟ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ସମୟରେ ଆସିଛି। ମୁଁ ଆଶା କରୁଛି ଯେ ଶୀଘ୍ର ପୁରୀ ଫେରିବି ଏବଂ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲୋଡ଼ିବି। ପୁଣିଥରେ ଧନ୍ୟବାଦ, ମହାଶୟ। ଆପଣଙ୍କ ଶୁଭେଚ୍ଛା ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ।"

### ସର୍ବଦଳୀୟ ବୈଠକରେ...

ଦୁଇ ବର୍ଷର ବିଫଳତାକୁ ବିଜେଡି ଏଥର ମୌସୁମୀ ଅଧିବେଶନର ପ୍ରମୁଖ ପ୍ରସଙ୍ଗ କରିବ। ନୂତନ ଶିକ୍ଷା ନୀତି ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ପାଠ୍ୟପୁସ୍ତକରେ ଅନେକ ତ୍ରୁଟି ରହିଛି। ଏହି ତ୍ରୁଟି ଯୋଗୁଁ ୪୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଏହା ପରି ଏକ ଗୁରୁତର ପ୍ରସଙ୍ଗକୁ ରାଜ୍ୟ ସରକାର ଅତ୍ୟନ୍ତ ହାଲୁକା ଭାବରେ ନେଉଥିବାରୁ ରାଜ୍ୟସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ଦାବି କରିଛି। ପୁନଶ୍ଚ ଓଡ଼ିଶାରୁ ଦେଶର ସର୍ବାଧିକ ପରିମାଣର କୋଇଲା ଉତ୍ତୋଳନ ହେଉଥିବା ସତ୍ତ୍ୱେ ରାଜ୍ୟ ଯଥୋଚିତ କୋଇଲା ରୟାଲଟିରୁ ବଞ୍ଚିତ ହେଉଛି। ଏହା ସହ କୃଷକଙ୍କ ସମସ୍ୟା, କୃଷି ସଙ୍କଟ ଓ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସଂସଦରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିଜେଡି ଦାବି କରିଛି।

ସେ ପୁଣି କହିଛନ୍ତି ଯେ ବୈଠକରେ ଅନେକ ସାଂସଦ ହାତପାଣ୍ଠିକୁ ୫ କୋଟିରୁ ଅଧିକ ବୃଦ୍ଧି କରିବାକୁ ଦାବି କରିଛନ୍ତି। ମାତ୍ର ବର୍ତ୍ତମାନର ମିଳୁଥିବା ହାତପାଣ୍ଠିର ଉପଯୋଗ ଠିକରେ ହୋଇପାରୁ ନାହିଁ। ଓଡ଼ିଶାରେ ବିଜେପି ସରକାର ବିରୋଧୀ ଦଳର ସାଂସଦମାନଙ୍କ ହାତପାଣ୍ଠି ବ୍ୟୟ କରିବାରେ ଯୋଜନାବଦ୍ଧ ଭାବେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେ ନିଜେ ଏହାର ଭୁକ୍ତଭୋଗୀ। ଚିଲିକା ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ସାଂସଦ ହାତପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ତାହାର ସଠିକ୍ ବ୍ୟୟ ହେଉନାହିଁ। କେତେକ ସ୍ଥାନରେ ସାଂସଦ ହାତପାଣ୍ଠିରେ କାମ ହେଉଥିଲେ ମଧ୍ୟ ଉଦ୍‌ଘାଟନ ଫଳକରେ ସ୍ଥାନୀୟ ମନ୍ତ୍ରୀଙ୍କ ନାମ ଉଲ୍ଲେଖ କରାଯାଉଛି। ଏହି ପ୍ରସଙ୍ଗରେ ସେ ପୂର୍ବରୁ ସଂସଦର ସ୍ୱାଧିକାର କମିଟି ନିକଟରେ ଅଭିଯୋଗ କରିଥିଲେ। ଆଲୋଚନା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ରାଜ୍ୟ ସରକାରଙ୍କ ଇଙ୍ଗିତରେ ଅଧିକାରୀମାନେ ବିଜେଡି ସାଂସଦମାନଙ୍କ ହାତପାଣ୍ଠି ବ୍ୟୟ କରିବାକୁ ଦେଉନାହାନ୍ତି ଏବଂ ଗତ ଦୁଇ ବର୍ଷ ଧରି ଏହି ପାଣ୍ଠିକୁ ଅଟକାଇ ରଖିଛନ୍ତି। ଏହି ପ୍ରସଙ୍ଗରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସେ ସର୍ବଦଳୀୟ ବୈଠକରେ ଦାବି କରିଛନ୍ତି । ପୁନଶ୍ଚ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବାରୁ ବିଜେଡି ସଂସଦରେ ସେଗୁଡ଼ିକୁ ଦୃଢ଼ତାର ସହ ଉପସ୍ଥାପନ କରିବ। ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ସଂସଦୀୟ ପରମ୍ପରାକୁ ସମ୍ମାନ ଦେଇ ବିଜେଡି ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ପ୍ରତ୍ୟେକ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ କରିବ ବୋଲି ସେ କହିଛନ୍ତି ।

# ପୁଣି ଖଟିଆରେ ଭରାନାଳ ପାରିହେଲେ ରୋଗୀ

## ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି



କୋଇଡା,୧୯।୭(ସମିସ): ପୁଣି ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ଜୀବନକୁ ବାଜି ଲଗାଇ ଭରାନାଳ ପାର ହେଲେ ଗ୍ରାମବାସୀ ଓ ପରିବାର ଲୋକେ। ଏଭଳି ଘଟଣା ଦେଖିବାକୁ ମିଳିଛି କୋଇଡା ବ୍ଲକ୍ କେ. ବଲାଙ୍ଗ ଥାନା ଗାଡ଼ାଟୋଲା ନିକଟସ୍ଥ ସମିଜ ନାଳରେ।

ପ୍ରକାଶ ଯେ, ଗାଡାଟୋଲା ଅଞ୍ଚଳର ତେଲାନ ସାମଦ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ଆମ୍ବୁଲାନ୍ସକୁ ଡକାହେଲା ହେଲେ ଆମ୍ବୁଲାନ୍ସ ରହିଲା ନାଳ ଆରପାରିରେ। ବର୍ଷା ଯୋଗ ନାଳ ଉଛୁଳି ଥିବାବେଳେ ସ୍ରୋତ ମଧ୍ୟ ପ୍ରଖର ଥିଲା। ମାତ୍ର ବାଧ ହୋଇ ଗ୍ରାମବାସୀ ଭରାନାଳକୁ ବିପଦପୂର୍ଣ୍ଣ ଭାବେ ପାର କରାଇ ରୋଗୀଙ୍କୁ କେ.ବଲାଙ୍ଗ ପିଏଚ୍‌ସିକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରିଥିଲେ।

ପ୍ରକାଶ ଯେ, ପ୍ରତ୍ୟେକ ବର୍ଷ ଜୋର୍ ବର୍ଷା ହେଲେ ଉପର ମୁଣ୍ଡରୁ ବୋହି ଆସିଥିବା ସମିଜ ନାଳ ଫୁଲିଉଠେ। ଫଳରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହୁଅନ୍ତି କେବଲାଙ୍ଗ ପଞ୍ଚାୟତର ଗାଡାଟୋଲା ଓ ବାକରଟୋଲା ଗ୍ରାମବାସୀ। ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ, ବଜାର ହେଉ କିମ୍ବା ପ୍ରତ୍ୟେକ ଦିନ ରେଲୱେ ସାଇଡିଂକୁ ଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି ଅଞ୍ଚଳବାସୀ। ବାରମ୍ବାର ପୋଲ ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଶୁଣୁନାହିଁ। ଫଳରେ ଅଞ୍ଚଳବାସୀ ପ୍ରତ୍ୟକ ବର୍ଷ ଏମିତି ଜୀବନକୁ ବାଜି ଲଗାଇ ଭରା ନାଳ ପାର ହେଉଛନ୍ତି।

# କଳିଙ୍ଗ ଜିମ୍ନାସିୟମ୍‌ରେ ରାଜ୍ୟ ଯୋଗାସନ କ୍ରୀଡ଼ା ଚାମ୍ପିଅନ୍‌ସିପ




କଟକ, ୧୮।୭(ସମିସ): କଳିଙ୍ଗ ଜିମ୍ନାସିୟମ୍‌ରେ ଓଡ଼ିଶା ଯୋଗାସନ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହୋଇଛି ୩୨ତମ ଓଡ଼ିଶା ରାଜ୍ୟ ଯୋଗାସନ କ୍ରୀଡ଼ା ଚାମ୍ପିଅନସିପ। ଦୁଇ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୫ ଜିଲ୍ଲାର ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଆସନ ବା ମୁଦ୍ରାରେ ପ୍ରତିଦ୍ୱନ୍ଦ୍ୱିତା ହେବା ପରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। କଟକ କଳିଙ୍ଗ ଜିମ୍ନାସିୟମ ପରିସରରେ ଚାରି ଦଶନ୍ଧୀ ଧରି ଅତି ସଫଳତାର ସହ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାକୁ ଅଶି ଦଶକର ଶେଷ ଆଡକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଜଣାଶୁଣା ଯୋଗଗୁରୁ ସୀତାରାମ ଶର୍ମା ଆରମ୍ଭ କରିଥିଲେ। ସେବେଠାରୁ କୁନି କୁନି ପିଲା, କିଶୋର କିଶୋରୀ, ଯୁବକଯୁବତୀ ଓ ବୟସ୍କଙ୍କ ପାଇଁ ଏହା ଦେଶ ସୁନ୍ଦର ପ୍ଲାଟଫର୍ମ ସାଜିଛି। ଏହି ଉତ୍ସବରେ ଓଡିଶା ଯୋଗାସନ ଆସୋସିଏସନ ସଭାପତି ଭକ୍ତବଲ୍ଲଭ ଦାସ କହିଛନ୍ତି, ଦୁଇ ଦିନ ଧରି ଏହି ପ୍ରତିଯୋଗିତାରେ ପିଲାଙ୍କୁ ବିଭିନ୍ନ ଆସନ ଉପରେ ଶ୍ରେଷ୍ଠ କୌଶଳ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଉଛି। ଯେଉଁ ଖେଳାଳି ସର୍ବାଧିକ ପଏଣ୍ଟ ହାସଲ କରିବେ ସେମାନଙ୍କୁ ଟ୍ରଫି ସହ ଟାଇଟଲ ପ୍ରଦାନ କରାଯିବ। ଏଥିସହିତ ଯୋଗାସନର ବିଭିନ୍ନ ସୁଫଳ ଉପରେ ଏହି ସଚେତନତା ସୃଷ୍ଟି କରାଯାଉଛି। ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାସ, ମାନସ ସାର୍, ଡାକ୍ତର ସି ଭି କେ ମହାନ୍ତି, ଡାକ୍ତର ଅନଙ୍ଗ ଦ୍ୱିବେଦୀ ପ୍ରମୁଖ ଅତିଥି ଯୋଗ ଦେଇଥିଲେ।

# ଅଭିଷେକଙ୍କ କାର୍ଯ୍ୟାଳୟ ଉଚ୍ଛେଦ ଉପରେ ହାଇକୋର୍ଟଙ୍କ ରୋକ

ନୂଆଦିଲ୍ଲୀ,୧୯।୭(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କ ଦକ୍ଷିଣ ୨୪ ପ୍ରଗଣାର ଆମତଲାସ୍ଥିତ କାର୍ଯ୍ୟାଳୟ ଉଚ୍ଛେଦ ପ୍ରକ୍ରିୟା ଉପରେ ରବିବାର କଲିକତା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ସମସ୍ତ ପ୍ରକାର ଭଙ୍ଗାରୁଜା କାର୍ଯ୍ୟ ବନ୍ଦ ରଖିବାକୁ କୋର୍ଟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ହାଇକୋର୍ଟ ଏହି ହସ୍ତକ୍ଷେପ କରିଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସଂସଦୀୟ କାର୍ଯ୍ୟାଳୟଟି ବେଆଇନ ଭାବେ ଏବଂ ବିନା ନକ୍ସା ଅନୁମୋଦନରେ ନିର୍ମାଣ ହୋଇଥିବା ଦର୍ଶାଇ ଭାଙ୍ଗିବା ଆରମ୍ଭ କରାଯାଇଥିଲା। ଏହାକୁ ନେଇ ଅଭିଷେକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ। ସମସ୍ତ ଆଇନଗତ ଅନୁମତି ନେଇ ଦଳ ପକ୍ଷରୁ ଜମି କିଣାଯାଇ ଏହି କାର୍ଯ୍ୟାଳୟ ତିଆରି ହୋଇଥିବା ସେ ଦାବି କରିବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବର୍ତ୍ତମାନ ସେଠାରେ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି।

## ଇରାନରେ ଆଭ୍ୟନ୍ତରୀଣ କନ୍ଦଳ

# ଆମେରିକା ସହ ଚୁକ୍ତିକୁ ନେଇ ନେତୃତ୍ୱ ବିରୋଧରେ ଗର୍ଜିଲେ କଠୋରପନ୍ଥୀ

ତେହେରାନ୍,୧୯।୭(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ସର୍ବସାଧାରଣଙ୍କ ସମ୍ମୁଖକୁ ନ ଆସିବା ଏବଂ ଆମେରିକା ସହିତ ଏକ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଦେଶର ରାଜନୈତିକ ବ୍ୟବସ୍ଥାରେ ଏକ ବଡ଼ ଧରଣର କ୍ଷମତା ଯୁଦ୍ଧ ଆରମ୍ଭ ହୋଇଯାଇଛି। ଇରାନର କଟ୍ଟରପନ୍ଥୀ ଗୋଷ୍ଠୀଗୁଡ଼ିକ ବର୍ତ୍ତମାନର ସରକାରୀ ନେତୃତ୍ୱ ବିରୋଧରେ ଏକ "ନରମ ସାମରିକ ବିପ୍ଳବ' ବା କ୍ଷମତା ଅପହରଣର ଅଭିଯୋଗ ଆଣିଛନ୍ତି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଅଲ୍ଲୀ ଖାମେନେଇଙ୍କ ଶେଷକୃତ୍ୟ ସମୟରେ ଏହି ତିକ୍ତତା ସର୍ବସାଧାରଣରେ ପ୍ରକାଶ ପାଇଥିଲା। ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଶୋଭାଯାତ୍ରାରେ ଚାଲୁଥିବା ବେଳେ କେତେକ ପ୍ରତିବାଦକାରୀ ତାଙ୍କ ବିରୋଧରେ "ଆପୋଷ ବୁଝାମଣାକାରୀଙ୍କ ମୃତ୍ୟୁ ହେଉ' ବୋଲି ସ୍ଲୋଗାନ ଦେଇଥିଲେ। ସେହିପରି ଆମେରିକା ସହ ଚୁକ୍ତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ଉପରକୁ ଉତ୍ତ୍ୟକ୍ତ ଲୋକେ ପଥର ମାଡ଼ କରିବାରୁ ସେ ସେଠାରୁ ଚାଲିଯିବାକୁ ବାଧ ହୋଇଥିଲେ। ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ସୁରକ୍ଷା କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ଦୀର୍ଘ ଦିନ ହେବ ସାମ୍ନାକୁ ଆସୁନାହାନ୍ତି। ତାଙ୍କ ଅନୁପସ୍ଥିତିରେ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ, ରାଷ୍ଟ୍ରପତି ଏବଂ ବୈଦେଶିକ ମନ୍ତ୍ରୀ ଶାସନ କାର୍ଯ୍ୟ ପରିଚାଳନା କରୁଛନ୍ତି। କଠୋରପନ୍ଥୀଙ୍କ ଅଭିଯୋଗ ଅନୁଯାୟୀ, ଏହି ନେତାମାନେ ସଂସଦ ଏବଂ ସର୍ବୋଚ୍ଚ ନେତାଙ୍କ ନିର୍ଦ୍ଦେଶକୁ ଅବମାନନା କରି ଆମେରିକା ଆଗରେ ଆତ୍ମସମର୍ପଣ କରିଛନ୍ତି ଏବଂ ନିଜର କ୍ଷମତା ଜାହିର କରୁଛନ୍ତି। ଇସ୍ରାଏଲ ଆକ୍ରମଣରେ ପୂର୍ବତନ ନେତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପରିବର୍ତ୍ତେ ଏଭଳି ଶାନ୍ତି ଚୁକ୍ତିକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ଚୁକ୍ତି ସତ୍ତ୍ୱେ ହର୍ମୁଜ ପ୍ରଣାଳୀରେ ଇରାନର ସାମରିକ ବାହିନୀ ପକ୍ଷରୁ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରାଯିବା ଏବଂ ଏହାର ଜବାବରେ ଆମେରିକା ପକ୍ଷରୁ ଓଲଟା ଆକ୍ରମଣ ଯୋଗୁଁ ପରିସ୍ଥିତି ଅଧିକ ଜଟିଳ ହୋଇଛି। କେତେକ କଟ୍ଟରପନ୍ଥୀ ସାଂସଦ ଏବଂ ନେତା ସରକାରଙ୍କୁ ଖୋଲାଖୋଲି ଧମକ ଦେବା ସହ ଆମେରିକୀୟ ସୈନ୍ୟମାନଙ୍କୁ ବନ୍ଦୀ କରିବାକୁ ଆହ୍ୱାନ ଦେଇଛନ୍ତି। ଚୁକ୍ତିର ବିରୋଧ କରୁଥିବା କେତେକ ପ୍ରମୁଖ ସଦସ୍ୟଙ୍କୁ ଜାତୀୟ ସୁରକ୍ଷା କମିଟିରୁ ବାଦ୍ ଦିଆଯିବା ପରେ ସଂସଦ ମଧ୍ୟରେ ମଧ୍ୟ ବିବାଦ ତୀବ୍ର ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଏହି ଆଭ୍ୟନ୍ତରୀଣ ବିଭାଜନ ଉପରେ ମନ୍ତବ୍ୟ ଦେଇଛନ୍ତି। ବିଶ୍ଳେଷକଙ୍କ ମତରେ, ଆର୍ଥିକ କଟକଣାରୁ ମୁକ୍ତି ପାଇଁ ଦେଶର ଶୀର୍ଷ ନେତୃତ୍ୱ ଚୁକ୍ତି ଚାହୁଁଥିବା ବେଳେ, କ୍ରାନ୍ତିକାରୀ ଆଦର୍ଶ ରକ୍ଷା ନାମରେ କଟ୍ଟରପନ୍ଥୀ ସେନା ଏବଂ ଧାର୍ମିକ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଏହି ଆଭ୍ୟନ୍ତରୀଣ ସଂଘର୍ଷ ଆଗାମୀ ଦିନରେ ଇରାନର ସ୍ଥିରତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ବେଶ୍ ପ୍ରଭାବିତ କରିବ।

■ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ

# ଜୋର୍ଡାନରେ ୨ ଆମେରିକୀୟ ସୈନ୍ୟ ନିହତ, ଜଣେ ନିଖୋଜ

ୱାସିଂଟନ/ଅମ୍ମାନ,୧୯।୭(ଏଜେନ୍ସି): ଜୋର୍ଡାନରେ ମୁତୟନ ଥିବା ଆମେରିକୀୟ ସେନା ଉପରେ ଇରାନ ପକ୍ଷରୁ କରାଯାଇଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୨ ଜଣ ଆମେରିକୀୟ ସୈନ୍ୟ ନିହତ ହୋଇଥିବାବେଳେ ଜଣେ ସୈନ୍ୟ ନିଖୋଜ ଅଛନ୍ତି। ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ଶନିବାର ଏହି ସୂଚନା ଦେଇଛି। ପେଣ୍ଟାଗନ୍‌ର ବିବୃତ୍ତି ଅନୁସାରେ, ଜୁଲାଇ ୧୭ରେ ସେଣ୍ଟକମ୍ ଓ ତାହାର ସହଯୋଗୀ ବାହିନୀ ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହା ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ନିହତ ଆମେରିକୀୟ ସେନା ସଦସ୍ୟଙ୍କ ସଂଖ୍ୟା ୧୬ରେ ପହଞ୍ଚିଥିବାବେଳେ ୪୩୦ରୁ ଅଧିକ ଆହତ ହୋଇଛନ୍ତି। ଆକ୍ରମଣ ପରେ ୪ ଜଣ ଆମେରିକୀୟ ସୈନ୍ୟଙ୍କୁ ଜୋର୍ଡାନର ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସେମାନେ ସୁସ୍ଥ ହୋଇ ହସ୍ପିଟାଲରୁ ଛାଡ଼ ପାଇଥିବାବେଳେ ସାମାନ୍ୟ ଆହତ ହୋଇଥିବା ଅନ୍ୟ ସୈନ୍ୟମାନେ ପୁଣି କର୍ତ୍ତବ୍ୟରେ ଯୋଗ ଦେଇଛନ୍ତି। ସେଣ୍ଟକମ୍ କହିଛି, ନିହତ ସୈନ୍ୟମାନଙ୍କ ପରିବାରକୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯିବା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ପ୍ରକାଶ କରାଯିବ ନାହିଁ। ଏହାରି ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇ ଆମେରିକାକୁ କଡ଼ା ଚେତାବନୀ ଦେଇ କହିଛନ୍ତି, ଯଦି ଆମେରିକା ଆକ୍ରମଣ ଜାରି ରଖେ, ତେବେ ତାହାକୁ "ଅଭୁଲା ଶିକ୍ଷା" ମିଳିବ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କରାଯାଇଥିବା ପୋଷ୍ଟରେ ଆମେରିକା ଉପରେ ଯୁଦ୍ଧକୁ ଉସୁକାଇବାର ଅଭିଯୋଗ ଆଣିବା ସହ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାକ୍ଷର ଥିବା କୌଣସି ଚୁକ୍ତିକୁ "ମୂଲ୍ୟହୀନ ଓ ଅବୈଧ' ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ୟପକ୍ଷରେ, ଆମେରିକୀୟ ସେନା ଲଗାତାର ସପ୍ତମ ରାତି ପାଇଁ ଇରାନର ନଜରଦାରି କେନ୍ଦ୍ର, ସାମରିକ ରସଦ ବ୍ୟବସ୍ଥା, ଭୂତଳ ତଳେ ଥିବା ଅସ୍ତ୍ର ଭଣ୍ଡାର ଓ ସାମୁଦ୍ରିକ କ୍ଷମତାକୁ ଲକ୍ଷ୍ୟ କରି ଆକ୍ରମଣ କରିଥିବା ଦାବି କରିଛି।


**AFFIDAVIT**

By virtue of an affidavit sworn before the Executive Magistrate, Surada, Ganjam, dtd. 06.07.2026, I, Mamajini Swain, Vill- Balighai, P.O. Amrutulu, P.S. Surada, Dist. Ganjam hereby declare that my name has been wrongly recorded as Mamajin Swain in my Aadhaar Card instead of my correct name Mamajini Swain. Henceforth I shall be known as **Mamajini Swain** for all purposes.

**Mamajini Swain**

**ପୌର ପରିଷଦ ପରିଷଦ କାର୍ଯ୍ୟାଳୟ, ଉମରକୋଟ**

**ବିଜ୍ଞାପନ**

୧. ରାସ୍ତା ଉପରେ ବାଲି, ମାଟି ବା ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା କରି ରାସ୍ତା ଅବରୋଧ ଓ ନାଳର କ୍ଷତି କରନ୍ତୁ ନାହିଁ ।
୨. ପ୍ଲାଷ୍ଟିକ, ପଲିଥିନ ବ୍ୟାଗ ବଦଳରେ ଝୋଟ ଓ କପଡା ବ୍ୟାଗ ବ୍ୟବହାର କରି ପରିବେଶକୁ ସୁରକ୍ଷା କରନ୍ତୁ ।
୩. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ ।
୪. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ।
୫ ରାସ୍ତା ଉପରେ ଗୃହ ପାଳିତ ପଶୁ ଗୁଡିକୁ ଅନଧିକାର ଭାବେ ଛାଡନ୍ତୁନାହିଁ ।
୬. ବୃକ୍ଷ ରୋପଣ କରି ପରିବେଶକୁ ରକ୍ଷା କରନ୍ତୁ ଓ ପରବର୍ତ୍ତୀ ପିଢି ପାଇଁ ଉପହାର ଦିଅନ୍ତୁ ।
୭. ଜଳ ନଷ୍ଟ କରନ୍ତୁ ନାହିଁ, ବର୍ଷା ଜଳକୁ ସଂରକ୍ଷଣ କରି ବ୍ୟବହାର କରନ୍ତୁ ।
୮. ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ ଏବଂ ପୂର୍ବରୁ ଥିବା ଲାଇସେନ୍ସକୁ ନବୀକରଣ କରାଇ ନିଅନ୍ତୁ ।

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ପୌରପରିଷଦ, ଉମରକୋଟ**

25001/755/2627
e-mail ID: rw_rayagada@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**
GEPNIC e-Procurement Notice
Bid Identification No: EERWRGD – Online – 07/2026-27
Letter No.: 2423, Date: 10-7-2026

1. **Name of the Work:** Maintenance of Road works
2. **Total No. of Works:** 7 Nos. (Percentage rate tender)
3. **Estimated Cost:** Varies from 55.08 lakhs to 80.51 lakhs
4. **Class of Contractor:** "B" Class
5. **Time of Completion:** Specified in DTCN.
6. **Mode of submission of tender:** Tender should be submitted only in online https://www.tendersodisha.gov.in
7. **Other details:** Detailed tender condition specified in DTCN. The opening of the financial Bid will be intimated later.

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online – 07/2026-27 | 07 (Seven) Nos | 22.07.2026 at 11.00 A.M. | 03.08.2026 Upto 5.00 P.M. | 01.08.2026 upto 5.00 P.M. | 04.08.2026 at 11.00 A.M. |

Further details can be seen from the website: www.tendersodisha.gov.in

OIPR-25001/25072/1/26-27/0008

Executive Engineer
Rural Works Division, Rayagada

## କେମିକାଲ କମ୍ପାନୀରେ ଦୁର୍ଘଟଣା

# ଚେନ୍ନାଇରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ



**ରାଜଘାଟ,୧୯।୭(ସମିସ)**

ପେଟ ପୋଷିବା ପାଇଁ ଘର ଛାଡ଼ି ଚେନ୍ନାଇ ଯାଇଥିବା ଗିଲାଯୋଡ଼ି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଚେନ୍ନାଇର ଏକ ଘରୋଇ କେମିକାଲ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ କେମିକାଲ ଡବା ଫାଟି ସେ ଗୁରୁତର ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ରଘୁନାଥପୁର ପଞ୍ଚାୟତ ଗିଲାଯୋଡ଼ି ଗ୍ରାମର ବରୁଣ କୁମାର ଧଳ(୪୭)। ସେ ଗତ ୫ବର୍ଷ ହେବ ଚେନ୍ନାଇର ଏକ ଘରୋଇ କେମିକାଲ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଶନିବାର ସକାଳ ସମୟରେ କମ୍ପାନୀରେ କାମ କରୁଥିବା ବେଳେ ହଠାତ୍ ଏକ କେମିକାଲ ଡବା ଫାଟି ଯାଇଥିଲା। ସେଥିରୁ ବାହାରିଥିବା ଗରମ ତରଳ କେମିକାଲ ତାଙ୍କ ଶରୀରରେ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ସହକର୍ମୀମାନେ ତୁରନ୍ତ ତାଙ୍କୁ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଗତକାଲି ସନ୍ଧ୍ୟାରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବରୁଣଙ୍କ ଘରେ ବୃଦ୍ଧ ମାତା, ସ୍ତ୍ରୀ ଓ ୯ବର୍ଷର ପୁଅଟିଏ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ସେ। ବୃଦ୍ଧ ମା କହିଛନ୍ତି, ଘରେ ଅଭାବ ଥିଲା, ସେଥିପାଇଁ ସେ ଚେନ୍ନାଇ ଯାଇଥିଲା। କମ୍ପାନୀ ପକ୍ଷରୁ କୌଣସି ସୁରକ୍ଷା ସାମଗ୍ରୀ ଦିଆଯାଉ ନଥିଲା। ଏବେ ଏହି ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ଶବ ଫେରାଇ ଆଣିବା ଦରକାର ବୋଲି ପରିବାର ଲୋକେ କହିଛନ୍ତି।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

**ବାଲେଶ୍ୱର,୧୯।୭(ସମିସ):** ସିପିଆଇ (ଏମ୍ ) ରେମୁଣା ଆଞ୍ଚଳିକ କମିଟି ତରଫରୁ ସିପିଆଇ (ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ରଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ରେମୁଣା ତହସିଲଦାରଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଦାବି ପତ୍ର ଦେଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟ ପୁସ୍ତକରେ ପ୍ରାୟ ୧୬୭୮ଟି ତ୍ରୁଟି ଏବଂ ୫୫ଟି ପାଠ୍ୟ ପୁସ୍ତକରେ ଅନାବଶ୍ୟକ ବିଷୟ ପ୍ରକାଶ ପାଇଥିବା ଘଟଣାର ତୀବ୍ର ନିନ୍ଦା, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଶିକ୍ଷା ସଚିବଙ୍କ ବଦଳି, ଦାୟୀ ଅଧିକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ସଂଶୋଧନ ପାଇଁ ସ୍ମାରକପତ୍ର। ସିପିଆଇ(ଏମ୍) ରେମୁଣା ଆଞ୍ଚଳିକ କମିଟି ପକ୍ଷରୁ ଆମେ ଗଭୀର ଉଦ୍‌ବେଗ, କ୍ଷୋଭ ଓ ତୀବ୍ର ନିନ୍ଦା ସହ ଜଣାଉଛୁ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅ, ଜାତୀୟ ପରୀକ୍ଷା ଏଜେନସିକୁ ବିଲୋପ କର ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦କୁ ବାତିଲ କରିବା ଦାବିରେ ଦିଲ୍ଲୀ ଯନ୍ତର ମନ୍ତର ରେ ଅନଶନ କରୁଥିବା ସୋନମ ୱାଙ୍ଗଚୁଙ୍ଗଙ୍କ ସ୍ୱାସ୍ଥ୍ୟ ଅବନତି ହେଉଥିବା ନେଇ ଗଭୀର ଚିନ୍ତାର ବିଷୟ କୁ ରାଷ୍ଟ୍ରପତି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ରେମୁଣା, ପ୍ରଶନ ଷଡଙ୍ଗୀ, ମୁଖୁରା ପୂର୍ବତନ ସରପଞ୍ଚ ଷ୍ଟାଲିନ ମିଶ୍ର, ମଣ୍ଟୁ ନାୟକ, ସେକ ଆଲ୍ଲାବୁଦ୍ଦିନ, ସିକନ୍ଦର ଖାଁ, ସୁଦର୍ଶନ ଆଚାର୍ଯ୍ୟ, କରିସ୍ମା ଗିରି, ଜୟକୃଷ୍ଣ କମିଳା ପ୍ରମୁଖ ଉପସ୍ଥିତ ଥିଲେ।




## ଦୀନକୃଷ୍ଣ ମହାବିଦ୍ୟାଳୟରେ ହେଉନି ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି

# ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ

**ଜଳେଶ୍ୱର,୧୯।୭(ସମିସ) :** ଦୀର୍ଘ ୬ମାସ ହେବ ଦୀନକୃଷ୍ଣ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ ହୋଇପାରିନାହିଁ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହିତ ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି। କଲେଜ ହତା ମଧ୍ୟରେ ଆଣ୍ଠୁଏ ଉଚ୍ଚର ଘାସ ଜମିଥିବା ବେଳେ ଛାତ୍ର ହୋଇପାରୁନଥିବା ବେଳେ ହତା ମଧ୍ୟରେ ସଫେଇ ନ ହୋଇ ଜଂଗଲ ପରି ପରିବେଶ ସୃଷ୍ଟି ହୋଇଛି। ତତଥକାଳୀନ ଅଧ୍ୟକ୍ଷ ସୁକାନ୍ତ ଦାସଙ୍କ ପ୍ରଚେଷ୍ଟାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସହିତ ନୂଆବଜାର ଠାରେ ଆରମ୍ଭ ହୋଇଥିବା କଲେଜର ୨ୟ କ୍ୟାମ୍ପସର ନିର୍ମାଣକାର୍ଯ୍ୟ ଏବେ ବନ୍ଦ ହୋଇ



ଅଶାନ୍ତି ବୃଦ୍ଧିପାଇବାରେ ଲାଗିଛି। ଉତ୍ତର ବାଲେଶ୍ୱରର ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟରେ ପ୍ରାୟ ୧୬ଶହ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏବେ ୨୮ଟି ଅଧ୍ୟାପକ ପଦ ଖାଲି ପଡିଥିବା ବେଳେ ଶ୍ରେଣୀଗୃହର ଅଭାବ ମଧ୍ୟ ରହିଛି। ତତକାଳୀନ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଗତ ଏପ୍ରିଲ ମାସରେ ଅବସର ଗ୍ରହଣ ପରେ ଦୁଇଜଣ ଅଧ୍ୟାପକ ଭାରପ୍ରାପ୍ତ ଅଧ୍ୟକ୍ଷ ପଦରେ ରହିଛନ୍ତି। ହିମାଂଶୁ ସାମଲଙ୍କୁ ପ୍ରଶାସନୀକ ଦାୟିତ୍ୱ ଦିଆଯାଇଥିବା ବେଳେ ସୁଶାନ୍ତ ସାହୁଙ୍କୁ ଡିଡିଓ ଦାୟିତ୍ୱ ଦିଆଯାଇଛି। ଦୁଇଜଣ ଭାରପ୍ରାପ୍ତ ଅଧ୍ୟକ୍ଷ ପଦବୀରେ ରହିଥିବାରୁ କଲେଜରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ଅଧ୍ୟାପକ ନିଯୁକ୍ତି ଯାଇଛି। ନିକଟରେ ଉଚ୍ଚ ଶିକ୍ଷାବିଭାଗ ପକ୍ଷରୁ ବାଲେଶ୍ୱର ଜିଲାରେ ୪ଟି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦିଆଯାଇଥିବା ବେଳେ ଦୀନକୃଷ୍ଣ ମହାବିଦ୍ୟାଳୟକୁ ଉପେକ୍ଷା କରାଯାଇଛି। ତେବେ ୧ମାସ ଅଧ୍ୟକ୍ଷ ପଦବୀ ଖାଲି ପଡିଥିବା କଲେଜ ମାନଙ୍କରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ ହୋଇଥିବା ବେଳେ କାହା ଇଙ୍ଗିତରେ ନିଯୁକ୍ତି ବନ୍ଦ ହୋଇଛି ବୋଲି ଅଭିଭାବକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଅତିଶୀଘ୍ର ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରିବାକୁ ବହୁ ଶିକ୍ଷାବିତ୍ ଉଚ୍ଚ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏପରି ଅଚଳାବସ୍ଥା ଲାଗି ରହିଲେ ମହାବିଦ୍ୟାଳୟର ସୁନାମ ଓ ଗରିମା ଆସ୍ତେ ଆସ୍ତେ ନଷ୍ଟ ହୋଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଇମାମି ଗୁଣ୍ଡିଚା ମନ୍ଦିରରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ବାଲେଶ୍ୱର,୧୯।୭(ସମିସ):** ରେମୁଣା ବ୍ଲକ୍ ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମି ନଗରର ପବିତ୍ର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଉତ୍ସବ ଅବସରରେ ଦିନସାରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ନରେ ଶାସ୍ତ୍ରୋକ୍ତ ବିଧିରେ ଭକ୍ତିମୟ ପରିବେଶ ମଧ୍ୟରେ ତୁଳସୀ ଅଭିଷେକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଶ୍ୟାମ କୀର୍ତ୍ତନର ମଧୁର ସ୍ୱର ଭକ୍ତମାନଙ୍କୁ ଭକ୍ତିରସରେ ମଗ୍ନ କରି, ସମଗ୍ର ପରିବେଶକୁ ଆଧ୍ୟାତ୍ମିକ ଆନନ୍ଦରେ ମଣ୍ଡିତ କରିଥିଲା। ପରେ ବୃନ୍ଦାବନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ରାସଲୀଳା ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ ଉପସ୍ଥାପନା ଦର୍ଶକଙ୍କ ଭାବବିହ୍ୱଳ କରିଥିଲା।

# ବମ୍ବେ ଆଇଆଇଟିରେ ପଢ଼ିବାର ସୁଯୋଗ ପାଇଲେ ଆଦିବାସୀ ପୁଅ କୁଆଁରିଆ ବାସ୍କେ



**କାଳିପଦା,୧୯।୭(ସମିସ):** ବାଲେଶ୍ୱର ସଦର ବ୍ଲକ୍ କଷାଫଳ ଗ୍ରାମପଞ୍ଚାୟତର ବାଘୁଆ ଗ୍ରାମର ଶ୍ୟାମସୁନ୍ଦର ବାସ୍କେ ଓ ସୁକାନ୍ତୀ ବାସ୍କେଙ୍କ ପୁତ୍ର କୁଆଁରିଆ ବାସ୍କେ ଚଳିତ ବର୍ଷ ବମ୍ବେ ଆଇଆଇଟିରେ ପଢ଼ିବାର ସୁଯୋଗ ପାଇଛନ୍ତି। ଅର୍ଥ ଅଭାବରୁ ଲଗାତାର ୨୦୨୪ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ତିନିଥର ଜେଇଇ ପରୀକ୍ଷାରେ ଭଲ ମାର୍କ ରଖି ଆଇଆଇଟି ପଢ଼ିବା ପାଇଁ ମନୋନୀତ ହୋଇଥିଲେ ମଧ୍ୟ ପାଠ ପଢ଼ିବାରେ ଅର୍ଥ ବାଧକ ସାଜିଥିଲା। ମାତ୍ର ଚଳିତ ବର୍ଷ କୁଆଁରିଆ ବାସ୍କେ ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅର୍ଥ ଅଭାବରୁ ପାଠ ପଢ଼ିବାରୁ ବଞ୍ଚିତ ହେଉଥିବା ଖବର ପାଇ ଚନ୍ଦନ କୁମାର ପାତ୍ର ତାଙ୍କୁ ଆକର୍ଷିକା ଫାଉଣ୍ଡେସନ ପକ୍ଷରୁ ଉଚ୍ଚଶିକ୍ଷା ନିମିତ୍ତ ସହାୟତା ରାଶି ଆକାରରେ ୫୦ ହଜାର ଟଙ୍କା ସହିତ ଆଇଆଇଟି ବମ୍ବେ ଠାରେ ରହି ପାଠପଢ଼ିବାର ସମସ୍ତ ଖର୍ଚ୍ଚର ବ୍ୟବସ୍ଥା କରି ଶନିବାର ତାଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ପୂର୍ବକ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏଥିସହ ବମ୍ବେ ଆଇଆଇଟିରେ ପାଠ ପଢ଼ାଇବାକୁ ପଠାଇଛନ୍ତି। ଏଥିପାଇଁ ଶ୍ରୀ ବାସ୍କେଙ୍କ ପରିବାର ଓ ଗ୍ରାମବାସୀ ଆକର୍ଷିକା ଫାଉଣ୍ଡେସନହ ଚନ୍ଦନ କୁମାର ପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଭାଷା ବିକାଶ ପକ୍ଷରୁ 'ରଥରୁ ବାହୁଡ଼ା କାର୍ଯ୍ୟକ୍ରମ



**ବାଲେଶ୍ୱର,୧୯।୭(ସମିସ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ନବଦିବସୀୟ "ରଥରୁ ବାହୁଡ଼ା କାର୍ଯ୍ୟକ୍ରମ"ର ଦ୍ୱିତୀୟ ଦିନରେ ବାଲେଶ୍ୱର ଭୋଗରାଇସ୍ଥିତ ପାଟପୁର ଗ୍ରାମର ଅନାଲୋଚିତ ପ୍ରାଚୀନ କବି ଜାନକୀବଲ୍ଲଭ କରଙ୍କ ସାରସ୍ୱତ ସୃଷ୍ଟି ସଂପର୍କରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ଉକ୍ତ ସଭାରେ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ସାହିତ୍ୟିକା ସୁଶ୍ରୀ ଅରୁଣା ରାୟ ବକ୍ତା ଭାବେ ଯୋଗ ଦେଇ କହିଲେ ଯେ, ଜାନକୀବଲ୍ଲଭ ଜଗନ୍ନାଥ ଦାସଙ୍କ ଭାଗବତ ଓ ବଳରାମ ଦାସଙ୍କ ଗୀତାକୁ ଦ୍ୱିତୀୟଥର ପାଇଁ ଅନୁବାଦ କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ତାଙ୍କ ରଚିତ ବିଭିନ୍ନ ପୋଥି ଏବେ ବି ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଅଛି। ମାତ୍ର ବିଡ଼ମ୍ବନାର ବିଷୟ ଯେ ତାଙ୍କ ସୃଷ୍ଟି ଉପରେ କୌଣସି ଗବେଷକ ଗବେଷଣା କରିବାକୁ ଏଯାବତ୍ ମନ ବଳାଇ ନାହାନ୍ତି। ଅନ୍ୟତମ ବକ୍ତା ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିଲେ। ସଂଗଠନ ସମ୍ପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲାର ବିଷ୍ଣୁପୁର ଗ୍ରାମର ଅନାଲୋଚିତ କବି ତଥା ଫକୀରମୋହନଙ୍କ ସମସାମୟିକ ଗୋପାଳ ପଣ୍ଡାଙ୍କ ସଂପର୍କରେ ଏକ ଆଲୋଚନା ସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବକ୍ତା ଭାବରେ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ପଣ୍ଡା, କଳିଙ୍ଗର ନାତି ରୂପାଳ ପଣ୍ଡା ଓ ଗାଳ୍ପିକ ମହେଶ୍ୱର ମହାରଣା କରିଙ୍କ ସୃଷ୍ଟି ସମଗ୍ର ସମ୍ପର୍କରେ ଆଲୋଚନା କରିଥିଲେ। କବି ଏକାଧାରରେ ପାଲାଗାୟନ, ଗୀତିନାଟ୍ୟ ରଚନା ଓ ବିଭିନ୍ନ ଦେବଦେବୀ ଓ କୈବଦବୀ ସଂସ୍କୃତି ସମ୍ପର୍କରେ ଅନେକ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। କୋଷାଧ୍ୟକ୍ଷ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ସଭା ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ରଚନା ଓ ନିର୍ଦ୍ଦେଶନାରେ ଅର୍ଚ୍ଚନା କର, ବାସନ୍ତୀ ଦେ, ସଙ୍ଗୀତା ବାରିକ, ଶାନ୍ତି ବିଶି, ସଙ୍ଗୀତା ରଥ ଓ ସୁବ୍ରତା ମହାନ୍ତି ଶ୍ରୀଜଗନ୍ନାଥ ଭଜନ ଗାନ କରିଥିଲେ। ଯୁଗ୍ମ ସମ୍ପାଦକ କୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଶାନ୍ତଲତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହରିଶ୍ଚନ୍ଦ୍ର ବେହେରା, ଡ. ସାରଙ୍ଗଧର ତ୍ରିପାଠୀ, ଦୀପକ ଦାସ, କ୍ଷୀତିଶ୍ୱର ଦାଶ, କରୁଣାକର ସ, ତପନ କୁମାର ପଣ୍ଡା, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଦେବାଶିଷ ଜେନା, ଲମ୍ବୋଦର ନାୟକ, ଉର୍ମିଳା ନାୟକ, ସୁଷମା ମହାପାତ୍ର, ରମାକାନ୍ତ ମହାନ୍ତି ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# 'ଅପରାହ୍ନ' ପକ୍ଷରୁ କର୍କଟ ରୋଗ ସଚେତନତା



**କାଳିପଦା,୧୯।୭(ସମିସ):** ଦୈନିକ ସମ୍ବାଦପତ୍ର "ଅପରାହ୍ନ' ପକ୍ଷରୁ କର୍କଟ ରୋଗ ସଚେତନତା, କବିତା କର୍ମଶାଳା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ଅପରାହ୍ନର ଜିଲ୍ଲା ସଂଯୋଜକ ଡଃ ସୁକାନ୍ତ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍କଟ ଭଳି ମାରାତ୍ମକ ବ୍ୟାଧି ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଏବଂ ସାହିତ୍ୟ ମାଧ୍ୟମରେ ଏହି ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ସାରସ୍ୱତ ସମାରୋହରେ ବହୁ ଶିକ୍ଷାବିତ୍, ଆଇନଜୀବୀ, ସମାଜସେବୀ, ସାମ୍ବାଦିକ, କବି କବୟିତ୍ରୀ ଓ ଅଗ୍ରଣୀ ସାହିତ୍ୟିକମାନେ ଯୋଗ ଦେଇଥିଲେ। କର୍କଟ ରୋଗର ବିଶେଷଜ୍ଞ ଡାକ୍ତର ସଂଗ୍ରାମ କେଶରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଥମିକ ସ୍ତରରେ କର୍କଟ ରୋଗର ଚିହ୍ନଟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସଠିକ୍ ଜୀବନଶୈଳୀ ଆପଣାଇଲେ ଏହି ରୋଗରୁ ରକ୍ଷା ମିଳିପାରିବବୋଲି କହିଥିଲେ। ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କର୍କଟ ରୋଗର ସଚେତନତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡ଼ା, ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିବାବେଳେ ଅପରାହ୍ନର ଏଡିଟର ବଂଶୀଧର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ପ୍ରବାସୀ ଓଡ଼ିଆ ଅପରାହ୍ନ ସଂଯୋଜକ ଡ.ଗଗନ ଚନ୍ଦ୍ର ଦେ, ଜଳେଶ୍ୱର ସଂଯୋଜକ ସାମ୍ବାଦିକ ରବୀନ୍ଦ୍ର ସେନାପତି, ବିଶିଷ୍ଟ ଶିକ୍ଷାବିତ ଡଃ ଅଜିତ କୁମାର ମହାନ୍ତି, କବି ବାଞ୍ଛାନିଧି ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଡ.ଶ୍ରୀ କୁମାର କବିତା କର୍ମଶାଳାକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରରେ ଜଳେଶ୍ୱର ଓ ବାଲେଶ୍ୱର ଅଞ୍ଚଳର ବହୁ ଲବ୍ଧପ୍ରତିଷ୍ଠ କବି ଓ କବୟିତ୍ରୀ ଯୋଗଦେଇଥିଲେ। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କେତେକ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟର ସଫଳତା

**ବାଲେଶ୍ୱର,୧୯।୭(ସମିସ):** ନିକଟରେ ପ୍ରକାଶିତ ୟୁଜି ନିଟ ପରୀକ୍ଷାରେ ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୀବନଜ୍ୟୋତି ରଥ ମୋଟ ନମ୍ବର ୭୨୦ରୁ ୬୬୬ ଓ ଜସ୍ମିନ ସାହୁ ମୋଟ ନମ୍ବର ୭୨୦ରୁ୬୨୨ ନମ୍ବର ରଖି ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଅଞ୍ଚଳ ପାଇଁ ଗୌରବର ବିଷୟ। ଜୀବନଜ୍ୟୋତି ରଥ କୁପାରୀ ହାଇସ୍କୁଲର ମେଧାବୀ ଛାତ୍ର ଓ ସେ କାଉନସିଲ ପରୀକ୍ଷାରେ ମଧ୍ୟ ୬୦୦ରୁ୫୬୦ ନମ୍ବର ରଖି ଜିଲ୍ଲାର ଟପର ହୋଇପାରିଥିଲେ। ସେହିପରି ଜସ୍ମିନ ସାହୁ ବୈଶିଙ୍ଗା ସରସ୍ୱତୀ ବିଦ୍ୟାଳୟର ମେଧାବୀ ଛାତ୍ରୀ ଥିଲେ।ସେମାନଙ୍କର ସଫଳତା ପାଇଁ ଚେୟାରମ୍ୟାନ ତଥା ସ୍ୱନାମଧନ୍ୟ ରସାୟନ ବିଜ୍ଞାନ ଅଧ୍ୟାପକ କବୀର କୁମାର ମତୁଆଳ ଅଧ୍ୟକ୍ଷ ସୁମନ୍ତ କୁମାର ସାହୁ ତଥା ସମସ୍ତ ଟ୍ରଷ୍ଟି ମେମ୍ବର ଶ୍ରୀମାନ ରଥ ଓ ସୁଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସଫଳତା କାମନା କରିଛନ୍ତି।



# ସାର୍ବଜନୀନ ଜଗନ୍ନାଥ ସମାରୋହ

**କାଳିପଦା,୧୯।୭(ସମିସ):** ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଇଁଷାମୁଣ୍ଡା ବାବା ଶଙ୍କର ନାଥ କ୍ଲବ୍ ପକ୍ଷରୁ ଶନିବାର ସନ୍ଧ୍ୟାରେ ୧୮ ତମ ସାର୍ବଜନୀନ ଜଗନ୍ନାଥ ସମାରୋହ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସେନା ଅଧିକାରୀ ଶରତ କୁମାର ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲିଆପାଳ ଇତିହାସ ଲେଖକ ଡଃ ସୁକାନ୍ତ କୁମାର ଗିରି, ସରପଞ୍ଚ ଦେବ କୁମାର ଦେ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରୀ ମଣ୍ଡଳ, ପ୍ରଶାନ୍ତ କୁମାର ସାହୁ, ଅନନ୍ତ କୁମାର ସାହୁ, ଜଳଧର ପଢ଼ିଆରୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଉତ୍ସବର ମହତ୍ୱ ସମ୍ପର୍କରେ କହିଥିଲେ। ଅତିଥିମାନେ ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଭା ଅନେ୍ୱଷଣ କାର୍ଯ୍ୟକ୍ରମକୁ ମଧ୍ୟ ଉଦଘାଟନ କରିଥିଲେ।ଭବ ଶଙ୍କର ସାହୁ, ଲିପି ମାଣିକ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ରଞ୍ଜନ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ଲବର ବିଭାଶିଷ ଦେ, ସଞ୍ଜୟ କୁମାର ସାହୁ, ଜୟକୃଷ୍ଣ ସାହୁ, ଲମ୍ବୋଦର ମାଣିକ, ଅରୁଣ କୁମାର ସାହୁ, ସାନୁ ଦେ, ଲିଟୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରମିକ ଶ୍ରେଣୀର ଅଧିକାର ପାଇଁ ମିଳିତ ସଂଘର୍ଷ ଲୋଡ଼ା

**ବାଲେଶ୍ୱର,୧୯।୭(ସମିସ)**




ଏଆଇଟିୟୁସିର ଅଷ୍ଟମ ରାଜ୍ୟ ସମ୍ମିଳନୀ ଓଡ଼ିଶା ଉଠା ଜଳସେଚନ କର୍ମଚାରୀ ସଂଘ ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏଆଇଟିୟୁସିର ଅନ୍ୟତମ ରାଜ୍ୟ ସମ୍ପାଦକ ମାୟାଧର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଆଟିୟୁସିର ଅନ୍ୟତମ ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଶ୍ରମିକ ଶ୍ରେଣୀର ଅଧିକାର ହାସଲ ପାଇଁ ମିଳିତ ସଂଘର୍ଷର ଲୋଡ଼ା ବୋଲି କହିଥିଲେ। ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ଗତ ୬ବର୍ଷର ସଂଘର୍ଷମୟ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଏମ୍‌ଇଏସ୍‌ର ବରିଷ୍ଠ ନେତା ରତ୍ନାକର ବେହେରା, ଅଖିଳ ଭାରତ ଡାକ କର୍ମଚାରୀ ସଂଘ ନେତା ନିରଞ୍ଜନ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀ ରେ ଓଡ଼ିଶା ଉଠା ଜଳସେଚନ କର୍ମଚାରୀ ସଂଘର ସହ ସମ୍ପାଦକ ଶରତ ଚନ୍ଦ୍ର ଦଳାଇ, ଚାନ୍ଦିପୁର ଡିଫେନସ କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନର କାର୍ଯ୍ୟକାରୀ ସଭାପତି ଅରୁଣ ମଣ୍ଡଳ, ବାଲେଶ୍ୱର ରିକ୍ସା ଚାଳକ ସଂଘର କାର୍ଯ୍ୟକାରୀ ସଭାପତି ଶାନ୍ତନୁ ଦାସ, ବିଦ୍ୟୁତ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ନେତ୍ରୀ ଆରତୀ ଦାଶମହାପାତ୍ର, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ନନ୍ଦିତା ପାଇକରାୟ, ଅଖିଳ ଭାରତ ଜିଡିଏସ୍ କର୍ମଚାରୀ ସଂଘର ନାରାୟଣ ପ୍ରସାଦ ଦାସ, ହରେକୃଷ୍ଣ ଚାନ୍ଦ, ଜଗଦୀଶ ବାରିକ ପ୍ରମୁଖ ଉପସ୍ଥାପିତ ବିବରଣୀ ଉପରେ ଆଲୋଚନା କରିଥିଲେ। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ରଦ୍ଦ କରିବା, ଏନଟିଏ ପରିଚାଳିତ ନିଟ ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ତଦ୍‌ଜନିତ କେତେକ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା, ସରକାର ଉତ୍ତର ଦାୟିତ୍ୱ ଶୂନ୍ୟତା ଏହି ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଜନ୍ତର ମନ୍ତର ଠାରେ ଜୁନ୍ ୨୮ ରୁ ଜୁଲାଇ ଆମରଣ ଅନଶନରତ ବିଶିଷ୍ଟ ପରିବେଶବିତ୍ ଗ୍ଲେସିୟର ୱାଟର ହାର୍ଭେଷ୍ଟ ଷ୍ଟ୍ରକ୍‌ଚର ପ୍ରତିଷ୍ଠାତା, ସେନାବାହିନୀ ଜବାନଙ୍କ ପାଇଁ ସୁରକ୍ଷିତ ଗ୍ଲେସିୟର ଟେଣ୍ଟ ନିର୍ମାଣର ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକଙ୍କୁ ଦିଲ୍ଲୀ ପୁଲିସ ଗିରଫ କରିବା ସହ ବଳପୂର୍ବକ ଡାକ୍ତରଖାନାରେ ଅଟକ ରଖିବା ପ୍ରତିବାଦରେ ଚଳିତ ମାସ ୨୦ ତାରିଖ ସଂସଦ ଅଭିଯାନକୁ ସମର୍ଥନ ଜଣାଇ ବାଲେଶ୍?ର ଠାରେ ମିଳିତ ଆନ୍ଦୋଳନ ପ୍ରସ୍ତାବ ଗୃହିଣୀ ହୋଇଥିଲା। ଇପିଏଫ୍ ପେନସନଧାରୀଙ୍କୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପ୍ରଦାନ, ସ୍ଥାୟୀ କାର୍ଯରେ ଥିବା ସମସ୍ତ ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଶ୍ରମିକ ଶ୍ରେଣୀର ବିଭିନ୍ନ ଦାବି ନେଇ ୧୦ ଅଗଷ୍ଟ ବ୍ୟାପକ ମିଳିତ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରସ୍ତାବ ବରିଷ୍ଠ ଏଆଇଟିୟୁସି ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥାପନ କରିଥିଲେ। ଆଗାମୀ ୩୧ ଅକ୍ଟୋବରରୁ ନଭେମ୍ବର ୨ ପର୍ଯ୍ୟନ୍ତ ତାଳଚେର ଠାରେ ହେଉଥିବା ଏଆଇଟିୟୁସି ରାଜ୍ୟ ସମ୍ମିଳନୀ ପାଇଁ ପ୍ରତିନିଧି ନିର୍ବାଚନ କରାଯାଇଥିଲା। ଆଗାମୀ ୩ ବର୍ଷ ପାଇଁ ଜିଲ୍ଲା ସଭାପତି ଭାବେ ଭାଗବତ ପ୍ରତିହାରୀ, କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି ମାୟାଧର ନାୟକ ଓ ଶାନ୍ତନୁ ଦାସ, ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଜିଲ୍ଲା ଯୁଗ୍ମ ସମ୍ପାଦକ- ଶରତ ଚନ୍ଦ୍ର ଦଳାଇ, ଅରୁଣ ମଣ୍ଡଳ, ସେକ୍ ସଲାଉଦ୍ଦିନ, ଆରତୀ ଦାଶମହାପାତ୍ର ଓ ନାରାୟଣ ପ୍ରସାଦ ଦାସ, କୋଷାଧ୍ୟକ୍ଷ- ଭରତ ଚନ୍ଦ୍ର ସେଠୀ, ଆଇନ ପରାମର୍ଶଦାତା ଶମ୍ଭୁନାଥ ମହାନ୍ତି, ନୀରଞ୍ଜନ ପରିଡା ଓ ବିଭିନ୍ନ ୟୁନିୟନର ପ୍ରତିନିଧିଙ୍କୁ ନେଇ ଜିଲ୍ଲା କାର୍ଯ୍ୟକାରୀ କମିଟି ସର୍ବସମ୍ମତ ଭାବେ ନିର୍ବାଚିତ ହୋଇଥିଲେ। ଶେଷରେ ବନ୍ଦନା ବିଶ୍ୱାସ ଧନ୍ୟବାଦ ଦେଇଥିଲେ।

## ଘୋଷରା ଉପରେ ବର୍ଷା ପାଣିର ସୁଅ

# ଗିଲପଦୀ-ନପଙ୍ଗ ଯୋଗାଯୋଗ ବିଚ୍ଛିନ୍ନ

ବାରିକପୁର,୧୯।୭(ସମିସ)

ଲଗାଣ ବର୍ଷା କାରଣରୁ ଡ୍ରେନେଜ୍ ବିଭାଗର ଅପାରଗତା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଏକପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କେଉଁଠି ଗାଁ ରାସ୍ତା ବୁଡ଼ିଯାଇଛି ତ ପୁଣି କେଉଁଠି ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଚାଷ ଜମିରେ ଧାନ ତଳି ନଷ୍ଟ ହେଉଛି। ଏପରିକି ଚଳିତ ବର୍ଷ ଖନନ ହୋଇଥିବା ନାଳରେ ମଧ୍ୟ ବର୍ଷା ପାଣି ନିଷ୍କାସନ ହେବା କଷ୍ଟକର ହେଉଛି। ଫଳରେ ଗାଁକୁ ଗାଁ ଓ ସାହିକୁ ସାହି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନପଙ୍ଗ ଓ ଗିଲପଦୀ ମଧ୍ୟରେ ଗତ ୨/୪ ଦିନ ହେବ ସୁଚାରୁ ରୂପେ ଗମନାଗମନ ହୋଇପାରୁ ନାହିଁ। ସରତା ଓ ପର୍ବତୀ ଡ୍ରେନେଜ୍ ନାଳ ଉପରେ ଥିବା ଭଗ୍ନ ଘୋଷରାଟି ସମ୍ପୂର୍ଣ୍ଣ ବୁଡ଼ି ଯାଇଥିବାବେଳେ ଏହା ଉପରେ ତିନି ଦିନ ହେବ ବର୍ଷା ପାଣି ପ୍ରବାହିତ ହେଉଛି। ପାଖାପାଖି ୫ରୁ ୭ ବର୍ଷ





## ପ୍ରତିଶ୍ରୁତି ଦେଇ ଭୁଲିଗଲେ ଡ୍ରେନେଜ୍ ବିଭାଗ ଅଧିକାରୀ

ହେବ ଘୋଷରାଟି ଭାଙ୍ଗି ଯାଇଥିବାବେଳେ ଯାତାୟାତ ପାଇଁ ଏଠାରେ ବିକଳ୍ପ ବ୍ୟବସ୍ଥା ଏଯାଏଁ ସମ୍ଭବ ହୋଇନାହିଁ।

ଏହି ବାଟ ଦେଇ ଉଭୟ ଗାଁର ଚାଷୀ, ଗାଇଗୋରୁ, ସ୍କୁଲ ଛାତ୍ରଛାତ୍ରୀ ଯାତାୟାତ କରିଥା'ନ୍ତି। ପୁରୁଣା ଘୋଷରା ଭାଙ୍ଗିଯିବା ପରେ ନୂତନ ସେତୁ ନିର୍ମାଣ ପାଇଁ ଲୋକେ ବାରମ୍ବାର ଦାବି କରିଛନ୍ତି। ଏନେଇ ଅନେକ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି। ଖବରକୁ ଆଧାର କରି ଗତ ଜାନୁଆରୀ ମାସରେ ଡ୍ରେନେଜ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ମାଝୀ ଗିଲପଦୀ ଘୋଷରା ପରିଦର୍ଶନ କରିଥିଲେ। ଏଠାରେ ସେତୁ ନିର୍ମାଣ ଆବଶ୍ୟକତା ଥିବା ଅନୁଭବ କରି ପରବର୍ତ୍ତୀ ସମୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯନ୍ତ୍ରୀ ଜଣକ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ପରିତାପର ବିଷୟ ବିଭାଗ କେବଳ ନାଳକୁ କେତେକାଂଶରେ ପୁନରୁଦ୍ଧାର କରିଥିବାବେଳେ ସେତୁ ନିର୍ମାଣ କଥାକୁ ଗୁରୁତ୍ୱ ଦେଇ ନ ଥିଲା। ଏହାଛଡ଼ା ଠିକାଦାରଙ୍କୁ ସୁହାଇଲା ଭଳି ଅନାବଶ୍ୟକ ସ୍ଥାନରେ କିଛି ଛୋଟମୋଟ ପାଦଚଲା ପୋଲ ନିର୍ମାଣ କରି ଗିଲପଦୀ ଘୋଷରା କଥା ବିଭାଗ ଭୁଲିଯାଇଛି। ଯଦିଓ ଅଧିକାରୀ ଜଣକ କିଛି ଦିନ ପରେ ଅବସର ଗ୍ରହଣ କରିଥିଲେ କିନ୍ତୁ ପରେ ପରେ ବିଭାଗର ଅନ୍ୟ କେହି ଅଧିକାରୀ ଏହା ଉପରେ ଦୃଷ୍ଟି ଦେଇନାହାନ୍ତି। ଫଳରେ ଏବେ ବର୍ଷା ହେବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିପଦପୂର୍ଣ୍ଣ ଘୋଷରା ଉପରେ ଯାତାୟାତ ଠପ୍ ହେଉଛି। ଏପଟେ ବ୍ଲକ୍ ପ୍ରଶାସନ ପକ୍ଷରୁ ଘୋଷରା ନିର୍ମାଣ ପାଇଁ ନାମଫଳକ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ତାହା ମଧ୍ୟ ସମ୍ଭବ ହୋଇନାହିଁ। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ନଦୀବନ୍ଧ ମରାମତି କାର୍ଯ୍ୟ ଆରମ୍ଭ

ବାରିକପୁର,୧୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ସାନ ବନସ୍ତାଠାରେ ନଦୀବନ୍ଧର ଅସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଗତ ୧୫/୨୦ ଦିନ ମଧ୍ୟରେ ଦୁଇଥର ଲଘୁଚାପ ଜନିତ ବର୍ଷା ଯୋଗୁଁ ଏଠାରେ ପାଖାପାଖି ଶହେ ମିଟର ପଥର ପ୍ୟାକିଙ୍ଗ୍ ବୈତରଣୀ ନଦୀର ଶାଖା ନାଳକୁ ଖସିଯାଇଥିଲା। ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ସାମଲଙ୍କ ସମେତ ବିଭାଗୀୟ ସହକାରୀ ଓ କନିଷ୍ଠ ଯନ୍ତ୍ରୀ ରାତାରାତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଅସ୍ଥାୟୀ ମରାମତି ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଥିଲେ। ତଦନୁଯାୟୀ କାଠ ବହ୍ଲା, ମୋରମ୍, ବାଲିବସ୍ତା ଇତ୍ୟାଦି ସାମଗ୍ରୀ ଯୋଗାଡ଼ ହୋଇ କାମ ଆରମ୍ଭ ବେଳକୁ କିଛି ସ୍ଥାନୀୟଲୋକ ଏହାକୁ ବିରୋଧ କରିଥିଲେ। ୬ ମାସ ତଳେ ହୋଇଥିବା ପୂର୍ବ ପଥର ପ୍ୟାକିଙ୍ଗ୍ କାର୍ଯ୍ୟକୁ ତ୍ରୁଟି ଦର୍ଶାଇ ଏଠାରେ ସ୍ଥାୟୀ ମରାମତି ପାଇଁ ଅଡ଼ି ବସିଥିଲେ। ନଚେତ୍ କାମ କରାଇ ଦେବୁନାହିଁ ବୋଲି କହିଥିଲେ। ଏପରିକି ନଦୀ ବନ୍ଧ ଉପରେ କାମ ବନ୍ଦ ଉଦ୍ଦେଶ୍ୟରେ ଜଗି ରହିଥିଲେ। ଗୁରୁତ୍ୱ ଦୃଷ୍ଟିରୁ ଅସ୍ଥାୟୀ ମରାମତି ଜରୁରୀ ଥିବାବେଳେ ବିଭାଗ ଏନେଇ ପୁଲିସର ସହାୟତା ଲୋଡ଼ିଥିଲା। ଥାନାରେ ବୁଝାମଣା ପରେ ଅସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଦାବି ମୁତାବକ ସ୍ଥାୟୀ କାର୍ଯ୍ୟ ପାଇଁ ବିଭାଗ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବ ବୋଲି ଜଣାଯାଇଛି।



## ବରଣ୍ଡୁଆ ପଞ୍ଚାୟତରେ ଚାଷ ଜମିରେ ଲହଡ଼ି ଭାଙ୍ଗୁଛି ବନ୍ୟା ପାଣି

ବାସୁଦେବପୁର ୧୯।୭(ସମିସ): ଉପର ମୁଣ୍ଡର ବର୍ଷା ପାଣି ଖସୁଥିବାବେଳେ ତଳ ମୁଣ୍ଡରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଚାଷ ଜମିରେ ୩ରୁ ୫ ଫୁଟ୍ ଉଚ୍ଚତାରେ ପାଣି ଲହଡ଼ି ଭାଙ୍ଗୁଛି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତରେ। ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡ଼ିବାରୁ କାଂଶବାଂଶ ଓ ଗମେଇ ନଦୀ ଫୁଲିବାରେ ଲାଗିଛି। ଆଖପାଖ ଚାଷ ଜମିରେ ବନ୍ୟାର ଦୃଶ୍ୟ ଦେଖିବାକୁ ମିଳୁଛି। ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଅଞ୍ଚଳର ଚାଷ ଜମି ବୁଡ଼ିଥିବାବେଳେ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର ଅଞ୍ଚଳର ତଳିଆ ଚାଷ ଜମି ବୁଡ଼ି ରହିଛି। ଗମେଇ ନଦୀର ତଳ ମୁଣ୍ଡ ପୋତି ଯାଇଥିବାରୁ ଜଳ ନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି। ବରଣ୍ଡୁଆ ପଞ୍ଚାୟତର ଅଧିକାଂଶ ତଳିଆ ଅଞ୍ଚଳର ଚାଷ ଜମିରେ ବୁଣାଯାଇଥାଏ। ଅଳ୍ପ କିଛି ଚାଷ ଜମିରେ ତଳି ପକାଇଛନ୍ତି। ବନ୍ୟା ପାଣି ତଳି ଉପରେ ଜମି ରହିଥିବାରୁ ତଳି ନଷ୍ଟ ହୋଇଯାଇଛି। ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ ଅଞ୍ଚଳର ଚାଷ ଜମି ସମୁଦ୍ରର ଭ୍ରମ ସୃଷ୍ଟି କରିଛି। ଯାହାକୁ ନେଇ ଚାଷୀଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। ଉଜୁଡ଼ି ଯିବାକୁ ବସିଛି ବର୍ଷକର ଭାତ ହାଣ୍ଡି। ପ୍ରତିବର୍ଷ ବନ୍ୟା ଦେଖାଦେଉଥିବାରୁ ସ୍ଥାୟୀ ପ୍ରତିକାର ପାଇଁ ଦାବି କରୁଛନ୍ତି ଚାଷୀମାନେ।



## ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ନେଇ ଅସନ୍ତୋଷ

ବାରିକପୁର,୧୯।୭(ସମିସ):ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ୩ନଂ ହାଇଲେବୁଲ କେନାଲ ବନ୍ଧର କଇଁସିରା ନିକଟରେ ଏକ ନୂତନ ନିର୍ମାଣ କାର୍ଯ୍ୟ ହେଉଛି। ସୂଚନା ମୁତାବକ, ବାଲିପୋଖରୀ ଓ ପରମାନନ୍ଦପୁର ଗାଁର ଚାଷ ଜମିକୁ କେନାଲରୁ ପାଣି ଯିବାରେ ସମସ୍ୟା ଦେଖାଦେଉଥିଲା। ପୁରୁଣା ଜଳ ନିଷ୍କାସନ ପଥରେ ସଠିକ୍ ପାଣି ଯାଉ ନ ଥିବାରୁ ଏକ ନୂତନ ପଥ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଥିଲେ। ବିଭାଗ ଦାବିକୁ ଅଣଦେଖା କରି ଖରାଦିନେ କାର୍ଯ୍ୟଟିକୁ କରି ନ ଥିଲା। ଏବେ ବର୍ଷା ହେବାରୁ ଉକ୍ତ ସ୍ଥାନରେ କେନାଲ ବନ୍ଧକୁ ଖୋଳି ସେଠାରେ ହୋମ୍ ପାଇପ୍ ପକାଯାଉଛି। ବର୍ଷା ବେଳେ ସମସ୍ତ କାର୍ଯ୍ୟ ହେଉଥିବାବେଳେ ଏହାର ମାନକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏପରିକି ନବନିର୍ମିତ ପିଚୁ ରାସ୍ତାଟି ପ୍ରାୟ ୨୦ ଫୁଟ୍ ଜରାଜୀର୍ଣ୍ଣ ପାଲଟି ଯାଇଛି। ଏହି ବାଟେ ଦୈନିକ ଶହଶହ ଯାନବାହନ ଯାତାୟାତ କରୁଥିବାବେଳେ ନିର୍ମାଣ କାର୍ଯ୍ୟ ଯୋଗୁଁ ଲୋକମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ କାର୍ଯ୍ୟ ବିଷୟରେ ବିଭାଗୀୟ ଅଧିକାରୀଙ୍କ ମତାମତ ନେବାରୁ ଖରାଦିନେ ଏହି କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିବାବେଳେ ପରେ କ୍ୟାନ୍‌ସଲ ହୋଇଯାଇଥିଲା। ଏବେ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜରୁରୀକାଳୀନ ଭାବେ ନୂତନ ଜଳନିଷ୍କାସନ ପଥ ନିର୍ମାଣ ହେଉଛି। ଯଥାଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ମରଣଯନ୍ତା ପାଲଟିଛି ନଲାଙ୍ଗ-ମଙ୍ଗଳପଦା ରାସ୍ତା

ଭଦ୍ରକ,୧୯।୭(ସମିସ): ମରଣଯନ୍ତା ପାଲଟିଛି ନଲାଙ୍ଗ-ମଙ୍ଗଳାପଦା ରାସ୍ତା। ୧୦ ହଜାର ଜନସଂଖ୍ୟା ବିଶିଷ୍ଟ କଲେଇ ପଞ୍ଚାୟତ ସହ ଆହୁରି ଦୁଇ ପଞ୍ଚାୟତ ବାସିନ୍ଦା ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। ତେବେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାରେ ନଲାଙ୍ଗରୁ ଏଫ୍‌ସିଆଇ ଗୋଦାମ ଯାଏଁ ପ୍ରାୟ ୪ କି.ମି.ରୁ ଅଧିକ ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଖାଲଖମାରେ ଭରା ଏହି ରାସ୍ତାରେ ପ୍ରତ୍ୟେକ ଦିନ ବଡ଼ ଟ୍ରକ୍ ସହ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ଏକ ବସ୍ ମଧ୍ୟ ଚଳାଚଳ କରୁଛି। ବିଶେଷ କରି କଣ୍ଟାପଡ଼ାରୁ ଏଫ୍‌ସିଆଇ ଗୋଦାମ ଯାଏଁ ରାସ୍ତାରେ ଯିବାଆସିବା ପାଇଁ ଭୟ ଲାଗିଲାଣି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ସରକାର ପରିବର୍ତ୍ତନ ପରେ ଗ୍ରାମାଞ୍ଚଳ ବିକାଶ ପାଇଁ ସରକାର ଅଣ୍ଟା ଭିଡ଼ିଥିବାବେଳେ ବିକଶିତ ଗାଁ ବିକଶିତ ଓଡ଼ିଶା ନାମରେ ଆଣିଥିବା ପ୍ରକଳ୍ପ କିନ୍ତୁ ଏହି ରାସ୍ତାକୁ ପରିହାସ କରୁଛି। ତେବେ ରାସ୍ତାର ଦୁରବସ୍ଥା ଦୁଇ ବର୍ଷ ପୂରିବାକୁ ବସିଲାଣି କିନ୍ତୁ ସ୍ଥାନୀୟ ନେତୃତ୍ୱଙ୍କ ଅବହେଳା ମନୋଭାବ ପାଇଁ ରାସ୍ତା ମରାମତି ହୋଇପାରୁ ନ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହି ରାସ୍ତା ମରାମତି କାର୍ଯ୍ୟ ଖୁବ୍‌ଶୀଘ୍ର କରା ନ ଗଲେ କଲେଇ ପଞ୍ଚାୟତବାସୀ ଆନ୍ଦୋଳାତ୍ମକ ପନ୍ଥା ଆପଣେଇବେ ବୋଲି କହିଛନ୍ତି।



## ବର୍ଷେ ପରେ ବି ନିର୍ମାଣ ହୋଇନି ତିଖିଲିଆ ଗେଙ୍ଗୁଟି ସେତୁ

ବାରିକପୁର ୧୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ ଦାଣ୍ଡକୁଳ ନିକଟ ଗେଙ୍ଗୁଟି ନଦୀ ଉପରେ ଥିବା ତିଖିଲିଆ ସେତୁଟି ଏଯାଏଁ ନିର୍ମାଣ ହୋଇପାରିନାହିଁ। ସୂଚନା ମୁତାବକ, ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ନଦୀ ଉପରେ ଏକ ଛୋଟ ସେତୁ ନିର୍ମାଣ ହୋଇଥିଲା। ବିଶେଷ କରି ଏହି ସେତୁ ଦେଇ ତିଖିଲିଆ ଗ୍ରାମବାସୀ ମୁଖ୍ୟ ରାସ୍ତାକୁ ଆସିଥା'ନ୍ତି। ଉଭୟ ପାର୍ଶ୍ୱ ଜନସାଧାରଣଙ୍କ ଯାତାୟାତର ପ୍ରମୁଖ ମାଧ୍ୟମ ଏହି ସେତୁଟି ରହିଥିଲା। ଗତବର୍ଷ ବନ୍ୟା ବେଳେ ତିଖିଲିଆ ଗାଁ ପାର୍ଶ୍ୱରୁ ପୋଲର ପ୍ରାୟ ୪୦ ଭାଗ ଭାସିଯାଇଥିଲା। ପୂର୍ବରୁ ସେତୁଟି ଭଗ୍ନ ଅବସ୍ଥାରେ ରହିଥିବାବେଳେ ବନ୍ୟା ପାଣି ମାଡ଼ରେ ଏହାର ଅର୍ଦ୍ଧାଧିକ ଭାଗ ନଷ୍ଟ ହୋଇଯାଉଥିଲା। ପୋଲର ଅବଶିଷ୍ଟ ଅଂଶ ଏବେ ଝୁଲିକି ରହିଛି। ବନ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କ ଯାତାୟାତ ପାଇଁ ବାଲି ବସ୍ତା ଓ ବହ୍ଲା ପୋତାଯାଇ ଭଙ୍ଗା ପୋଲ ଅଂଶକୁ ଲାଗି ଏକ ରାସ୍ତା ନିର୍ମାଣ କରାଯାଇଥିଲା। ଯେହେତୁ ପୋଲଟି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ସହିତ ସଂଯୁକ୍ତ ହୋଇଥିଲା, ତେଣୁ ଏଠାରେ ଏକ ନୂତନ ସେତୁ ନିର୍ମାଣ ପାଇଁ ଦାବି ଉଠିଥିଲା। ସେତେବେଳେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ଦଳର ନେତୃମଣ୍ଡଳୀ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ପୋଲ ନିର୍ମାଣ ପାଇଁ ବିଭାଗ ନିକଟରେ ଲୋକଙ୍କ ଦାବିକୁ ଉପସ୍ଥାପନା କରିଥିଲେ। ପରିତାପର ବିଷୟ ଏହାରି ଭିତରେ ବର୍ଷେ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ନିଷ୍ପତ୍ତି ନେଇ ନ ଥିବା ଜଣାପଡ଼ିଛି। ଅଧିକାରୀମାନେ ଏ ବିଷୟରେ କିଛି ମୁଣ୍ଡକାନ ଖେଳାଉ ନାହାନ୍ତି। ସେତେବେଳର ସହକାରୀ ଯନ୍ତ୍ରୀ ରଞ୍ଜନ ନାୟକ ତୁରନ୍ତ ପୋଲ ନିର୍ମାଣ ହେବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ସେ ଇତିମଧ୍ୟରେ ଅବସର ଗ୍ରହଣ କରିଛନ୍ତି। ଏପରିକି ଯନ୍ତ୍ରୀ ଜଣକ ଏହା ଉପରେ ତତ୍ପରତା ଦେଖାଇ ନ ଥିବାରୁ ଏହାର କାଗଜପତ୍ର ପ୍ରସ୍ତୁତ ହୋଇ ଟେଣ୍ଡର ହୋଇ ନ ଥିବା ଅଭିଯୋଗ ହୋଇଛି। ତେଣୁ ଏଠାରେ ସେତୁ ନିର୍ମାଣ ପାଇଁ ଏଯାଏଁ ଏଷ୍ଟିମେଟ୍ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ କେବେ ଭଗ୍ନ ପୋଲର ଭାଗ୍ୟ ବଦଳିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ପ୍ରଶାସନ ସଠିକ୍ ଢଙ୍ଗରେ ସମାଧାନ କରୁ ନ ଥିବାବେଳେ ବିଭାଗୀୟ ଅବ୍ୟବସ୍ଥା ଜଳଜଳ ଦେଖାଯାଉଥିବା ଏଥିରୁ ଜଣାପଡୁଛି। ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



### ଧାମନଗରର ସପନ ବାରିକ ହେବେ ଡାକ୍ତର

## ପରିବା ଓଜନ କରୁଥିବା ହାତରେ ଶୋଭାପାଇବ ଷ୍ଟେଥୋସ୍କୋପ୍

ଦୋବଲ,୧୯।୭(ସମିସ): ଦୃଢ଼ ଇଚ୍ଛାଶକ୍ତି, କଠୋର ଅଧ୍ୟବସାୟ ଓ ଅଦମ୍ୟ ମନୋବଳ ଆଗରେ ଦାରିଦ୍ର୍ୟ ଯେ ହାର୍ ମାନେ, ତାହା ପ୍ରମାଣ କରି ଦେଖାଇଛନ୍ତି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ କରଦା ପଞ୍ଚାୟତ ନନ୍ଦିପୁର ଗାଁର ସପନ ବାରିକ। ଜାତୀୟସ୍ତରର ମେଡିକାଲ ପ୍ରବେଶିକା ପରୀକ୍ଷା "ନିଟ୍-ୟୁଜି'ରେ ବିପୁଳ ସଫଳତା ଅର୍ଜନ କରି ସେ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଜଣେ ଗରିବ ପରିବା ଚାଷୀ ତଥା ଯଜମାନି କରୁଥିବା ପରିବାରର ପୁଅ ଆଜି ନିଜ ଯୋଗ୍ୟତା ବଳରେ ଡାକ୍ତର ହେବାକୁ ଯାଉଛନ୍ତି। ଦିନେ ଯେଉଁ ହାତ ଖଡ଼ିପଦା-ଦୋବଲ ରାସ୍ତାକଡ଼ରେ ପରିବା ଓଜନ କରୁଥିଲା, ଆଜି ସେହି ହାତ ରୋଗୀଙ୍କ ଜୀବନ ବଞ୍ଚାଇବାକୁ ସ୍ପନ୍ଦନ ମାପିବ। ଷ୍ଟେଥୋସ୍କୋପ୍ ଧରିବ। ସପନଙ୍କ ବାପା ହରମୋହନ ବାରିକ ଜଣେ ଅତି ପରିଶ୍ରମୀ ମଣିଷ। ନିଜର ବୋଲି ଜମି ଗୁଣ୍ଠେ ନ ଥିବାରୁ ସେ ପର ଜମିରେ ଭାଗ ଚାଷ କରି ପରିବାର ପୋଷନ୍ତି। କ୍ଷେତରେ ପରିବା ଚାଷ କରିବା ସହ ସକାଳୁ ସଞ୍ଜ ଯାଏଁ ଖଡ଼ିପଦାରୁ ଦୋବଲ ରାସ୍ତାକଡ଼ରେ ବସି ସେ ନିଜେ ବେପାର କରନ୍ତି। ଏହା ସହିତ କୌଳିକ ବୃତ୍ତି ଅନୁଯାୟୀ, ଗାଁରେ ବାହାଘର, ବ୍ରତଘର ଓ ଶୁଦ୍ଧିକ୍ରିୟା ଭଳି ଯଜମାନି କର୍ମ କରି ସ୍ୱଳ୍ପ ରୋଜଗାର କରନ୍ତି। ମାଆ ଦମୟନ୍ତୀ ବାରିକ ଜଣେ ସାଧାରଣ ଗୃହିଣୀ ହୋଇ ସୀମିତ ସମ୍ବଳରେ ସଂସାର ଚଳାନ୍ତି। ପରିବାରରେ ସପନଙ୍କ ବ୍ୟତୀତ ଜଣେ ବଡ଼ ଭାଇ, ଜଣେ ବିବାହିତ ବଡ଼ ଭଉଣୀ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ସାନ ଭଉଣୀ ଅଛନ୍ତି।

ସପନ ୨୦୧୯ରେ ଖଡ଼ିପଦା ଉଚ୍ଚ ବିଦ୍ୟାଳୟରୁ ୮୪% ମାର୍କ ରଖି ମାଟ୍ରିକ୍ ପାସ୍ କରିଥିଲେ। ଏହାପରେ ଭଦ୍ରକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୮୫% ମାର୍କ ସହ ଯୁକ୍ତ ୨ ବିଜ୍ଞାନ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଡାକ୍ତରୀ ପ୍ରବେଶିକା ପାଇଁ କଟକରେ ରହି କୋଚିଂ ନେଇଥିଲେ ମଧ୍ୟ ପ୍ରଥମ ପ୍ରଚେଷ୍ଟାରେ ବିଫଳ ହୋଇଥିଲେ। କିନ୍ତୁ ହାର୍ ମାନି ନ ଥିଲେ। ସେ ଗାଁକୁ ଫେରିଆସି ବର୍ଷେ କାଳ ଅନ୍‌ଲାଇନ୍ କ୍ଲାସ୍ ଓ ୟୁଟ୍ୟୁବ୍ ସାହାଯ୍ୟରେ ପଢ଼ା ଜାରିରଖିଲେ। ଏହି ସମୟରେ ସେ ବାପାଙ୍କୁ ସାହାଯ୍ୟ କରିବା ପାଇଁ ରାସ୍ତାକଡ଼ରେ ଦଣ୍ଡି ଧରି ପରିବା ମଧ୍ୟ ଓଜନ କରୁଥିଲେ। ଏହାପରେ ଭୁବନେଶ୍ୱର ଯାଇ ସେଠାରେ ପାଠପଢ଼ା ଜାରି ରଖିଥିଲେ। କଠୋର ପରିଶ୍ରମରେ ବିଶ୍ୱାସ ରଖୁଥିବା ସପନ ଗତବର୍ଷ ନିଟ୍ ପରୀକ୍ଷାରେ ସଫଳ ହୋଇ କେନ୍ଦୁଝରର ଧରଣୀଧର ମେଡିକାଲ କଲେଜରେ ବିଡିଏସ୍ ଏବଂ ଉତ୍ତରାଖଣ୍ଡର ଏକ ମେଡିକାଲ କଲେଜରେ ଆୟୁଷ ଡାକ୍ତରୀ ପାଇଁ ମନୋନୀତ ହୋଇଥିଲେ। ମାତ୍ର ଏମ୍‌ବିବିଏସ୍ କରି ଗରିବଙ୍କ ସେବା କରିବାର ଜିଦ୍ ଥିବାରୁ ସେ ସେଠାରେ ନାମ ନ ଲେଖାଇ ପୁଣି ଥରେ ପ୍ରସ୍ତୁତି ଜାରି ରଖି ଆଜି ଏହି ଶ୍ରେଷ୍ଠ ସଫଳତା ପାଇଛନ୍ତି। ପ୍ରକାଶିତ ଫଳାଫଳ ଅନୁଯାୟୀ, ସର୍ବମୋଟ ୭୨୦ ମାର୍କରୁ ସପନ ଚମତ୍କାର ୫୭୩ ମାର୍କ ହାସଲ କରିଛନ୍ତି। ସେ ସର୍ବଭାରତୀୟ ର୍‍ୟାଙ୍କ ୨୩,୬୭୦ ଏବଂ ଅନ୍ୟାନ୍ୟ ପଛୁଆବର୍ଗରେ ୧୦,୪୮୬ ର୍‍ୟାଙ୍କରେ ସ୍ଥାନ ପାଇଛନ୍ତି। ସପନଙ୍କ ଏହି ଅଭୁତପୂର୍ବ ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ଆକ୍ସନ୍ ମୋଡ୍‌ରେ ଆଗରପଡ଼ା ପୁଲିସ

## ପୁଣି ଜଣେ ଧଳାଜହର ବେପାରୀ ଗିରଫ

ବନ୍ତ/ଆଗରପଡ଼ା,୧୯।୭(ସମିସ): ବର୍ତ୍ତମାନ ଆକ୍ସନ ମୋଡ୍‌ରେ ଆଗରପଡ଼ା ପୁଲିସ। ପୁଣି ଜଣେ ଧଳାଜହର ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାଧିକାରୀ ରାଜେଶ ସେଠୀଙ୍କ ଉଦ୍ୟମ ଯୋଗୁଁ ପ୍ରଥମଥର ପାଇଁ ଏହି ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗର ଜବତ ହେବା ସହ ଏଥିରେ ସମ୍ପୃକ୍ତ ୨ଜଣ ମାଫିଆ ଗିରଫ ହୋଇଛନ୍ତି। ପୂର୍ବରୁ ଚୋରା ମଦ, ଗଞ୍ଜେଇ ଆଦି ମାଦକ ଦ୍ରବ୍ୟ ବିକ୍ରି କରିବା ଅଭିଯୋଗରେ ଅଭିଯୁକ୍ତମାନେ ଗିରଫ ହୋଇଥିବାବେଳେ ବ୍ରାଉନ୍‌ସୁଗର ମାଫିଆ ପୂର୍ବରୁ କେବେ ପୁଲିସ ହାତରେ ଧରାପଡ଼ି ନ ଥିଲେ। ଥାନା ସୂତ୍ରରୁ ଜଣାପଡ଼ିଛି, ଆଗରପଡ଼ା କଲେଜ ନିକଟରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ବେଳେ ଆଗରପଡ଼ା ବଜାର ସଂଲଗ୍ନ ଭବାନୀଗଞ୍ଜ ଗ୍ରାମର କୁଶ ସେନାପତିଙ୍କ ପୁଅ ରାଜେନ୍ଦ୍ର ସେନାପତି ଓରଫ ରାଜୁ(୪୨)କୁ କୌଶଳକ୍ରମେ ପୁଲିସ ଗିରଫ କରିଥିଲା। ୨୪ ଘଣ୍ଟା ନ ପୂରୁଣୁ ଏହି ବ୍ରାଉନ୍‌ସୁଗର ବେପାରରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଭଦ୍ରକ ପୁରୁଣା ବଜାର ଥାନା ଅନ୍ତର୍ଗତ ଚନ୍ଦନବଜାର ବୁଧବାର ହାଟ ଗ୍ରାମର କାଲୁ ଖାଁଙ୍କ ପୁଅ ମୋରାଦ ଖାଁ(୨୭)କୁ ପୁଲିସ ଗିରଫ କରିଛି। ପୂର୍ବରୁ ତହସିଲ୍‌ଦାର ତଥା ମାଜିଷ୍ଟ୍ରେଟ୍ ସାରା ହେମ୍ବ୍ରମ, ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ କରିଥିଲେ ଆଗରପଡ଼ା ଥାନାଧିକାରୀ ଓ ଏସ୍‌ଆଇ ଇଭାରାଣୀ ପରିଡ଼ା। ଥାନା କେସ୍ ନଂ ୧୬୦/୨୬, ୨୧(ବି), ୨୯ ଏନ୍‌ଡିପିଏସ୍ ଆକ୍ଟରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ୧୧ ଗ୍ରାମ୍ ୬୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗର, ୨ଟି ମୋବାଇଲ୍ ଜବତ ହୋଇଥିବାର ଜଣାପଡ଼ିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା

ବନ୍ତ/ଆଗରପଡ଼ା,୧୯।୭(ସମିସ): ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ସାନବର୍ଛିକୟା ଗ୍ରାମରେ ଅକ୍ଷୟ କୁମାର ସାହୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଅକ୍ଷୟ କୁମାର ସାହୁଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସ୍ଥାୟୀ ସଭାପତି ତଥା ପ୍ରବଚକ ପଣ୍ଡିତ ସଂଗ୍ରାମ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ଅବସରପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନ, ସାମାଜିକ ସେବା, ଆଦର୍ଶ ଜୀବନଶୈଳୀ ଏବଂ ନୂତନ ପିଢ଼ି ପାଇଁ ତାଙ୍କର ଦିଗ୍‌ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ସାହୁଙ୍କ ନାତି ମନୋତେଜ ମାନବ ସାହୁଙ୍କ ସମେତ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଦାସ, ଶିକ୍ଷକ ରମେଶ ବିଶ୍ୱାଳ, ସୁରେଶ ସେଠୀ ଯୋଗଦେଇଥିଲେ। ଜାଗୁଲାଇ ହାଇସ୍କୁଲର ଶିକ୍ଷକ ବସନ୍ତ କୁମାର ପ୍ରଧାନ ଅତିଥି ପରିଚୟ, ଅଧ୍ୟାପକ ଲୋକନାଥ ସାହୁ ବିବରଣୀ ପାଠ ଓ କ୍ଷାତିପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଗଣିତରେ ସର୍ବୋଚ୍ଚ ନମ୍ବର ରଖିଥିବା ଢେଙ୍କା ହାଇସ୍କୁଲର ଛାତ୍ର ଶୁଭମ୍ ମଲ୍ଲିକ, ଜାଗୁଲାଇ ହାଇସ୍କୁଲର ଛାତ୍ରୀ ଅମିତା ମଣ୍ଡଳଙ୍କ ସମେତ ରାମଚନ୍ଦ୍ର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଥମରୁ ସପ୍ତମ ଏବଂ ଜାଗୁଲାଇ ହାଇସ୍କୁଲର ୮ରୁ ୯ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବହୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଗୋସେବା ଏବଂ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାନ୍ତ କୁମାର ସାହୁ, ଗଣେଶ ପ୍ରସାଦ ସାହୁ, ସୁରେଶ କୁମାର ସାହୁ, ଦିଲ୍ଲୀପ କୁମାର ସାହୁ, ସୁଦର୍ଶନ ସାହୁଙ୍କ ସମେତ ପରିବାର ବର୍ଗ ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ।




## ଶ୍ରାବଣ ସୋମବାର ପାଇଁ କାଉଡ଼ି ଯାତ୍ରା ଆରମ୍ଭ

ବାରିକପୁର,୧୯।୭(ସମିସ): ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ଏବେ ସବୁଠି କାଉଡ଼ି ଯାତ୍ରା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରୁ କାଉଡ଼ିଆ ଭକ୍ତମାନେ ପାଣିଭାର କାନ୍ଧରେ ଧରି ଆଖଣ୍ଡଳମଣି, ପଞ୍ଚ ଲିଙ୍ଗେଶ୍ୱର, ଲୋକନାଥ, କପିଳାସ ପ୍ରମୁଖ ଶୈବପୀଠ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ଲକ୍ ଦେଇ ଯାଇଥିବା ପୁଣ୍ୟତୋୟା ବୈତରଣୀ ନଦୀର ଆଖୁଆପଦା, ମଣୀନାଥପୁର, ନେରଡ଼ା, କୁମ୍ଭାରିଆ ପ୍ରମୁଖ ଘାଟରୁ ପୂଜାର୍ଚ୍ଚନା କରି କାଉଡ଼ିଆମାନେ ପାଣି ନେଇ ଯାତ୍ରା ଆରମ୍ଭ କରିଛନ୍ତି। ଭକ୍ତମାନେ ଗତ ଶୁକ୍ରବାରଠାରୁ ରବିବାର ଯାଏଁ ନଦୀରୁ ପାଣି ଉଠାଇ ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ଯାଉଥିବା ଦେଖାଯାଇଛି। କାଉଡ଼ିଆ ଭକ୍ତଙ୍କ ମୁଖରେ ବୋଲ୍‌ବମ୍ ଉଚ୍ଚାରଣ ଓ କାନ୍ଧରେ ପାଣି ଭାର ନେଇ ଯିବାର ଦୃଶ୍ୟ ଗମନାଗମନ ପଥରେ ଏକପ୍ରକାର ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ବିଶେଷ କରି ପ୍ରସିଦ୍ଧ ଆଖଣ୍ଡଳମଣି ପୀଠକୁ ସଂଯୋଗ କରୁଥିବା ରାସ୍ତାରେ କାଉଡ଼ିଆ ଭାଇଭଉଣୀମାନଙ୍କ ସମାଗମ ଦେଖିବାକୁ ମିଳିଛି।



## ବେତାଳିଗାଁ ହାଟରେ କାଉଡ଼ିଆଙ୍କ ସେବାରେ ଚରମ୍ପା କାଉଡ଼ିଆ ସେବା ସଂଘ

ବେତାଳିଗାଁ,୧୯।୭(ସମିସ): ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ବେତାଳିଗାଁ ହାଟରେ ଶିବଭକ୍ତଙ୍କ ଭିଡ଼ରେ ସରଗରମ ହୋଇଉଠିଥିଲା। ବିଭିନ୍ନ ଅଞ୍ଚଳରୁ ଶହଶହ କାଉଡ଼ିଆ ଭକ୍ତ ପବିତ୍ର ଜଳ ନେଇ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣୀଙ୍କ ପୀଠକୁ ଜଳଲାଗି କରିବା ପାଇଁ ଯାତ୍ରା କରୁଥିଲେ। ଦୀର୍ଘ ପଦଯାତ୍ରା କରୁଥିବା ଏହି ଶିବଭକ୍ତମାନଙ୍କ ସେବା ଓ ସହଯୋଗ ପାଇଁ ଚରମ୍ପା କାଉଡ଼ିଆ ସେବା ସଂଘ, ଭଦ୍ରକ ପକ୍ଷରୁ ବେତାଳିଗାଁ ହାଟଠାରେ ଏକ ନିଃଶୁଳ୍କ ସେବା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ କାଉଡ଼ିଆ ଭକ୍ତମାନଙ୍କୁ ପାନୀୟ ଜଳ, ସରବତ, ପ୍ରାଥମିକ ଚିକିତ୍ସା, ବିଶ୍ରାମ ସୁବିଧା ଏବଂ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ସେବା ସଂଘର ସଦସ୍ୟମାନେ ଦିନରାତି ନିଷ୍ଠାର ସହିତ ଭକ୍ତମାନଙ୍କ ସେବାରେ ନିୟୋଜିତ ରହିଥିଲେ। ସେମାନଙ୍କ ଏହି ନିଃସ୍ୱାର୍ଥ ସେବାକୁ କାଉଡ଼ିଆ ଭକ୍ତମାନେ ଉଚ୍ଚପ୍ରଶଂସା କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରତିବର୍ଷ ଶ୍ରାବଣ ମାସରେ ଏଭଳି ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଧାର୍ମିକ ଆସ୍ଥା ସହ ମାନବ ସେବାର ଏହି ମହତ୍ ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ବିଷୟ ପାଲଟିଛି।



## ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

# ମୁକୁଳା ପଡ଼ିଛି ଡ୍ରେନ୍, ସନ୍ତୁଳି ହେଉଛନ୍ତି ଲୋକେ

ବଡ଼ସାହି, ୧୯।୭ (ସମିସ)




- ତହସିଲ ପରିସରରେ ଆଣ୍ଠୁଏ ପାଣି
- ପୋଷ୍ଟ ଅଫିସ ସମ୍ମୁଖ ଡ୍ରେନ୍ ସମ୍ପ୍ରସାରଣ ଦାବି

ବଡ଼ସାହି ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ଆଦୌ ଠିକ୍ ନାହିଁ। ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଦୂରଦର୍ଶିତା ଅଭାବରୁ ସାଧାରଣ ଲୋକ ଓ ଦୋକାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦିଓ ବଜାର ଡ୍ରେନେଜ ବ୍ୟବସ୍ଥାର କିଛିଟା ସୁଧାର ଆସିଛି, ତଥାପି ତ୍ରୁଟିପୂର୍ଣ୍ଣ ଲେ-ଆଉଟ ଓ କାମ ପାଇଁ ଉପୁଜୁଥିବା ସମସ୍ୟା ଦୋକାନୀଙ୍କ ସହିତ ଅଞ୍ଚଳବାସୀ ଭୋଗୁଛନ୍ତି। ଡ୍ରେନେଜ ସହ ଡ୍ରେନେଜ ସଠିକ୍ ଭାବେ ସଂଯୋଗ ନ ଥିବାବେଳେ ବର୍ଷ ବର୍ଷ ଧରି ସେଗୁଡିକ ସଫା କରାଯାଉନାହିଁ। ଡ୍ରେନଗୁଡିକ ଅସମ୍ପୂର୍ଣ୍ଣ ରଖି ଜନବସତି ନିକଟରେ ଛାଡ଼ି ଦେଇଥିବାରୁ ବର୍ଷା ହେଲା ମାତ୍ରେ ଲୋକଙ୍କ ଘର ସମ୍ମୁଖ, ଦୋକାନ ଆଗ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଢେଉ ମାରୁଛି। ବଡ଼ସାହି ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, ଆରଆଇ ଅଫିସ ସମ୍ମୁଖ ଓ ହାଟ ରାସ୍ତାରେ ଅଳ୍ପ ବର୍ଷାରେ ମଧ୍ୟ ପାଣି ଜମି ରହୁଛି। ତହସିଲ ଅଫିସ ପରିସରରେ ପାଣି ନିଷ୍କାସନ ହୋଇ ନ ପାରି ଆଣ୍ଠୁଏ ଲେଖାଏଁ ପାଣି ଠିଆ ହୋଇରହୁଛି। ଫଳରେ ଲୋକଙ୍କ ସହିତ କର୍ମଚାରୀ, ଭେଣ୍ଡର, ମୋହରିର, ନୋଟାରୀ ଓ ଓକିଲମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏପରିକି ବଡସାହି-ପ୍ରତାପପୁର ରାସ୍ତାର ବଡ଼ସାହି ପୋଷ୍ଟ ଅଫିସ ନିକଟରେ ଏକ ଡ୍ରେନ ଅସମ୍ପୂର୍ଣ୍ଣ ହୋଇପଡ଼ିଛି। ଫଳରେ ସେଠାରେ ପାଣି ଜମି ରହି ପୂର୍ତ୍ତ ବିଭାଗର ରାସ୍ତା ଉପରେ ଓ ଲୋକଙ୍କ ଘର ସମ୍ମୁଖରେ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ରାସ୍ତା ଖରାପ ହେବାର ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ସେହି ଅଞ୍ଚଳର ଲୋକେ ହଇରାଣ ହେଉଛନ୍ତି। ତେଣୁ ସ୍ଥାନୀୟ ଲୋକେ ଏହି ଡ୍ରେନର ସମ୍ପ୍ରସାରଣ ଦାବି କରିଛନ୍ତି। ବଜାର ଡ୍ରେନ୍‌ର ଅଧିକାଂଶ ସ୍ଥାନରେ ମରାମତି ଅଭାବରୁ ତାହା ଭାଙ୍ଗରୁଜି ନଷ୍ଟ ହୋଇଯାଇଥିବାବେଳେ ଅଧିକାଂଶ ସ୍ଥାନରେ ପୋତି ହୋଇଯାଇଥିବା ଦେଖାଯାଇଛି। ଯେଉଁ ଅଞ୍ଚଳରେ ଡ୍ରେନ୍ କାମ ହୋଇଛି, ତା'ର ମରାମତି କାର୍ଯ୍ୟ ହେଉ ନ ଥିବାବେଳେ ସଫା ମଧ୍ୟ କରାଯାଉନାହିଁ। ଡ୍ରେନ୍‌ରୁ ଡ୍ରେନ ସଂଯୋଗୀକରଣ ନ ଥିବାରୁ ମଇଳା ପାଣି ଜମି ରହି ନିଷ୍କାସନ ହୋଇପାରୁନାହିଁ। ଡ୍ରେନ୍‌ର ତଳଭାଗରେ ଥିବା ପକ୍କା ଢଳେଇ ନଷ୍ଟ ହୋଇଯାଇ ତାହା ମାଟିରେ ପୋତି ହୋଇଗଲାଣି। ଫଳରେ ସାମାନ୍ୟ ବର୍ଷାରେ ଉଚ୍ଛୁଳି ପାଣି ରାସ୍ତା, ଲୋକଙ୍କ ଘର ଓ ଦୋକାନ ମଧ୍ୟକୁ ପ୍ରବେଶ କରୁଛି। ବଜାରର ଉତ୍ତର ଦିଗରେ ଥିବା ଏହି ଅସମ୍ପୂର୍ଣ୍ଣ ଡ୍ରେନର ଜଳ ନିଷ୍କାସନ ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ କରାଯାଇନାହିଁ। ତତ୍କାଳୀନ ସମୟରେ ଡ୍ରେନ ନିର୍ମାଣ କରିଥିବା ଠିକାଦାର ବଜାରରେ ଥିବା ଦୋକାନ ସମ୍ମୁଖରେ ଡ୍ରେନ ଉପରେ ସ୍ଲାପ ପକାଇବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା କରିନାହାନ୍ତି। ପ୍ରିୟାପ୍ରୀତି ତୋଷଣ କରି କେବଳ କେତୋଟି ଦୋକାନ ସମ୍ମୁଖରେ ଯାଇଥିବା ଡ୍ରେନ ଉପରେ ସ୍ଲାପ ପକାଇଥିବା ଦେଖାଯାଇଛି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଡ୍ରେନ୍‌ରେ ଅଳିଆ ଆବର୍ଜନା ଭାସି ଆସି ପରିବେଶକୁ ଦୁର୍ଗନ୍ଧମୟ କରୁଛି। ବର୍ଷାଦିନ ପାଇଁ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି। ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଥିବାରୁ ମଶା, ମାଛି, ପୋକ ଜନ୍ମ ନେବା ସହିତ ସଂକ୍ରମଣ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନସାଧାରଣ ତଥା ବଜାର ଦୋକାନୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରସ୍ତାବ ମଧ୍ୟରେ ରହିଛି। ଟଙ୍କା ଆସିଲେ ଓ ପ୍ରସ୍ତାବ ଅନୁମୋଦନ ହେଲେ କାମ ହେବ।

## ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ



ତୁରୁମୁଙ୍ଗା, ୧୯।୭ (ସମିସ): କେନ୍ଦୁଝର ଜିଲ୍ଲା କଞ୍ଚନ ଡୁମୁରିଆ ଗ୍ରାମରେ ରବିବାର 'ଆମ ଗାଁ ଅଭିଯାନ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ଚରଣ ଦାସ ଓ ତାଙ୍କ ପତ୍ନୀ ଶିକ୍ଷୟିତ୍ରୀ ସୁମିତ୍ରା ନାଏକ ଗ୍ରାମର ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ଜ୍ୟାମିତି ବାକ୍ସ, ମାନଚିତ୍ର ସମେତ ବିଭିନ୍ନ ଆବଶ୍ୟକୀୟ ପାଠ୍ୟ ଉପକରଣ ବଣ୍ଟନ କରିଛନ୍ତି। କଞ୍ଚନ ଡୁମୁରିଆ ଗ୍ରାମର ଛାତ୍ରଛାତ୍ରୀମାନେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ଗ୍ରାମର ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଅଷ୍ଟମରୁ ଦଶମ ଶ୍ରେଣୀ ଏବଂ ଉଚ୍ଚଶିକ୍ଷା ପାଇଁ ଉଖୁଣ୍ଡା, ଗଣ୍ଡବରେଇ, ବାରିଆ ଓ ଛେଳିଆନାଳସ୍ଥିତ ବିଦ୍ୟାଳୟ ଉପରେ ନିର୍ଭରଶୀଳ। ସରକାରଙ୍କ ପକ୍ଷରୁ ପାଠ୍ୟପୁସ୍ତକ ଓ ମଧ୍ୟାହ୍ନ ଭୋଜନ ଭଳି ସୁବିଧା ମାଗଣାରେ ମିଳୁଥିଲେ ମଧ୍ୟ ଆଦିବାସୀ ବହୁଳ ଏହି ଅଞ୍ଚଳର ଅନେକ ପରିବାର ପାଇଁ ଖାତା, କଲମ, ଜ୍ୟାମିତି ବାକ୍ସ ଓ ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ କିଣିବା କଷ୍ଟସାଧ୍ୟ ହୋଇପଡୁଛି। ଏହି ସମସ୍ୟାକୁ ଦୂର କରିବା ଉଦ୍ଦେଶ୍ୟରେ ଗ୍ରାମର ସନ୍ତାନ ତଥା ଓଡ଼ିଶା ଅର୍ଥ ସେବାରେ କାର୍ଯ୍ୟରତ ମାନସ ରଞ୍ଜନ ଦାସଙ୍କ ଉଦ୍ୟମରେ ଏବଂ ଗ୍ରାମର ଅନ୍ୟ ବଦାନ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ସହଯୋଗରେ ଗତ ପାଞ୍ଚ ବର୍ଷ ଧରି ଏହି କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜିତ ହୋଇଆସୁଛି। ପ୍ରତିବର୍ଷ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ପାଠ୍ୟ ଉପକରଣ ପ୍ରଦାନ କରାଯାଇ ସେମାନଙ୍କ ଶିକ୍ଷା ଯାତ୍ରାକୁ ସହାୟତା କରାଯାଉଥିବା କୁହାଯାଇଛି।

# ନିଟ୍ ପରୀକ୍ଷାରେ ଦୀପ୍ତିରଞ୍ଜନଙ୍କ ସଫଳତା



ବିଶୋଇ, ୧୯।୭ (ସମିସ): ସର୍ବଭାରତୀୟ ନିଟ୍ ୟୁଜି ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଲୁହକାନି ପଞ୍ଚାୟତ ଭୋଲବେଢ଼ା ଗ୍ରାମର ଦୀପ୍ତିରଞ୍ଜନ ଗିରି ସଫଳ ହୋଇଛନ୍ତି। ନିଟ୍ ପ୍ରବେଶିକା ପରୀକ୍ଷାରେ ୭୨୦ରୁ ୬୦୪ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୮୮୪୪ ର୍‌ୟାଙ୍କ ରଖି ସେ ଏହି ସଫଳତା ଅର୍ଜନ କରିଛନ୍ତି। ଦୀପ୍ତିରଞ୍ଜନ ରାଇରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ୮୬ ପ୍ରତିଶତ ମାର୍କ ରଖି ମାଟ୍ରିକ ପାସ କରି ବାଲେଶ୍ୱରର ଏକ ଘରୋଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନରେ ୯୩ ପ୍ରତିଶତ ମାର୍କ ରଖି ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ନିଟ୍ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ସେ ବିଶୋଇ ବ୍ଲକ ତଥା ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଗୌରବ ଆଣିଛନ୍ତି। କରେଞ୍ଜିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ପ୍ରସାଦ ଗିରି ଓ ମାଣିଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଇନ୍ଦ୍ରାବତୀ ଗିରିଙ୍କ ପୁତ୍ର ଦୀପ୍ତିରଞ୍ଜନ ପିଲା ବେଳୁ ଡାକ୍ତରୀ ଚାକିରି କରିବାକୁ ଲକ୍ଷ୍ୟ ରଖିଥିଲେ। ଦୀପ୍ତିରଞ୍ଜନ ତାଙ୍କର ଏହି ସଫଳତାର ଶ୍ରେୟ ବାପାମାଆ ଓ ଶିକ୍ଷକ ଶିକ୍ଷୟିତ୍ରୀ, ପରିବାରବର୍ଗଙ୍କୁ ଦେଇଛନ୍ତି। ଦୀପ୍ତିରଞ୍ଜନଙ୍କ ସଫଳତା ପାଇବା ପରେ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଶାବକ ସହ ଦକ୍ଷିଣରୁ ଶିମିଳିପାଳ ଉତ୍ତର ବନଖଣ୍ଡକୁ ବାଛିଲା ଜିନତ



ବାରିପଦା, ୧୯।୭ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇଛି। ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ବାଘୁଣୀ ଜିନତ ତା'ର ୪ ଶାବକଙ୍କୁ ନେଇ ଶିମିଳିପାଳର ଉତ୍ତର ବନଖଣ୍ଡ ଅଞ୍ଚଳକୁ ଯାଇ ରହୁଛି। ଏହି ଘଟଣାକୁ ବନ୍ୟପ୍ରାଣୀ ଅଧିକାରୀ ଉତ୍ତର ଅଞ୍ଚଳର ବାଘ ସଂରକ୍ଷଣ ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି ବିବେଚନା କରୁଛନ୍ତି। ଉତ୍ତର ଶିମିଳିପାଳ ଅଞ୍ଚଳରେ ପୂର୍ବରୁ କମ୍ ବାଘ ଥିଲେ ମଧ୍ୟ ଏଠାରେ ପ୍ରଚୁର ଘାସଜମି ଓ ଶିକାରଯୋଗ୍ୟ ବନ୍ୟପ୍ରାଣୀ ଅଛନ୍ତି। ଜିନତ ଓ ତା'ର ଶାବକ ଏହି ଅଞ୍ଚଳକୁ ଯିବା ପରେ କିଛିଦିନ ପ୍ରାୟ ସ୍ଥିର ହୋଇ ରହିଛନ୍ତି ବୋଲି ଜଣାପଡ଼ିଛି। ମୌସୁମୀ ବର୍ଷା ଯୋଗୁଁ ଜଙ୍ଗଲ ଘଞ୍ଚ ହୋଇଥିବାରୁ ସିଧା ଦର୍ଶନ କମ୍ ହେଉଛି। କିନ୍ତୁ କ୍ୟାମେରା ଟ୍ରାପ୍ ଓ ଅନ୍ୟାନ୍ୟ ସୂଚନା ଅନୁଯାୟୀ ପରିବାରଟି ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି।

ଶିମିଳିପାଳ ଦକ୍ଷିଣ କୋର୍ ଅଞ୍ଚଳ ଜେନାବିଲ୍, ଉପରବାରାହାକାମୁଡା ଓ ଭଞ୍ଜବସା ପୂର୍ବରୁ ବାଘଙ୍କ ମୁଖ୍ୟ ଆଧାର ଥିଲା। କିନ୍ତୁ ବାଘ ସଂଖ୍ୟା ବଢ଼ିବା ସହିତ ଯୁବ ବାଘମାନେ ଉତ୍ତର ଅଞ୍ଚଳକୁ ଯାତ୍ରା କରୁଛନ୍ତି। ୨୦୨୨ ସର୍ବଭାରତୀୟ ବ୍ୟାଘ୍ର ସର୍ବେକ୍ଷଣ ପରେ ଉତ୍ତରରେ ପ୍ରଥମ ପୁରୁଷ ବାଘ (ଟି-୨୬) ଚିହ୍ନଟ ହୋଇଥିଲା। ବର୍ତ୍ତମାନ ଉତ୍ତର କୋର ଅଞ୍ଚଳରେ ୬ଟି ବଡ଼ ବାଘ ଚିହ୍ନଟ ହୋଇଛନ୍ତି। ବାଘୁଣୀ ଟି-୩୪, ଟି-୨୪, ଟି-୪୦ ଓ ବାଘ ଟି-୨୬, ଟି-୪୪, ଟି-୪୬। ଜିନତ ଓ ତା'ର ଶାବକଙ୍କ ଆଗମନ ସହିତ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ଉତ୍ତର ଶିମିଳିପାଳ ଜଙ୍ଗଲ ଉଷ୍ମ ମିଶ୍ରିତ ପର୍ଣ୍ଣପାତୀ, ଅର୍ଦ୍ଧ ଚିରସବୁଜ, ଉଚ୍ଚ ଶାଳ ଜଙ୍ଗଲ, ଶୁଷ୍କ ପର୍ଣ୍ଣପାତୀ ଓ ଘାସଜମି ସହିତ ବିବିଧତାପୂର୍ଣ୍ଣ ଅଟେ। ଏହି ପରିବେଶ ବାଘ ଓ ଶିକାରଯୋଗ୍ୟ ବନ୍ୟପ୍ରାଣୀ ପାଇଁ ଉପଯୁକ୍ତ। ଜିନତର ଶାବକ ବଢ଼ିଲେ ଉତ୍ତର ଅଞ୍ଚଳରେ ସ୍ଥାୟୀ ବାଘ ଜନସଂଖ୍ୟା ଗଠନ ହୋଇପାରିବ। ଏହା ଜନ୍ତୁ ଜନସଂଖ୍ୟାର ଜେନେଟିକ୍ ବିବିଧତା ଓ ସ୍ଥିରତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସଂରକ୍ଷଣ କର୍ମୀ କହୁଛନ୍ତି। ବର୍ତ୍ତମାନ ଘନ ପର୍ଣ୍ଣପାତୀ ଯୋଗୁଁ ଦର୍ଶନ କଷ୍ଟକର ହେଲେ ମଧ୍ୟ ଜିନତ ପରିବାରର ଉପସ୍ଥିତି ଉତ୍ତର ଶିମିଳିପାଳ ପାଇଁ ନୂତନ ଅଧ୍ୟାୟର ଆରମ୍ଭ ବୋଲି ବିବେଚନା କରାଯାଉଛି। ନିକଟରେ ଶିମିଳିପାଳ ଲ୍ୟାଣ୍ଡସ୍କାପରେ ୧୮ଟି ବାଘୁଣୀ ଓ ୧୭ଟି ବାଘ ମିଶି ମୋଟ ୩୫ଟି ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୯ଟି କଳାବାଘ ରହିଛନ୍ତି। ସେହିପରି ଜିନତର ୪ ଶାବକ ସମେତ ମୋଟ ୧୬ଟି ଶାବକ ରହିଛନ୍ତି। ଯାହାକି ବର୍ଷକ ପରେ ଶିମିଳିପାଳରେ ବାଘ ସଂଖ୍ୟା ୫୦ ଅତିକ୍ରମ କରିବ।

**ଘଞ୍ଚ ପରିବେଶ ସହ ବନ୍ୟପ୍ରାଣୀ ଶିକାର ହୋଇପାରେ କାରଣ**

# ବିଞ୍ଝୀଧର ଜଳପ୍ରପାତ ବିକାଶ କାମ ନିମ୍ନମାନର ଅଭିଯୋଗ



ବିଶୋଇ, ୧୯।୭ (ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କୁହାଯାଉଥିବା ମୟୂରଭଞ୍ଜ ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମି ବିକାଶ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ଦେଖାଉଥିବାବେଳେ ବହୁ ଅଞ୍ଚଳରେ ନିମ୍ନମାନର କାମକୁ ନେଇ ଅଭିଯୋଗ ହୋଇଛି। ଫଳରେ ଅନେକ ପର୍ଯ୍ୟଟନ ସ୍ଥଳୀ ସମେତ ଦୁର୍ଗମ ଅଞ୍ଚଳର ବିକାଶରେ ବାଧା ସୃଷ୍ଟି ହୋଉଛି। ଏଭଳି ଏକ ଅଭିଯୋଗ ଉକ୍ତ ଜିଲ୍ଲାର ବିଜାତଳା ବ୍ଲକ ସରଗଡ଼ା ପଞ୍ଚାୟତରେ ଥିବା ବିଞ୍ଝୀଧର ଜଳପ୍ରପାତରୁ ଆସିଛି। ଏହି ଜଳପ୍ରପାତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରହିଥିବାବେଳେ ଏହାର ଭିତ୍ତିଭୂମି ବିକାଶ ସହିତ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ରହିଆସୁଥିଲା। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ଥିବା ଏହି ଜଳପ୍ରପାତର ବିକାଶ ପାଇଁ ସରକାର ଆଗଭର ହେବା ସହିତ ଏହାର ବିକାଶ ପାଇଁ ଅନୁଦାନ ମଧ୍ୟ ପ୍ରଦାନ କରିଛନ୍ତି। ପରିତାପର ବିଷୟ ଏହି ଜଳପ୍ରପାତରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ନିମ୍ନମାନର ହେବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସରଗଡ଼ା ଓ ଚଢେଇପାହାଡ଼ି ପଞ୍ଚାୟତର ଗ୍ରାମବାସୀଙ୍କ ସହିତ ବିଜେପିର ୨୩ ଜଣିଆ ପ୍ରତିନିଧି ଦଳ ଉକ୍ତ ଜଳପ୍ରପାତ ନିକଟରେ ପହଞ୍ଚି ଏହାର ବିକାଶ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି।

ଜଳପ୍ରପାତ ବିକାଶ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାବେଳେ ଏହି କାର୍ଯ୍ୟସ୍ଥଳୀରେ କୌଣସି ସୂଚନାଫଳକ ନାହିଁ। ସେହିପରି ଜଳପ୍ରପାତ ନିକଟରେ ନିର୍ମାଣଧୀନ ନୂତନ ଗୃହ କାମ ମଧ୍ୟ ନିମ୍ନମାନର ହେବା ସହିତ ମୁଖ୍ୟ ରାସ୍ତାରୁ ଜଳ ପ୍ରପାତ ଯାଏଁ ହୋଉଥିବା କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ନିମ୍ନମାନର ହେବା ନେଇ ନେତୃତ୍ୱମଣ୍ଡଳୀ ଅନୁଧ୍ୟାନ କରିଛନ୍ତି। ଆଗାମୀ ଦିନରେ ଏହି ନିମ୍ନକାର୍ଯ୍ୟ ସମ୍ବନ୍ଧରେ ସ୍ଥାନୀୟ ସାରସକଣା ବିଧାୟକ ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯିବା ସହିତ କାର୍ଯ୍ୟ ହାତକୁ ନେଇଥିବା ସମ୍ପୃକ୍ତ ଠିକାଦାର ଓ କାର୍ଯ୍ୟକୁ ତଦାରଖ କରୁଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି ପ୍ରତିନିଧି ଦଳ ଓ ଦୁଇ ପଞ୍ଚାୟତବାସୀ ଦାବି କହିଛନ୍ତି। ବିଜେପି ଦଳର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ସ୍ୱରାଜ ମହାନ୍ତ, ବିଜାତଳା ବ୍ଲକ ସାଂସଦ ପ୍ରତିନିଧି ଅହମଦ ମହାନ୍ତ, ଏସ୍‌ଟି ମୋର୍ଚ୍ଚାର ଜିଲ୍ଲା ସଭାପତି କୁତଲୁ ହାଁସଦା, ଖନ୍ତ ମଣ୍ଡଳ ସଭାପତି ଲିଙ୍କନ ମହାନ୍ତ, ଜିଲ୍ଲା ଏକଜିକ୍ୟୁଟିଭ ସଦସ୍ୟ ମକରଧ୍ୱଜ ବେହେରା, ବାଞ୍ଛାନିଧି ବେହେରା, ଜିଲ୍ଲା ସୋସିଆଲ ମିଡ଼ିଆ ସେଲର ଜଗନ୍ନାଥ ମହାନ୍ତ, ଖନ୍ତ ମଣ୍ଡଳ ସାଧାରଣ ସମ୍ପାଦକ ଅନିରୁଦ୍ଧ ଗିରି ଓ ବୈଶିଷ୍ଟ୍ୟ ସି, ବସନ୍ତ ଗିରି, ବିଜାତଳା ମଣ୍ଡଳ ସାଧାରଣ ସମ୍ପାଦକ ବସନ୍ତ ଗିରି, ଧୀରେନ୍ଦ୍ର ମହାନ୍ତଙ୍କ ସମେତ ବଣକାଟି, ରାଇହରି, ବିଜାତଳା, ମୁଣ୍ଡାଠାକୁରା, ଚଢେଇପାହାଡ଼ି, ମାଣିକପୁର ଓ ଖନ୍ତ ପଞ୍ଚାୟତ ସଭାପତି ଓ ବୁଥ ସଭାପତି ପ୍ରମୁଖ ସାମିଲ ଥିଲେ।

**ବିଜେପି ପ୍ରତିନିଧି ଦଳର ଅନୁଧ୍ୟାନ**

- ସୌରଶକ୍ତି ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ

# ନେଟ୍ ମିଟରିଂରେ ୟୁନିଟ୍ ଗଡ଼ବଡ଼ ଅଭିଯୋଗ



ଆନନ୍ଦପୁର, ୧୯।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଅନେକ ଘରୋଇ ସୋଲାର ଉପଭୋକ୍ତା ବିଦ୍ୟୁତ ବିତରଣ କମ୍ପାନୀ ଟିପିଏନ୍‌ଓଡିଏଲ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମିଟରିଂ ଓ ବିଦ୍ୟୁତ ୟୁନିଟ୍ ହିସାବରେ ତାଳମେଳ ରହୁ ନଥିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉପଭୋକ୍ତାଙ୍କ ଅଭିଯୋଗ ଅନୁସାରେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବସିଡି ଏବଂ ବ୍ୟାଙ୍କ ଋଣ ସହାୟତାରେ ସେମାନେ ଘରେ ସୋଲାର ପ୍ଲାଣ୍ଟ ସ୍ଥାପନ କରିଥିଲେ। ଉଦ୍ଦେଶ୍ୟ ଥିଲା ନିଜସ୍ୱ ବିଦ୍ୟୁତ ଉତ୍ପାଦନ କରି ବିଦ୍ୟୁତ ବିଲ୍ କମାଇବା ଏବଂ ଅତିରିକ୍ତ ବିଦ୍ୟୁତକୁ ନେଟ୍ ମିଟରିଂ ମାଧ୍ୟମରେ ସଞ୍ଚୟ କରିବା; କିନ୍ତୁ ଅଭିଯୋଗ ହେଉଛି, ପ୍ରତିଦିନ ପ୍ରାୟ ୧୨ରୁ ୧୪ ୟୁନିଟ୍ ଏବଂ ମାସକୁ ୩୬୦ରୁ ୪୦୦ ୟୁନିଟ୍ ବିଦ୍ୟୁତ ଉତ୍ପାଦନ ହେଉଥିବା ସତ୍ତ୍ୱେ ନେଟ୍ ମିଟରରେ କେବଳ ୧୦୦ରୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ହିସାବ ଦେଖାଯାଉଛି। ବଳକା ୟୁନିଟ୍ ଯାଉଛି କୁଆଡେ ସେନେଇ ସ୍ପଷ୍ଟ ଉତ୍ତର ମିଳୁ ନଥିବା ନେଇ ଉପଭୋକ୍ତାମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ବିଭିନ୍ନ ଅଧିକାରୀଙ୍କଠାରୁ ଭିନ୍ନ ଭିନ୍ନ ଉତ୍ତର ମିଳୁଛି। କେହି ଦିନ ଓ ରାତିର ବିଦ୍ୟୁତ ବ୍ୟବହାରକୁ କାରଣ ଦର୍ଶାଉଥିବା ବେଳେ, ଆଉ କେହି ମିଟରର ତ୍ରୁଟି ଥିବା କହୁଛନ୍ତି; ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନଥିବାରୁ ଉପଭୋକ୍ତାମାନେ ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି। ସୋଲାର ପାଇଁ ଋଣ କରି କିସ୍ତି ସହ ବିଦ୍ୟୁତ ବିଲ୍ ପରିଶୋଧ କରିବା ସାଧାରଣ ପରିବାର ପାଇଁ କଷ୍ଟସାଧ ହୋଇପଡ଼ିଛି। ସୋଲାର ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ପ୍ରତିମାସରେ ସଂଯୁକ୍ତ କରି ବାର୍ଷିକ ଉତ୍ପାଦନ ପରିମାଣର ଏକ ବନ୍ଦୋବସ୍ତ କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି। ଏହି ଅଭିଯୋଗ ଉପରେ ଟିପିଏନ୍‌ଓଡିଏଲ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

- ଦୋକାନରୁ ସଉଦା କିଣି ଫେରୁଥିଲେ

# ହାତୀ ଆକ୍ରମଣରେ ଗଲା ଜୀବନ



କେନ୍ଦୁଝର, ୧୯।୭ (ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ତଳରତୁଆଁ ଗାଁରେ ଅଭାବନୀୟ ଘଟଣା ଘଟିଛି। ଗତକାଲି ରାତି ୮ଟାରେ ସାରୁକୁଦର ଗ୍ରାମରୁ ସଉଦା କିଣି ଘରକୁ ଫେରିବା ବେଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନରୋତ୍ତମ ଜୁଆଙ୍ଗ(୪୮)। ଘଟଣାରୁ ପ୍ରକାଶ ଯେ ବାଂଶପାଳ ବ୍ଲକ ତଳରତୁଆଁ ଗ୍ରାମର ନରୋତ୍ତମ ଜୁଆଙ୍ଗ ଦୋକାନରୁ ସଉଦା କିଣି ଘରକୁ ଫେରିବା ସମୟରେ ହାତୀ ହାବୁଡରେ ପଡ଼ିଥିଲେ। ନରୋତ୍ତମଙ୍କୁ ହାତୀ ଶୁଣ୍ଢରେ ଟେକି ନେଇ ଧାନ ବିଲ ମଧ୍ୟକୁ ଫିଙ୍ଗି ଦେବାରୁ ସେ ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଂଶପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବାଂଶପାଳ ଅଞ୍ଚଳରେ ୧୨ ଟିକିଆ ହାତୀପଲ ବୁଲୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସପ୍ତାହକ ମଧ୍ୟରେ ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ତୁରନ୍ତ ହାତୀପଲଙ୍କୁ ଅନ୍ୟତ୍ର ଘଉଡାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ହାତୀପଲ ଉକ୍ତ ଅଞ୍ଚଳରେ ରହି ଧନଜୀବନ ପ୍ରତି ବିପଦ ରହୁଥିବାରୁ ଲୋକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।

## ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ

# 'ମହିଳାଙ୍କ ବିକାଶ ନୁହେଁ; ନେବେ ବିକାଶର ନେତୃତ୍ୱ'

ବାରିପଦା, ୧୯।୭ (ସମିସ)



ରାଜ୍ୟରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ, ସ୍ୱାବଲମ୍ବନ ଓ ମହିଳା ନେତୃତ୍ୱାଧୀନ ବିକାଶକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ' ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବ୍ଲକସ୍ତରୀୟ ମହାସଂଘ (ବିଏଲଏଫ୍)ର ସଦସ୍ୟ ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ସହ ପୃଥକ୍ ପୃଥକ୍ ବାର୍ତ୍ତାଳାପ କରାଯିବା ସହ ମହିଳା ସଶକ୍ତୀକରଣ, ଉଦ୍ୟୋଗ ବିକାଶ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାଙ୍କ ବିକାଶ ନୁହେଁ, ମହିଳା ନେବେ ବିକାଶର ନେତୃତ୍ୱ ନେବା ଉଚିତ। ରାଜ୍ୟ ସରକାରଙ୍କ ଲକ୍ଷ୍ୟ କେବଳ ମହିଳାଙ୍କ କଲ୍ୟାଣ ସୁନିଶ୍ଚିତ କରିବା ନୁହେଁ, ବରଂ ସେମାନଙ୍କୁ ରାଜ୍ୟର ବିକାଶ ପ୍ରକ୍ରିୟାର ଅଗ୍ରଣୀ ଭାଗୀଦାର ଭାବେ ଗଢ଼ି ତୋଳିବା। 'ସୁଭଦ୍ରା' ଯୋଜନା ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କୁ ଉଦ୍ୟୋଗୀ ଓ ନିଷ୍ପତ୍ତି ଗ୍ରହଣକାରୀ ଭାବେ ସଶକ୍ତ କରିବାର ଏକ ଯୁଗାନ୍ତକାରୀ ପଦକ୍ଷେପ। ସେ କହିଥିଲେ ଯେ, ବ୍ଲକସ୍ତରୀୟ ମହାସଂଘ ଓ ସ୍ୱୟଂସହାୟକ ଗୋଷ୍ଠୀ ତୃଣମୂଳ ସ୍ତରରେ ଏହି ପରିବର୍ତ୍ତନର ପ୍ରମୁଖ ବାହକ। ସ୍ଥାନୀୟ ସମ୍ଭାବନାକୁ ଚିହ୍ନଟ କରି ଅଧିକରୁ ଅଧିକ ମହିଳାଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢ଼ି ତୋଳିବା, ମହିଳା ଉଦ୍ୟୋଗ ସୃଷ୍ଟି, ଡିଜିଟାଲ୍ ଆର୍ଥିକ କାରବାରକୁ ପ୍ରୋତ୍ସାହନ, ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂ ଓ ବଜାର ସଂଯୋଗକୁ ସୁଦୃଢ଼ କରିବା ସହ ପୁଷ୍ଟିସାଧନ, ପରିମଳ, ବୃକ୍ଷରୋପଣ, ବାଲ୍ୟ ବିବାହ ନିରାକରଣ, ନିଶାମୁକ୍ତ ସମାଜ ଗଠନ ଓ କୁପୋଷଣମୁକ୍ତ ଓଡ଼ିଶା ନିର୍ମାଣରେ ମହିଳାମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ ଜଣାଇଥିଲେ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ରାଜ୍ୟସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ପ୍ରତ୍ୟେକ ମହିଳାଙ୍କ ନିକଟରେ ପହଞ୍ଚାଇବାରେ ସୁଭଦ୍ରା ଶକ୍ତି ଏକ ସଶକ୍ତ ମାଧ୍ୟମ। ଏ ଅବସରରେ ବିଏଲ୍‌ଏଫ୍‌ର ସାଙ୍ଗଠନିକ ସୁଦୃଢ଼ୀକରଣ, ଲକ୍ଷପତି ଦିଦି ସୃଷ୍ଟି, ସୁଭଦ୍ରା ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ବ୍ୟାଙ୍କିଙ୍ଗ୍ ଓ ଡିଜିଟାଲ୍ ଆର୍ଥିକ କାରବାରର ସମ୍ପ୍ରସାରଣ, ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂ ଓ ବଜାର ସଂଯୋଗ, ପୁଷ୍ଟିସାଧନ, ପରିମଳ, ବୃକ୍ଷରୋପଣ, ବାଲ୍ୟ ବିବାହ ନିରାକରଣ ଓ କୁପୋଷଣମୁକ୍ତ ଓଡ଼ିଶା ଗଠନ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରାଯାଇଥିଲା। ଏଥିସହ ଆଗାମୀ ୬ ମାସ ପାଇଁ ଏକ ସମନ୍ୱିତ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରି ମୟୂରଭଞ୍ଜ ଓ ବାଲେଶ୍ୱରର ପ୍ରତ୍ୟେକ ପଞ୍ଚାୟତରେ ଅତିକମରେ ଗୋଟିଏ ସଫଳ ସ୍ୱୟଂସହାୟକ ଗୋଷ୍ଠୀ ଉଦ୍ୟୋଗ ସୃଷ୍ଟି କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସମ୍ମିଳନୀର ପ୍ରଥମ ଅଧିବେଶନରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାୟ ୫୦୦ରୁ ଅଧିକ ବ୍ଲକସ୍ତରୀୟ ମହାସଂଘ (ବିଏଲ୍‌ଏଫ୍)ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହ ସଂଗଠନର ଭୂମିକା, ମହିଳା ଉଦ୍ୟୋଗ ବିକାଶ, ଭବିଷ୍ୟତ କାର୍ଯ୍ୟ ଯୋଜନା ସମ୍ପର୍କରେ ସିଧାସଳଖ ବିସ୍ତୃତ ବାର୍ତ୍ତାଳାପ ଉପମୁଖ୍ୟମନ୍ତ୍ରୀ ଓ ଉପସ୍ଥିତ ସଦସ୍ୟ ମଧ୍ୟରେ ହୋଇଥିଲା।। ସେହିପରି ଦ୍ୱିତୀୟ ଅଧିବେଶନରେ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୮୦୦ରୁ ଅଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍‌ଏସ୍)ଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ତୃଣମୂଳ ସ୍ତରରେ ମିଶନ ଶକ୍ତି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିରନ୍ତର ସହଯୋଗ, ମହିଳାଙ୍କ ଆର୍ଥିକ ଓ ସାମାଜିକ ସଶକ୍ତୀକରଣ, ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଦିଗରେ ଅଧିକ ନିଷ୍ଠା, ସମନ୍ୱୟ ଓ ସକ୍ରିୟତାର ସହ କାର୍ଯ୍ୟ କରିବାକୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ଆହ୍ୱାନ ଜଣାଯାଇଥିଲା। ଉକ୍ତ ସମ୍ମିଳନୀରେ ମନ୍ତ୍ରୀ ଡା ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ମିଶନ ଶକ୍ତି ବିଭାଗର ଅତିରିକ୍ତ ସଚିବ ଶୈଳେନ୍ଦ୍ର ଜେନା ଓ ଜିଲ୍ଲା ଭାରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

**ବିଏଲ୍‌ଏଫ୍ ସଦସ୍ୟ ଓ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଭାବବିନିମୟ**

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

### ଆଜିର ଇତିହାସ

- ୧୨୯୬-ଆଲ୍ଲାଉଦ୍ଦିନ୍ ଖିଲଜି ନିଜକୁ ଦିଲ୍ଲୀର ସୁଲ୍‌ତାନ ଘୋଷଣା କଲେ।
- ୧୯୦୩- ଫୋର୍ଡ ମୋଟର କମ୍ପାନି ତା'ର ପ୍ରଥମ କାର୍ ବଜାରକୁ ଛାଡ଼ିଲା।
- ୧୯୪୯- ଇସ୍ରାଏଲ ଓ ସିରିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ୧୯୬୯- ନୀଲ ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପାଦ ଦେଲେ।
- ୨୦୦୨- ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ବିମାନ ସେବା ଆରମ୍ଭ।
- ୨୦୦୫- କାନାଡ଼ାରେ ସମଲିଙ୍ଗୀ ବିବାହକୁ ଆଇନ ମାନ୍ୟତା।



## ଅନ୍ତର୍ଜାତୀୟ ଚେସ୍ ଦିବସ

ପ୍ରତିବର୍ଷ ଜୁଲାଇ ୨୦ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରାଯାଏ। ୧୯୨୪ ମସିହା ଜୁଲାଇ ୨୦ ତାରିଖରେ ପ୍ୟାରିସ୍‌ଠାରେ ଆନ୍ତର୍ଜାତୀୟ ଚେସ୍ ମହାସଂଘ ଗଠନ କରାଯାଇଥିଲା। ୧୯୬୬ ମସିହାରେ ୟୁନେସ୍କୋର ପ୍ରସ୍ତାବ କ୍ରମେ ପ୍ରଥମ କରି ଏହି ଦିନକୁ ଚେସ୍ ଦିବସ ଭାବେ ପାଳନ କରାଗଲା। ଚେସ୍ ହେଉଛି ରଣନୀତି ଏବଂ ବୌଦ୍ଧିକ ଦକ୍ଷତାର ଏକ ଖେଳ ଯାହା ସମଗ୍ର ବିଶ୍ୱରେ ଲୋକପ୍ରିୟ। ଏହା ସ୍ମରଣଶକ୍ତି, ମାନସିକ ଦକ୍ଷତା, ଗଣନା କ୍ଷମତା, ଭାବନା ଶକ୍ତି, ସୃଜନଶୀଳତା, ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରିଥାଏ। ଏହା ସବୁ ବୟସରେ ଖେଳିହୁଏ। ଚେସ୍ ଖେଳ ଅନ୍ୟ ଖେଳଠାରୁ ସମ୍ପୂର୍ଣ୍ଣ ଭିନ୍ନ। 'ଚେସ୍' ଦୁଇ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଖେଳାଯାଉଥିବା ପ୍ରାଚୀନ, ବୌଦ୍ଧିକ ଓ ସାଂସ୍କୃତିକ ଖେଳଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏଥିରେ ତାଳି ନ ଥାଏ କି ଜୟ ପରାଜୟରେ କୌଣସି ଶବ୍ଦ ବା ଚିତ୍କାର ବି ନ ଥାଏ। ଅନ୍ତରାଷ୍ଟ୍ରୀୟ ଅଲିମ୍ପିକ୍ ସମିତି ଫିଡେକୁ ୧୯୯୯ରେ ଏକ ବିଶ୍ୱସ୍ତରର ଖେଳ ସଂଗଠନର ମାନ୍ୟତା ପ୍ରଦାନ କରିଛି। ଚତୁର୍ଥରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଭାରତରେ ଚେସ୍ ଖେଳର ଉଦ୍ଭବ ହୋଇଥିବା କଥା କୁହାଯାଏ। ପ୍ରଥମେ ଏହାର ନାମ ଥିଲା 'ଚତୁରଙ୍ଗ'। ଗୁପ୍ତବଂଶ ଶାସନ କାଳରେ ଏହାର ପ୍ରଚାର ପ୍ରସାର ହୋଇଥିବା କଥା କୁହାଯାଏ। ସେତେବେଳେ ଯୁଦ୍ଧ ରଣନୀତି ଓ ବୁଦ୍ଧିର ବିକାଶ ପାଇଁ ଚେସ୍ ଖେଳାଯାଉଥିଲା। ଏହା ଭାରତରୁ ପରେ ପର୍ସିଆ ଓ ୟୁରୋପକୁ ବ୍ୟାପିଥିଲା। ପ୍ରାଚୀନ କାଳରୁ ଚେସ୍‌କୁ ମାନସିକ ଶକ୍ତିର ଏକ ଖେଳ ରୂପେ ଖେଳାଯାଉଛି। ଏହାକୁ ଯେକୌଣସି ସ୍ଥାନ ଓ ସମୟରେ ଖେଳାଯାଇ ପାରିବ। ଭାରତରେ ଚେସ୍‌କୁ ଅଧିକ ଲୋକପ୍ରିୟ କରିବାରେ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କର ବଡ଼ ଯୋଗଦାନ ରହିଛି। ଜଣେ ଅନ୍ୟ ଜଣକୁ ଚେସ୍ ଖେଳିବା ଶିଖାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହା ଦ୍ୱାରା ନୂଆ ପିଢ଼ିଙ୍କ ମଧ୍ୟରେ ଏହି ଖେଳ ପ୍ରତି ଆଗ୍ରହ ବଢ଼ିବ।

## ଝୁମରକୁ ବିବାହ କଲେ ମହିଳା

ପ୍ରେମ ଏବଂ ସମ୍ପର୍କର ଦୁନିଆରେ ଏମିତି ଅନେକ ଆଶ୍ଚର୍ଯ୍ୟଜନକ କାହାଣୀ ଦେଖିବାକୁ ମିଳେ, ଯାହା ସାଧାରଣ ମଣିଷର ଚିନ୍ତାଧାରା ବାହାରେ ହୋଇଥାଏ। ଏହି କ୍ରମରେ ବ୍ରିଟେନର ୪୨ ବର୍ଷୀୟା ଅମାଣ୍ଡା ଲିବର୍ଟି ନାମକ ଜଣେ ମହିଳା ନିଜ ସ୍ୱାମୀଙ୍କଠାରୁ ଧୋକା ପାଇବା ପରେ ଏକ ୯୮ ବର୍ଷ ପୁରୁଣା ଝୁମର(ଲୁମିୟର)କୁ ୨୦୧୯ ମସିହାରେ ବିବାହ କରିଥଲେ। ବିବାହ ପୂର୍ବରୁ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି' ସହ ତାଙ୍କର ପ୍ରେମ ସମ୍ପର୍କ ଥିବା କଥା ମଧ ସେ ସ୍ୱୀକାର କରିଛନ୍ତି। ଅମାଣ୍ଡା ସ୍ୱାମୀଙ୍କ ଠାରୁ ଧୋକା ଖାଇବା ପରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପ୍ରେମରେ ପଡ଼ିଥିଲେ। ପରେ ଇବେରେ 'ଲୁମିନର'କୁ ଭେଟିବା ପରେ ପ୍ରଥମ ଦେଖାରେ ସେ ପ୍ରେମରେ ପଡ଼ି ଯାଇଥିଲେ। ଅମାଣ୍ଡା ନିଜକୁ 'ଅବଜେକ୍ଟମ୍ ସେକ୍ସୁଆଲ' କୁହନ୍ତି। ଏଭଳି ସ୍ଥିତିରେ ଅନେକ ସମୟରେ ମଣିଷଠାରୁ ଧୋକା ବା ମାନସିକ ଆଘାତ ପାଇବା ପରେ ଲୋକେ ନିର୍ଜୀବ ବସ୍ତୁ ସହିତ ସମ୍ପର୍କ ଗଢ଼ନ୍ତି। ବସ୍ତୁଗୁଡ଼ିକ କେବେ ପ୍ରତାରଣା କରନ୍ତି ନାହିଁ କିମ୍ବା ସେମାନଙ୍କୁ ଛାଡ଼ି ଚାଲିଯାଆନ୍ତି ନାହିଁ ସେମାନେ ଭାବନ୍ତି। ଅମାଣ୍ଡା ଲୁମିନର ସହ ପ୍ରେମ ସମ୍ପର୍କରେ ରହିବା ପରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଅମାଣ୍ଡାଙ୍କ ଏଇ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅନେକେ ଏହାକୁ ପ୍ରେମର ନୂଆ ପରିଭାଷା ବୋଲି କହୁଥିବାବେଳେ ଆଉ କେତେଜଣ ଏହାକୁ ଏକପ୍ରକାର ବିକୃତ ମାନସିକ ସ୍ଥିତି ବୋଲି କହୁଛନ୍ତି।



## 'ନାଗଜିଲା'ରେ ରବି କିଷନ

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଏବେ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେ ପ୍ରଥମ ଥର ପାଇଁ ପରଦା ଉପରେ ଏକ ଇଚ୍ଛାଧାରୀ ନାଗ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ହରର୍-କମେଡି ଡ୍ରାମାର ହିରୋଇନ୍ ମଧ ଫାଇନାଲ୍ ହୋଇଯାଇଛନ୍ତି। ଏଥିରେ ଏବେ ଆଉ ଜଣେ ଅଭିନେତାଙ୍କ ଏଣ୍ଟ୍ରି ହୋଇଥିବା ଖବର ଆସିଛି। ଏହି ଅଭିନେତା ଜଣକ ହେଉଛନ୍ତି ରବି କିଷନ। ଚଳଚ୍ଚିତ୍ର 'ଲାପତା ଲେଡିଜ୍' ଏବଂ ୱେବ୍ ସିରିଜ୍ 'ମାମଲା ଲିଗାଲ୍ ହେ'ର ସଫଳତା ପରେ ହିନ୍ଦୀ ସିନେମାରେ ରବି କିଷନଙ୍କ ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ଏବେ ସେ କାର୍ତ୍ତିକଙ୍କ ଫିଲ୍ମ 'ନାଗଜିଲା'ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବେ। ଏଥିରେ ସେ ଖଳନାୟକ ଭାବେ ନଜର ଆସିବେ। 'ଫୁକ୍‌ରେ' ଚଳଚ୍ଚିତ୍ର ଫେମ୍ ମୃଗଦୀପ ସିଂହ ଲାମ୍ବାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ରକୁ କରନ୍ ଜୋହର ଏବଂ ମହାବୀର ଜୈନ ମିଶି ନିର୍ମାଣ କରୁଛନ୍ତି। 'ନାଗଜିଲା'ରେ ରବି କିଷନଙ୍କୁ କାଷ୍ଟ କରାଯିବା ନେଇ ନିଜେ ମହାବୀର ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, 'ରବି କିଷନଙ୍କ ସହ କାମ କରିବା ଏକ ଭଲ ଅନୁଭବ ଥିଲା। ସେ ଜଣେ ପ୍ରତିଭାବାନ୍ ଅଭିନେତା। 'ନାଗଜିଲା'ରେ ସେ ଏକ ନିଆରା ଭୂମିକା ନିଭାଉଛନ୍ତି। ଏହି ଫିଲ୍ମ ମାଧ୍ୟମରେ କାର୍ତ୍ତିକ ଓ ସେ ବଡ଼ ପରଦାରେ ପ୍ରଥମ ଥର ପାଇଁ ଏକାଠି କାମ କରିଛନ୍ତି। ସେଟ୍‌ରେ ଦୁହେଁ ମିଶି ଖୁବ୍ ମଜାମସ୍ତି କରିଥିଲେ।" 'ନାଗଜିଲା'ରେ କାର୍ତ୍ତିକଙ୍କ ସହ ଅଭିନେତ୍ରୀ ପ୍ରୀତି ମୁଖୁନ୍ଦନ ମୁଖ୍ୟ ଭୂମିକାରେ ଅଛନ୍ତି। ପ୍ରୀତି ଏହି ଫିଲ୍ମରେ କାମ କରିବା ପୂର୍ବରୁ ତେଲୁଗୁ, ତାମିଲ ଓ ମଲାୟାଲମ୍ ଫିଲ୍ମରେ କାମ କରିଥିଲେ। ଚଳଚ୍ଚିତ୍ରର ସୁଟିଂ ଶେଷ ହୋଇ ବର୍ତ୍ତମାନ ପୋଷ୍ଟ-ପ୍ରଡକ୍ସନ ଏବଂ ଭିଏଫ୍‌ଏକ୍ସ କାମ ଚାଲିଛି। ଏହା ୨୦୨୭ ଫେବୃଆରୀ ୧୨ (ଭାଲେଣ୍ଟାଇନ୍ସ ସପ୍ତାହ)ରେ ପ୍ରେକ୍ଷାଳୟକୁ ଆସିବ।



## ସ୍ମୃତି

## କେବେ ତୋଳିବେନି ବେଲପତ୍ର



**ଭଗବାନ ଶିବଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ବେଲପତ୍ର। ଶିବଭକ୍ତ ମହାଦେବଙ୍କୁ ପ୍ରସନ୍ନ କରିବା ଲାଗି ବେଲପତ୍ର ଲାଗି କରନ୍ତି। ହିନ୍ଦୁ ପରମ୍ପରା ଅନୁସାରେ, କିଛି ବିଶେଷ ତିଥି ତଥା ଦିନରେ ବେଲପତ୍ର ଗଛରୁ ତୋଳିବାକୁ ବାରଣ କରାଯାଇଛି। ଯାହା ବାବଦରେ ଅନେକ ହୁଏତ ଜାଣନ୍ତି ନାହିଁ।**

ଶିବ ପୁରାଣ ଅନୁସାରେ, ବେଲପତ୍ର ସୋମବାର ତୋଳିବା ବର୍ଜନୀୟ। ସୋମବାର ଶିବଙ୍କ ପ୍ରିୟ ଦିନ। ତେଣୁ ସୋମବାରରେ ବେଲପତ୍ର ତୋଳିବାକୁ ମନା କରାଯାଏ। ସେହିପରି ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି, ଚତୁର୍ଥୀ, ଅଷ୍ଟମୀ, ନବମୀ, ତ୍ରୟୋଦଶୀ ଦିନ ମଧ୍ୟ ବେଲପତ୍ର ତୋଳିବା ବର୍ଜନୀୟ। ହିନ୍ଦୁ ମାନ୍ୟତାନୁସାରେ, ଏଭଳି କରିବା ଭଲ ନୁହେଁ ବୋଲି କୁହାଯାଇଛି। ଏହାବାଦ୍ ସୂର୍ଯ୍ୟାସ୍ତ ସମୟ ଏବଂ ରାତିରେ ବି ବେଲପତ୍ର ତୋଳିବା ବର୍ଜନୀୟ। ତେବେ ଏହି ବିଶେଷ ଦିନରେ ଶିବଙ୍କ ପୂଜାରେ ବେଲପତ୍ର ଲାଗି କରିବା ପାଇଁ ଏହାକୁ ଦିନକୁ ପୂର୍ବରୁ ତୋଳି ରଖିବା ଉତ୍ତମ। କାରଣ ଶିବପୂଜା ପାଇଁ ବେଲପତ୍ର କେବେ ବି ବାସି ହୋଇ ନ ଥାଏ। ଏଭଳି କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହୋଇଥାନ୍ତି।

## ହେରାପଞ୍ଚମୀ

## ଅଭିମାନରେ ନନ୍ଦିଘୋଷ ରଥ ଭାଙ୍ଗନ୍ତି ମହାଲକ୍ଷ୍ମୀ

**ଆଜି ହେଉଛି ପବିତ୍ର ହେରାପଞ୍ଚମୀ। ଏହା ରଥଯାତ୍ରାର ଏକ ବିଶେଷ ନୀତି। ରଥଯାତ୍ରାରୁ ପଞ୍ଚମ ଦିବସରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀରେ ଏହା ପାଳିତ ହୋଇଥାଏ। ମହାପ୍ରଭୁ ଗୁଣ୍ଡିଚା ଘରେ ବିଜେ କରିଥିବା ସମୟରେ ଏହି ନୀତି ପାଳିତ ହୋଇଥାଏ। ଏଥିରେ ଦାମ୍ପତ୍ୟ ଜୀବନର ମାନ ଅଭିମାନ ପ୍ରତିଫଳନ ଦେଖିବାକୁ ମିଳିଥାଏ। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯାଇଥାନ୍ତି। କିନ୍ତୁ ସାଙ୍ଗରେ ମା' ଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ଅଭିମାନ କରନ୍ତି। ସେଥିପାଇଁ ମହାଲକ୍ଷ୍ମୀ ରାଗରେ ନନ୍ଦିଘୋଷ ରଥର ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି।**



'ଦେଖା ହେବା' ବା 'ଦର୍ଶନ କରିବା' ବିଧିକୁ ଶ୍ରୀମନ୍ଦିର ଭାଷାରେ 'ହେରା' କୁହାଯାଏ। ହେରାପଞ୍ଚମୀକୁ ନେଇ ଏକ ଉପାଖ୍ୟାନ ଅଛି। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରଥଯାତ୍ରା ଦିନ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଫଳରେ ଲକ୍ଷ୍ମୀଙ୍କ ମନ ଦୁଃଖ ହୁଏ। ନିଜର ଦୁଃଖ ସେ ମା' ବିମଳାଙ୍କ ପାଖରେ ପ୍ରକାଶ କରନ୍ତି। ମା' ବିମଳା ମହାଲକ୍ଷ୍ମୀଙ୍କୁ ସାନ୍ତ୍ୱନା ଦିଅନ୍ତି। ଏହା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଗୋପନରେ ଯାତ୍ରା କରନ୍ତି। ଏହି ପରମ୍ପରା ଆଧାରରେ ହେରାପଞ୍ଚମୀ ନୀତି ପାଳିତ ହୁଏ।

ଏହିଦିନ ଶ୍ରୀମନ୍ଦିରର ଭଣ୍ଡାର ଘରେ ବିଜେ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା, ବନକଲାଗି, ପାଟ, ଅଳଙ୍କାର ଲାଗି ପରେ ପନ୍ତି ଭୋଗ ହୁଏ। ମା' ଲକ୍ଷ୍ମୀ ପାଲିଙ୍କିରେ ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ଘର ରଥ ପାଖକୁ ଯାଆନ୍ତି। ଘଣ୍ଟ, କାହାଳି ବାଜାରେ ପରିବେଶ ମୁଖରିତ ହୁଏ। ମହାଲକ୍ଷ୍ମୀଙ୍କ ବିମାନ ନାକଚଣା ଦ୍ୱାର ଦେଇ ଗଲାବେଳେ ତେନ୍ତୁଳି ଗଛ ମୂଳରେ ବନ୍ଦାପନା ହୁଏ। ଏହାପରେ ମା' ଲକ୍ଷ୍ମୀଙ୍କ ବିମାନକୁ ରଥ ପାଖକୁ ନିଆଯାଏ। ତେବେ ମହାଲକ୍ଷ୍ମୀ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଆନ୍ତି ନାହିଁ। ଗୁଣ୍ଡିଚା ମନ୍ଦିରରେ ବିଜେ କରି ଶ୍ରୀ ଜଗନ୍ନାଥଙ୍କ ସହ ଭେଟ ନ ହେବାରୁ ମା' ଲକ୍ଷ୍ମୀ ଅଭିମାନ କରନ୍ତି। ସେଥିପାଇଁ ସେ ରାଗରେ ନନ୍ଦିଘୋଷ ରଥର ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି। ରଥ କାଠ ଭାଙ୍ଗିବାର କାରଣ ହେଲା, ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ ଭଉଣୀ ସୁଭଦ୍ରାଙ୍କୁ ନେଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଅନ୍ୟପଟେ ମା' ଲକ୍ଷ୍ମୀ ଯେଭଳି ଭାବେ ଗୁଣ୍ଡିଚା ମନ୍ଦିରକୁ ଶୋଭାଯାତ୍ରାରେ ଯାଆନ୍ତି, ପ୍ରତ୍ୟାବର୍ତ୍ତନ ତାଙ୍କର ବେଶ୍ ନିରାଡମ୍ବର ଭାବେ ହୋଇଥାଏ। ହେରାଗୋହିରୀ ସାହି ବାଟେ ଲକ୍ଷ୍ମୀଙ୍କୁ ବଡ଼ ଦେଉଳକୁ ବାହୁଡ଼ା ବିଜେରେ ଅଣାଯାଏ। ଏହାପରେ ପ୍ରତ୍ୟାଗମନ ପଇଁ ରଥ ଦକ୍ଷିଣାଭିମୁଖୀ କରାଯିବା ନିମନ୍ତେ ମହାପ୍ରଭୁ ଆଦେଶ ଦେଇଥାନ୍ତି। ଫଳରେ ହେରା ପଞ୍ଚମୀ ପରଦିନ ପ୍ରଭୁଙ୍କର ଆଜ୍ଞାମାଳ ଦିଆଯିବା ପରେ ରଥ ଦକ୍ଷିଣମୋଡ଼ ହୋଇଥାଏ। ତେବେ ଏହି ଧାର୍ମିକ ନୀତି ପଛରେ ସାମାଜିକ ଭାବ ଜଡ଼ିତ ହୋଇ ରହିଛି। ଏଣୁ ହେରାପଞ୍ଚମୀକୁ ଦାମ୍ପତ୍ୟ ଅଭିମାନର ପ୍ରତୀକ ଭାବେ ବିବେଚନା କରାଯାଏ।

## ଅମାବାସ୍ୟାରେ ରାଶି ଅନୁସାରେ ଦାନ

**ହିନ୍ଦୁ ଧର୍ମରେ ଅମାବାସ୍ୟ ଦିନ ଶ୍ରଦ୍ଧା ଓ ସାମର୍ଥ୍ୟ ମୁତାବକ କରାଯାଉଥିବା ଦାନକୁ ଶୁଭ ବୋଲି କୁହାଯାଏ। ଏହିଦିନ ରାଶି ଅନୁସାରେ, ଦାନ କରିବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ ଏବଂ ଜୀବନରେ ସକାରାତ୍ମକତା ସଂଚାର ହୁଏ। କେଉଁ ରାଶି କ'ଣ ଦାନ କରିବା ଶୁଭ, ସେ ସମ୍ପର୍କରେ ଜାଣିବା।**



**ମେଷ:** ପିତୃପୁରୁଷଙ୍କୁ ନିୟମିତ ଜଳ, ଗୁଡ଼ ଦାନ କରିବା ଉଚିତ।
**ବୃଷ:** ଏହିଦିନ ଧନ ଓ ଅନ୍ନ ଦାନ କରିବା ବୃଷ ରାଶି ବ୍ୟକ୍ତିଙ୍କ ପାଇଁ ଶୁଭ।
**ମିଥୁନ:** ଏହି ରାଶି ବ୍ୟକ୍ତିବିଶେଷ ଆଖୁରସ ତଥା ଶୀତଳ ଜଳ ଦାନ କରିବା ଉଚିତ।
**କର୍କଟ:** କର୍କଟ ରାଶି ବ୍ୟକ୍ତି ଅମାବାସ୍ୟାରେ ଅନ୍ନ ଦାନ କରିବା ଲାଭକାରୀ।
**ସିଂହ:** ଗୁଡ଼, ଚଣା ଏବଂ ସରବତ ସିଂହ ରାଶି ବ୍ୟକ୍ତିବିଶେଷଙ୍କ ପାଇଁ ଅମାବାସ୍ୟାରେ ଦାନ କରିବା ମଙ୍ଗଳକାରୀ।
**କନ୍ୟା:** କନ୍ୟା ରାଶିଧାରୀ ଏହିଦିନ ଘିଅରେ ପ୍ରସ୍ତୁତ ବ୍ୟଞ୍ଜନ ଦାନ କରନ୍ତୁ।
**ତୁଳା:** ଏହିଦିନ ବ୍ରାହ୍ମଣଙ୍କୁ ଭୋଜନ ଦେବା ସହ ଧଳା ବସ୍ତ୍ର ଦାନ କରନ୍ତୁ।
**ବିଛା:** ଗୁଡ଼, ନାଲି ବସ୍ତ୍ର ଏବଂ ମସୁର ଡାଲି ବିଛା ରାଶି ବ୍ୟକ୍ତି ଅମାବାସ୍ୟାରେ ଦାନ କରନ୍ତୁ।
**ଧନୁ:** ମିଠା, କଦଳୀ, ଏବଂ ହଳଦିଆ ବସ୍ତ୍ର ଅମାବାସ୍ୟାରେ ଧନୁ ବ୍ୟକ୍ତି ଦାନ କଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ।
**ମକର:** ମକର ରାଶିଧାରୀ କଳା ରାଶି ଏବଂ ଲୁହା ସାମଗ୍ରୀ ଦାନ କରିବା ଉଚିତ।
**କୁମ୍ଭ:** ଧନ ତଥା ଜୋତା, ଚପଲ କୁମ୍ଭ ରାଶି ବ୍ୟକ୍ତି ବିଶେଷ ଅମାବାସ୍ୟାରେ ଦାନ କରନ୍ତୁ।
**ମୀନ:** ଶୀତଳ ଜଳ ଏହି ଦିନ ଦାନ କରିବା ମୀନ ରାଶିଙ୍କ ପାଇଁ ମଙ୍ଗଳଦାୟୀ।

## ମଙ୍ଗଳବାର ମଙ୍ଗଳସୂତ୍ର କିଣିବା ମନା

**ପ୍ରତ୍ୟେକ ସଧବା ନାରୀଙ୍କ ମୁଖ୍ୟ ଆଭୂଷଣ ମଙ୍ଗଳସୂତ୍ର। ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ସୁଖ, ସମୃଦ୍ଧି କାମନା କରି ବିବାହିତ ମହିଳାମାନେ ଗଳାରେ ପରିଧାନ କରିଥାନ୍ତି। ଏହା କଳା ମାଳି ଓ ସୁନାରେ ତିଆରି ହୋଇଥାଏ। ତେବେ ମଙ୍ଗଳସୂତ୍ରକୁ ନେଇ କିଛି ନିୟମ ଅଛି।**



- ମଙ୍ଗଳସୂତ୍ର ସର୍ବଦା ସୁନା ଏବଂ କଳା ମୋତିରେ ତିଆରି ପିନ୍ଧିବା ଉଚିତ।
- ସୁନା ଭଗବାନ ଶିବ ଏବଂ କଳା ମୋତି ହେଉଛି ମା' ପାର୍ବତୀଙ୍କ ପ୍ରତୀକ।
- ମଙ୍ଗଳବାର ଦିନ ମଙ୍ଗଳସୂତ୍ର କିଣିବା ଭଲ ନୁହେଁ।
- ବାରମ୍ବାର ଗଳାରୁ ମଙ୍ଗଳସୂତ୍ର ଉତାରିବା ଅନୁଚିତ।
- ମଙ୍ଗଳସୂତ୍ର କେବେ ବି ହାତରେ ପିନ୍ଧନ୍ତୁ ନାହିଁ।
- ମଙ୍ଗଳସୂତ୍ର ଅନ୍ୟ କାହାକୁ ଦିଅନ୍ତୁ ନାହିଁ।
- ସାବିତ୍ରୀ ବ୍ରତରେ ମଙ୍ଗଳସୂତ୍ର ପୂଜା କରନ୍ତୁ।
- ନୂଆ ମଙ୍ଗଳସୂତ୍ର ସବୁବେଳେ ପାର୍ବତୀ ମାତାଙ୍କୁ ସମର୍ପଣ କରିବା ପରେ ଧାରଣ କରନ୍ତୁ।






# ବିଶ୍ୱକପ୍‌ରେ ୨୨ଟି ଗୋଲ୍ ଦେବାରେ ଏମ୍‌ବାପେ ପ୍ରଥମ

ମିଆମି,୧୯।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ତୃତୀୟସ୍ଥାନ ମୁକାବିଲାରେ ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ୨ଟି ଗୋଲ ସ୍କୋର କରିଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ତାଙ୍କ ଗୋଲ୍ ସଂଖ୍ୟା ୧୦ରେ ପହଞ୍ଚିଛି। ଫାଇନାଲ ଖେଳିବା ପୂର୍ବରୁ ଆର୍ଜେଣ୍ଟିନାର ଲିଓନେଲ ମେସି ୮ ଟି ଗୋଲ୍ କରିଛନ୍ତି। ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ୭ଟି ଲେଖାଏଁ ଗୋଲ ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଓ ଫ୍ରାନ୍ସର ଓଉସ୍‌ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ଦେଇଛନ୍ତି।

ଚଳିତ ସଂସ୍କରଣରେ ୧୦ଟି ଗୋଲକୁ ମିଶାଇ ଫ୍ରାନ୍ସର କିଲିଆନ୍ ଏମ୍‌ବାପେ ସମସ୍ତ ବିଶ୍ୱକପ୍‌ରେ ୨୨ଟି ଗୋଲ ସ୍କୋର କରିଛନ୍ତି। ଫଳରେ ୨୨ଟି ଗୋଲ ଦେବାରେ ଏମ୍‌ବାପେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ପ୍ରଥମ ଖେଳାଳିଭାବେ ୨୧ଟି ଗୋଲ ଦେଇଥିବା ଲିଓନେଲ ମେସିଙ୍କୁ ଏହି ମ୍ୟାଚ୍‌ରେ ଏମ୍‌ବାପେ ଅତିକ୍ରମ କରିଥିଲେ। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି, ବ୍ରାଜିଲର ରୋନାଲ୍ଡୋ ୧୫ଟି, ଜର୍ମାନୀର ଗର୍ଡ ମୁଲର ୧୪ଟି, ଫ୍ରାନ୍ସର ଜଷ୍ଟ ଫୋଣ୍ଟେନ୍ ୧୩ଟି (ଗୋଟିଏ ବିଶ୍ୱକପ୍‌ରେ) ଓ ବ୍ରାଜିଲର ପେଲେ ୧୨ଟି ଗୋଲ୍ ସ୍କୋର କରି ଯଥାକ୍ରମେ ତୃତୀୟରୁ ସପ୍ତମ ସ୍ଥାନରେ ରହିଛନ୍ତି।

# ଫାଇନାଲ ଲାଗି ସୋମବାର ଭାରତର ୪ ରାଜ୍ୟରେ ସ୍କୁଲ ଛୁଟି

ବୁଲାୱାୟୋ, ୧୮।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଲାଗି ସୋମବାର ଭାରତର ୪ଟି ରାଜ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହି ୪ଟି ରାଜ୍ୟ ହେଲା କେରଳ, ମଣିପୁର, ମେଘାଳୟ ଓ ମିଜୋରାମ। ରବିବାର ରାତିରେ ଆର୍ଜେଣ୍ଟିନା ଓ ସ୍ପେନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଯାହା ଫଳରେ ଫୁଟବଲ ପାଗଳ ଏହି ୪ ରାଜ୍ୟର ଛାତ୍ରଛାତ୍ରୀମାନେ ସୋମବାର କ୍ଲାସରେ ଯୋଗଦେବା ବିଷୟରେ ଚିନ୍ତା ନକରି ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ରହି ମ୍ୟାଚ୍ ଉପଭୋଗ କରନ୍ତୁ ବୋଲି କୁହାଯାଇଛି। ମେଘାଳୟ ମୁଖ୍ୟମନ୍ତ୍ରୀ କେ. ସାଙ୍ଗମା ମଧ୍ୟ ଭୋର ସମୟରେ ବିଶ୍ୱକପ୍ ଫାଇନାଲ୍ ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଛୁଟି ଘୋଷଣା କରିଛନ୍ତି। 'ଫାଇନାଲ୍ ଉପଭୋଗ କରନ୍ତୁ' ବୋଲି ସେ ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଫୁଟବଲ୍ ହେଉଛି ମଣିପୁରର ସବୁଠାରୁ ଲୋକପ୍ରିୟ ଖେଳ। ଭାରତର ଅଧିକାଂଶ ଶ୍ରେଷ୍ଠ ଫୁଟବଲ କ୍ଲବଗୁଡ଼ିକର ମଣିପୁର, କେରଳ, ମେଘାଳୟର ଖେଳାଳିଙ୍କ ସର୍ବାଧିକ ପ୍ରତିନିଧିତ୍ୱ ଦେଖିବାକୁ ମିଳିଥାଏ।

# ଫ୍ରାନ୍ସ କୋଚ୍ ଡେସ୍‌ଚାମ୍ପଙ୍କ ଅବସର

ପ୍ୟାରିସ୍,୧୯।୭ (ଏଜେନ୍ସି): ଦୀର୍ଘ ୧୪ ବର୍ଷ ଧରି ଫ୍ରାନ୍ସ ଜାତୀୟ ଫୁଟବଲ ଦଳର ହେଡ୍ କୋଚ୍ ରହିବା ପରେ ଡିଡିଏର ଡେସ୍‌ଚାମ୍ପ



ତାଙ୍କ ପଦରୁ ଅବସର ଗ୍ରହଣ କରିଛନ୍ତି। ଫ୍ରାନ୍ସ ଫୁଟବଲ ମହାସଂଘ ଦ୍ୱାରା ହୋଇଥିବା ଚୁକ୍ତିନାମା ଶେଷ ହୋଇଗଲେ ବା ୨୦୨୬ ବିଶ୍ୱକପ୍ ପରେ ସେ କୋଚ୍ ପଦରୁ ଅବ୍ୟାହତି ନେବେ ବୋଲି ବର୍ଷକ ତଳେ ଘୋଷଣା କରିଥିଲେ। ଏବେ ସେ ତାହାକୁ କାର୍ଯ୍ୟରେ ପରିଣତ କରିଛନ୍ତି। ତାଙ୍କ ପ୍ରଶିକ୍ଷଣ ସମୟରେ ଏକାଧିକ ବିଶ୍ୱସ୍ତରୀୟ ଫରୱାର୍ଡ ତଥା ଅନ୍ୟ ଖେଳାଳି ସୃଷ୍ଟି ହୋଇଥିଲେ ମଧ୍ୟ ଦଳରେ ସନ୍ତୁଳନ ରକ୍ଷା କରିବା ଲାଗି ସର୍ବଦା ସମସ୍ତଙ୍କୁ ସୁଯୋଗ ଦେଇ ନ ଥାନ୍ତି। ଯାହା ଫଳରେ ଅନେକ ଖେଳାଳିଙ୍କ କ୍ୟାରିୟର ଏଭଳି ସୁଯୋଗ ନ ପାଇ ଶେଷ ହୋଇଯାଇଛି। ୨୦୧୨ରେ ସେ ମୁଖ୍ୟ କୋଚ୍ ଦାୟିତ୍ୱ ନେବା ପରେ ଫ୍ରାନ୍ସକୁ ୨୦୧୮ ବିଶ୍ୱକପ୍‌ରେ ଚାମ୍ପିଅନ ଓ ୨୦୨୨ ବିଶ୍ୱକପ୍‌ରେ ରନର୍ସଅପ୍ କରାଇଥିଲେ।

**ମିଆମି ଷ୍ଟାଡିୟମ୍‌ରେ ଗୋଲ୍ ବର୍ଷା**

# ଫ୍ରାନ୍ସକୁ ହରାଇ କାଂସ୍ୟ ଜିତିଲା ଇଂଲଣ୍ଡ

ମିଆମି,୧୯।୭ (ଏଜେନ୍ସି):

ଏଠାରେ ଗତକାଲି ରାତିରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ପ୍ଲେ ଅଫ୍ ମୁକାବିଲାରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରି ତୃତୀୟସ୍ଥାନ ଅଧିକାର କରିଛି। ଫଳରେ ଦୀର୍ଘ ୬୦ ବର୍ଷ ପରେ ଇଂଲଣ୍ଡ ପଦକ ଜିତିବାରେ ସମର୍ଥ ହୋଇଛି। ୧୯୬୬ରେ ଇଂଲଣ୍ଡ ପ୍ରଥମ ତଥା ଶେଷଥର ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ୍‌ରେ ବୁକାୟୋ ସାକାଙ୍କ ହ୍ୟାଟ୍ରିକ୍ ବଳରେ ଇଂଲଣ୍ଡର ଏହି ବୃହତ୍ ବିଜୟ ସମ୍ଭବ ହୋଇଥିଲା। ସେହିପରି ଫ୍ରାନ୍ସ ପକ୍ଷରୁ ଅଧିନାୟକ କିଲିଆନ୍ ଏମ୍‌ବାପେ ୨ଟି ଗୋଲ ଦେବା ସହ ବିଶ୍ୱକପ୍ ଇତିହାସରେ ପ୍ରଥମ ଖେଳାଳି ୨୨ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଉଭୟ ଦଳ ଟାଇଟଲ ଜିତିବାକୁ ଆଶାୟୀ ଥିଲେ। କିନ୍ତୁ ସେମିଫାଇନାଲରେ କଡ଼ା ଲଢ଼େଇ କରିଥିଲେ ମଧ୍ୟ ପରାଜିତ ହୋଇଥିଲା। ସ୍ପେନ୍‌ଠାରୁ ଫ୍ରାନ୍ସ ଓ ଆର୍ଜେଣ୍ଟିନାଠାରୁ ଇଂଲଣ୍ଡ ପରାଜିତ ହେବା ଫଳରେ ବିଶ୍ୱକପ୍ ଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଯାଇଥିଲା। ତୃତୀୟ ସ୍ଥାନ ହାସଲ କରିବା ସହ ଇଂଲଣ୍ଡ କାଂସ୍ୟ ପଦକ ହାସଲ କରିଛି।

ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ପ୍ଲେ-ଅଫ୍ ମୁକାବିଲାରେ ଉଭୟ ଦଳ କିଛି ତାରକା ଖେଳାଳିଙ୍କୁ ବିଶ୍ରାମ ଦେଇ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଚଳିତ ବିଶ୍ୱକପ୍‌ରେ ୬ଟି ଲେଖାଏଁ ଗୋଲ ସ୍କୋର କରିଥିବା ଅଧିନାୟକ ହ୍ୟାରୀ କେନ୍ ଓ ଯୁବ ଖେଳାଳି ଜୁଡ୍ ବେଲିଂହାମ୍‌ଙ୍କୁ ବିଶ୍ରାମ ଦିଆଯାଇଥିଲା। ସେହିପରି ଫ୍ରାନ୍ସର ବାଲନ ଡି'ଅର ପୁରସ୍କାର ବିଜେତା ଓଉସମାନେ ଡେମ୍ବେଲେ ଓ ବ୍ରାଡ୍‌ଲୀ ବାର୍କୋଲାଙ୍କୁ ଆରମ୍ଭରୁ ସୁଯୋଗ ମିଳି ନ ଥିଲା। ଖେଳ




ଆରମ୍ଭର ମାତ୍ର ତୃତୀୟ ମିନିଟ୍‌ରେ ଇଂଲଣ୍ଡର ମିଡ୍‌ଫିଲ୍ଡର ଡେକଲାନ ରାଇସ୍ ଲଙ୍ଗ ରେଞ୍ଜର ସଟ୍ ମାରି ପ୍ରଥମ ଗୋଲ ସ୍କୋର କରିଥିଲେ। ଖେଳର ୧୫ତମ ମିନିଟ୍‌ରେ ଏଜରୀ କୋନ୍‌ସା ହେଡର ଜରିଆରେ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ମ୍ୟାଚ୍‌ରେ ଆରମ୍ଭରୁ ଖେଳୁଥିବା ବୁମାୟୋ ସାକା ଖେଳର ୩୬ ମିନିଟ୍ ଓ ୪୫ତମ ମିନିଟ୍‌ରେ ଦୁଇଟି ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଇଂଲଣ୍ଡ ୪-୦ ଗୋଲରେ ଆଗୁଆ ରହିଥିଲା। ଫିଫା ବିଶ୍ୱକପ୍ ଇତିହାସରେ ଇଂଲଣ୍ଡ ପ୍ରଥମଥର ଏଭଳି ରେକର୍ଡ ଗୋଲରେ ଅଗ୍ରଣୀ ରହିଥିଲା।

ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ଏଭଳି ଦୟନୀୟ ପ୍ରଦର୍ଶନ କରି ନ ଥିଲା। ଦଳ ୪ଟି ଗୋଲରେ ପଛୁଆ ଥିଲେ ମଧ୍ୟ ମ୍ୟାଚ୍ ଜିତିବା କଷ୍ଟକର ଜାଣି ମଧ୍ୟ ଫ୍ରାନ୍ସ ଦ୍ୱିତୀୟାର୍ଦ୍ଧରେ ଆରମ୍ଭରୁ ଘନ ଘନ ଆକ୍ରମଣ କରିଥିଲା। ଏକାଦଶରେ ଫ୍ରାନ୍ସ ୪ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରି ଡେମ୍ବେଲେ, ବାର୍କୋଲ, ପାଉଚେମାନେଙ୍କୁ ଖେଳିବାର ସୁଯୋଗ ଦେବା ଫଳରେ ଖେଳର ସ୍ଥିତି ବଦଳି ଯାଇଥିଲା। ଡେମ୍ବେଲେ ଓ ବାର୍କୋଲାଙ୍କ ସହଯୋଗରେ କିଲିଆନ୍ ଏମ୍‌ବାପେ ୪୮ତମ ମିନିଟ୍‌ରେ ପ୍ରଥମ ଗୋଲ ଶୁଝାଇଥିଲେ।



ସାକାଙ୍କ ହ୍ୟାଟ୍ରିକ୍

ପ୍ରଥମାର୍ଦ୍ଧରେ ଇଂଲଣ୍ଡ ଗୋଲରକ୍ଷକ ଆଣ୍ଡରସନଙ୍କୁ ପରାସ୍ତ କରିବା କଷ୍ଟକର ମନେହେଉଥିଲାବେଳେ ଫ୍ରାନ୍ସର ଫରୱାର୍ଡ ଖେଳାଳି ଦ୍ୱିତୀୟାର୍ଦ୍ଧରେ ତାଙ୍କୁ ଅଣନିଶ୍ୱାସୀ କରି ପକାଇଥିଲେ। ଘନ ଘନ ଆକ୍ରମଣ ପରେ ୫୩ତମ ମିନିଟ୍‌ରେ ବାର୍କୋଲା ଆଉ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ୬୫ତମ ମିନିଟ୍‌ରେ ଏମ୍‌ବାପେ ଚଳିତ ବିଶ୍ୱକପ୍‌ରେ ୧୦ମ ଗୋଲ ଦେବା ପରେ ଇଂଲଣ୍ଡ କିଛିଟା ପ୍ରତିରୋଧ କରିବାରେ ସଫଳ ହୋଇଥିଲା। ଦଳ ମଧ୍ୟ ବେଲିଂହାମ୍‌ଙ୍କ ସମେତ ୩ଜଣ ଖେଳାଳି ବଦଳାଇଥିଲା। ଖେଳର ୮୬ତମ ମିନିଟ୍‌ରେ ପେନାଲ୍ଟି ପାଇଥିବା ଇଂଲଣ୍ଡ ପକ୍ଷରୁ ସାକା ତୃତୀୟ ତଥା ହ୍ୟାଟ୍ରିକ୍ ଗୋଲ ସ୍କୋର କରିବା ଫଳରେ ଇଂଲଣ୍ଡ ୨ ଗୋଲ ବ୍ୟବଧାନରେ ଆଗୁଆ ରହିଥିଲା। ଖେଳ ଶେଷବେଳକୁ ଫ୍ରାନ୍ସ ଗୋଲ ଶୁଝାଇବାକୁ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲା। ଏହା ଫଳରେ ଇଞ୍ଜୁରୀ ଟାଇମ୍ ବା ୯୫ତମ ମିନିଟ୍‌ରେ ଡେମ୍ବେଲେ ଗୋଲ ସ୍କୋର କରି ଖେଳକୁ ଅତିରିକ୍ତ ସମୟ ନେବାର ସମ୍ଭାବନା ସୃଷ୍ଟି କରିଥିଲେ। ଏହାର ୨ ମିନିଟ୍ ପରେ ବେଲିଂହାମ୍‌ଙ୍କ ଏକକ ପ୍ରଚେଷ୍ଟା ବଳରେ ଇଂଲଣ୍ଡ ୬ଷ୍ଠ ଗୋଲ ସ୍କୋର କରିଥିଲା। ଏହି ଗୋଲ ବଳରେ ଇଂଲଣ୍ଡ ୬-୪ରେ ଅଗ୍ରଣୀ ରହିବା ସହ ମ୍ୟାଚ୍‌କୁ ଜିତିନେଇଥିଲା। ଏହି ବିଶ୍ୱକପ୍‌ରେ ବେଲିଂହାମ୍ ୭ଟି ଗୋଲ ସ୍କୋର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ।

## ପ୍ଲେ ଅଫ୍ ମୁକାବିଲାରେ ବିଶ୍ୱକପ୍ ରେକର୍ଡ

ମିଆମି,୧୯।୭ (ଏଜେନ୍ସି): ଫ୍ରାନ୍ସକୁ ୬-୪ ଗୋଲରେ ପରାସ୍ତ କରି ଇଂଲଣ୍ଡ ଏଠାରେ ଅନୁଷ୍ଠିତ ପ୍ଲେ ଅଫ୍ ବା ତୃତୀୟସ୍ଥାନ ଲାଗି ମୁକାବିଲାରେ ବିଜୟୀ ହୋଇଛି। ସେମିଫାଇନାଲରେ ପରାଜୟ ହେଉ କିମ୍ବା ଖେଳାଳିଙ୍କ ମନୋବଳ ବଳରେ ଏହି ମ୍ୟାଚ୍‌ରେ ଏକାଧିକ ବିଶ୍ୱକପ୍ ରେକର୍ଡ ହୋଇଛି କିମ୍ବା ଦୀର୍ଘ ବର୍ଷ ପରେ ପୁନରାବୃତ୍ତି ହୋଇଛି। ଏହି ମ୍ୟାଚ୍‌ରେ ୧୦ଟି ଗୋଲ୍ ହୋଇଛି। ପ୍ରତ୍ୟେକ ଦଳ ଅତିକମ୍‌ରେ ୪ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ଉଭୟ ଦଳ ୪ଟି ଲେଖାଏଁ ଗୋଲ ସ୍କୋର କରିବା ୬୪ବର୍ଷ ପରେ ଦେଖିବାକୁ ମିଳିଛି। ୧୯୬୨ ବିଶ୍ୱକପ୍‌ରେ କଲମ୍ବିଆ ଓ ସୋଭିଏତ ୟୁନିଅନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ୪-୪ ଗୋଲରେ ଡ୍ର ରହିଥିଲା। ଶେଷଥର ବିଶ୍ୱକପ୍‌ରେ ଏହା ଦେଖିବାକୁ ମିଳିଥିଲା।

୧୯୮୨ ପରେ ଖେଳାଯାଇଥିବା ବିଶ୍ୱକପ୍ ମୁକାବିଲାରେ ଏଠାରେ ସର୍ବାଧିକ ଗୋଲ ହୋଇଥିଲା। ୧୯୮୨ ବିଶ୍ୱକପ୍‌ରେ ଏଲ୍‌ସାଲ୍‌ଭାଡରକୁ ୧୦-୧ ଗୋଲରେ ହରାଇବା ଶେଷଥର ଲାଗି ଗୋଟିଏ ବିଶ୍ୱକପ୍ ମ୍ୟାଚ୍‌ରେ ୧୦ଟି ଗୋଲ ହେବାର ରେକର୍ଡ ରହିଥିଲା। ସେହିପରି ପ୍ଲେ ଅଫ୍ ମୁକାବିଲାରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଫଳରେ ଏହି ମ୍ୟାଚ୍‌ରେ ୧୦ଟି ଗୋଲ ହୋଇଥିଲା। ବିଶ୍ୱକପ୍‌ରେ ଏଯାଏ ଖେଳାଯାଇଥିବା ସମସ୍ତ ମ୍ୟାଚ୍‌ରେ ଏହା ସର୍ବାଧିକ। ବିଶ୍ୱକପ୍ ଇତିହାସରେ ମଧ୍ୟ ଇଂଲଣ୍ଡର ସର୍ବବୃହତ୍ ବିଜୟ।

# ପ୍ରଥମ ଭାରତୀୟ ଭାବେ ଜାପାନ ଓପନ୍ ଜିତିଲେ ସିନ୍ଧୁ

ଟୋକିଓ, ୧୯।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସିନ୍ଧୁ ସମ୍ମାନଜନକ ଜାପାନ ଓପନ୍ ଟାଇଟଲ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସିନ୍ଧୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ଘରୋଇ ତାରକା ଅକାନେ ୟାମାଗୁଚିଙ୍କୁ ପରାସ୍ତ କରିଥିଲେ। ତିନିଥରର ବିଶ୍ୱ ବିଜୟିନୀ ୟାମାଗୁଚି ଲଢ଼େଇ କରି ନ ପାରି ମାତ୍ର ୫୦ ମିନିଟ ମଧ୍ୟରେ ପରାସ୍ତ ହୋଇଥିଲେ। ସିନ୍ଧୁଙ୍କ ବିପକ୍ଷରେ ୩୦ତମ ମୁକାବିଲାରୁ ୟାମାଗୁଚିଙ୍କ ଏହା ୧୬ତମ ପରାଜୟ ହୋଇଛି। ଚାମ୍ପିଅନ ହେବା ସହ ସିନ୍ଧୁ ତାଙ୍କ ଟ୍ରଫି ମରୁଡ଼ିର ଅନ୍ତ ଘଟାଇ ୨ ବର୍ଷ ପରେ ପ୍ରଥମ ବିଡବ୍ଲ୍ୟୁଏଫ୍



ଟାଇଟଲ୍ ହାସଲ କରିଛନ୍ତି। ଶେଷଥର ଲାଗି ସିନ୍ଧୁ ୨୦୨୪ରେ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟ ଟାଇଟଲ୍ ଜିତିଥିଲେ। ସେହିଭଳି ୪ ବର୍ଷ ପରେ ବିଦେଶ ମାଟିରେ ସିନ୍ଧୁଙ୍କ ଏହା ପ୍ରଥମ ସଫଳତା ଥିଲା। ଶେଷଥର ଲାଗି ସେ ୨୦୨୨ରେ ସିଙ୍ଗାପୁର ଓପନରେ ଚାମ୍ପିଅନ ହୋଇଥିଲେ। ଅପରପକ୍ଷରେ ୩୧ ବର୍ଷୀୟା ସିନ୍ଧୁଙ୍କ ଏହା ମୋଟ୍ ଉପରେ ଷଷ୍ଠ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ହୋଇଛି।

# ଟି-୨୦ ସିରିଜ ଜିତିଲା ବାଂଲାଦେଶ

ବୁଲାୱାୟୋ, ୧୮।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚକୁ ବାଂଲାଦେଶ ୪ ୱିକେଟରେ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ଡିଅନ ମେୟର୍ସ (୭୩)ଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟରେ ୧୪୩ ରନ କରିଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ତାନଜିଦ ହାସାନ ତମିମ (୫୮ ବଲରେ ୬୬ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨ଟି ବଲ୍ ବାକି ଥାଇ ୬ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ସହ ବାଂଲାଦେଶ ୨-୧ରେ ଟି-୨୦ ସିରିଜ ଜିତିନେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଜିମ୍ବାୱେ ୩୨ ରନରେ ଓ ବାଂଲାଦେଶ ୩୪ ରନରେ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇଥିଲା।

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

ADVERTISEMENT EXECUTIVE

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ଉଷୁ ବିଚାରକ ସେମିନାରରେ ଭାଗନେଲେ ୪୨

ଭୁବନେଶ୍ୱର, ୧୯।୭ (ସମିସ): ଉଷୁ ଆସୋସିଏସନ ଅଫ୍ ଓଡ଼ିଶା ଓ ଖୋର୍ଦ୍ଧା ସଂଘର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଓଡ଼ିଶା ରାଜ୍ୟ ଉଷୁ ବିଚାରକ (ଜଜ୍) ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ୪୨ଜଣ ଜଜ୍ ଭାଗନେଇଥିଲେ। ଏହି ଦୁଇ ଦିନିଆ ସେମିନାରରେ ବିଶେଷଜ୍ଞଙ୍କ ଦ୍ୱାରା ତାଓଲୁ (ଇଭେଣ୍ଟସ୍) ଏବଂ ସ୍ୟାଣ୍ଡ(ଫାଇଟ୍), ବକ୍ତୃତା ଅଧିବେଶନ ସହିତ ଭିଡିଓ ବିଶ୍ଳେଷଣ ଏବଂ ଅନଲାଇନ୍ ପରୀକ୍ଷା ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଆୟୋଜକ ସମ୍ପାଦକ




ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ କ୍ରୀଡ଼ା ବିଭାଗର କ୍ଷଣପ୍ରଭା ମହାନ୍ତି ଓ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ସୂର୍ଯ୍ୟ ନାରାୟଣ ଦାସ ଅତିଥିଭାବେ ଯୋଗଦେଇଥିଲେ।

(ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି)



ସ୍ୱର୍ଗତଃ ମିନତି ସାମନ୍ତରାୟ
ଆବିର୍ଭାବ - ୧୩/୪/୧୯୬୫ / ତିରୋଧାନ - ୩୦/୭/୨୦୨୫

ଆଜି ପୁଣି ସେହି ଦିନ ଫେରିଆସିଛି—
ଯେଉଁ ଦିନ ଆମ ଘରର ଆକାଶରୁ
ଏକ ଉଜ୍ଜ୍ୱଳ ତାରା ନିରବରେ ଅସ୍ତ ହୋଇଗଲା।
ସମୟ ତା'ର ଗତିରେ ଆଗକୁ ବଢ଼ି ଚାଲିଛି,
ଋତୁ ବଦଳିଛି, ବର୍ଷା ଆସିଛି, ଫୁଲ ଫୁଟିଛି, ପୁଣି ଝରି ଯାଇଛି,
କିନ୍ତୁ ତୋର ବିୟୋଗର ଶୂନ୍ୟତା
ଆଜିବି ସେହିପରି ତାଜା, ସେହିପରି ଗଭୀର।
-: ଶୋକସନ୍ତପ୍ତ :-
( ବାପା,ଟୁକୁନା,ଲୀନା,ବାବୁଲି,ବୁଦ୍ଧ, କୁନ୍ ପୁନ୍, ଚିନ୍ତୁ , ବନ୍ଦନା, ଚୁମକି)

# ଲର୍ଡ୍ସରେ ସର୍ବବୃହତ୍ ସ୍କୋର୍

ଲଣ୍ଡନ, ୧୯।୭ (ଏଜେନ୍ସି): ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା

**ତୃତୀୟ ଦିନିକିଆ: ଡକେଟଙ୍କ ଶତକ**



ଇଂଲଣ୍ଡ ଓପନର ବେନ୍ ଡକେଟଙ୍କ ମାରାଥନ ଶତକୀୟ ପାଳି ବଳରେ ୫୦ ଓଭରରେ ୩ ୱିକେଟ ହରାଇ ୩୮୭ ରନର ବିଶାଳ ସ୍କୋର କରିଛି। ଜବାବରେ ଏହି ଚ୍ୟାଲେଞ୍ଜପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ଶେଷ ଖବର ସୁଦ୍ଧା ୨୦ ଓଭରରେ କୌଣସି ୱିକେଟ୍ ନହରାଇ ୧୦୯ ରନ କରିଛି। ଦୁଇ ଓପନର୍ ରୋହିତ୍ ଶର୍ମା ୪୫ ବଲରେ ୪୨ ଓ ଅଧିନାୟକ ଶୁବମନ ଗିଲ୍ ୭୫ ବଲରେ ୬୫ ରନ କରି ଖେଳୁଛନ୍ତି। ସିରିଜ ୧-୧ରେ ସମାନସ୍ତରରେ ରହିଥିବାରୁ ଏଠାରେ ବିଜୟୀ ହୋଇ ଉଭୟ ଦଳ ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି।

ପୂର୍ବରୁ ଇଂଲଣ୍ଡ ଟପ୍ ଅର୍ଡରର ସଫଳତା ବଳରେ ୩ ୱିକେଟରେ ୩୮୭ ରନର ପାହାଡ଼ ଭଳି ସ୍କୋର ଠିଆ କରିଥିଲା। ଡକେଟ ୧୩୫ ବଲରେ ସର୍ବାଧିକ ୧୪୧ ରନ କରିଥିଲେ। ସେହିଭଳି ଅନ୍ୟତମ ଓପନର ଜାକବ ବେଥେଲ ୯୧, ଅଧିନାୟକ ଜୋ ରୁଟ୍ ୪୮ ବଲରେ ୭୪ ରନର ଅପରାଜିତ ପାଳି ଖେଳିଥିଲେ। ଜୋଶ ବଟଲର ୩ଟି ଛକା ଓ ୪ଟି ଚୌକା ବଳରେ ୧୩ ବଲରୁ ୪୧ ରନ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ୱିକେଟ୍ ନେଇଥିଲେ। ଲର୍ଡ୍ସ ଗ୍ରାଉଣ୍ଡରେ ଦିନିକିଆରେ ଏହା ସର୍ବବୃହତ୍ ସ୍କୋର ହୋଇଛି। ପୂର୍ବରୁ ୧୯୭୫ରେ ସମାନ ଭାରତ ବିପକ୍ଷରେ ଇଂଲଣ୍ଡ ୪ ୱିକେଟରେ ୩୩୪ ରନ କରିଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS